# ଧରିତ୍ରୀ
DHARITRI


ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୮/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, April 18/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୧୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 143 | ମୂଲ୍ୟ ₹୭/-






KAMLA PASAND
Anokha Swad
KP GROUP
Quality Since 1965
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : f YouTube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.

# ଧରିତ୍ରୀ
DHARITRI

ଧରିତ୍ରୀ 51 Years




# ୱାକ୍ଫରେ ସ୍ଥିତାବସ୍ଥା, ନିଯୁକ୍ତି ହେବନି

## କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ସରକାରଙ୍କୁ ଜବାବ ଦାଖଲ ପାଇଁ ୭ଦିନ ସମୟ

ୱାକ୍ଫ (ସଂଶୋଧନ) ଆଇନ-୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଆବେଦନକାରୀମାନଙ୍କୁ ଗୁରୁବାର ସାମୟିକ ଆଶ୍ୱସ୍ତି ମିଳିଛି। ନୂଆ ୱାକ୍ଫ ଆଇନ ବିରୋଧରେ ଦାଖଲ ହୋଇଥିବା ୭୩ଟି ପିଟିଶନ ଉପରେ ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍ ଏବଂ ପି.ଭି. ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ବୁଧବାରଠାରୁ ଶୁଣାଣି ଚଳାଇ କେନ୍ଦ୍ର ସରକାରଙ୍କୁ ଏକାଧିକ ପ୍ରଶ୍ନରେ ଘେରିଛନ୍ତି। ଆବେଦନକାରୀମାନେ ନୂଆ ସଂଶୋଧନ ଆଇନକୁ ଅସାମ୍ବିଧାନିକ ଦର୍ଶାଇ ଏହା ଉପରେ ରୋକ ଲଗାଇବାକୁ ନିବେଦନ କରିଥିବାବେଳେ ସର୍ବୋଚ୍ଚ ଅଦାଲତ




ଗୁରୁବାର କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ ପାଇଁ ୭ ଦିନ ଦେଇଛନ୍ତି। ତେବେ ମେ' ୫ରେ ପରବର୍ତ୍ତୀ ଶୁଣାଣି ହେବା ଯାଏ ନୂଆ ୱାକ୍ଫ ଆଇନର କେତେକ ବ୍ୟବସ୍ଥା ଉପରେ ଖଣ୍ଡପୀଠ ସ୍ଥଗିତାଦେଶ ଦେଇଛନ୍ତି। ତଦନୁଯାୟୀ ସେଣ୍ଟ୍ରାଲ ୱାକ୍ଫ କାଉନସିଲ କିମ୍ବା ବୋର୍ଡରେ ଅଣମୁସଲମାନଙ୍କୁ ନିଯୁକ୍ତି ଦିଆଯାଇପାରିବ ନାହିଁ। 'ୱାକ୍ଫ ବାଏ ଡିଡ୍' ଏବଂ 'ୱାକ୍ଫ ବାଏ ୟୁଜର' ସମ୍ପତ୍ତିକୁ ମଧ୍ୟ ରଦ୍ଦ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ଏଭଳି ସ୍ଥିତାବସ୍ଥା ଜାରି ନିର୍ଦ୍ଦେଶରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସମ୍ମତି ଜଣାଇଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ସଂସଦରେ ସଂଖ୍ୟାବଳ ସବୁକିଛି ନୁହେଁ, ଲୋକ ସଭା ଓ ରାଜ୍ୟ ସଭାର ସଂଖ୍ୟାଧିକ ସଦସ୍ୟଙ୍କ ଦ୍ୱାରା ପାରିତ ଆଇନର ବିଭିନ୍ନ ଦିଗକୁ ନେଇ ଆଇନଗତ ତର୍ଜମା କରାଯାଇପାରେ। ମୁସଲିମ୍ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଦାନ ସମ୍ପତ୍ତିର ପରିଚାଳନା ପାଇଁ କେନ୍ଦ୍ର ସରକାର ଆଣିଥିବା ନୂଆ ୱାକ୍ଫ ଆଇନ କ୍ଷେତ୍ରରେ ଗୁରୁବାର ସୁପ୍ରିମକୋର୍ଟ ଯେଉଁ ସାମୟିକ ଅଙ୍କୁଶ ଲଗାଇଛନ୍ତି, ସେଥିରୁ ଏହା ସ୍ପଷ୍ଟ ହେଉଛି। ଏହାସହ ଆଇନରେ ଥିବା ଦୁର୍ବଳ ଦିଗଗୁଡ଼ିକୁ ଦର୍ଶାଉଛି। ଅନ୍ୟପକ୍ଷରେ ଉକ୍ତ ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତଙ୍କ ସ୍ଥିତାବସ୍ଥା ବଜାୟ ନିର୍ଦ୍ଦେଶକୁ କଂଗ୍ରେସ ଇଣ୍ଡିଆ ମେଣ୍ଟର ବିଜୟ ଭାବେ ଅଭିହିତ କରିଛି। ସରକାର ସଂସ୍କାର ଆଳରେ ପ୍ରତିଶୋଧମୂଳକ ପଦକ୍ଷେପ ନେଇଥିବା ବିରୋଧୀ ଦଳ କହିଛି।

**ନୂଆଦିଲ୍ଲୀ,୧୭।୪(ପି.ଟି.)**

ନୂଆ ୱାକ୍ଫ ଆଇନ ବିରୋଧରେ ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣିବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଆମେ ସରକାର ଏବଂ ସଂସଦ ଭାବେ ଲୋକଙ୍କ ପାଖରେ ଉତ୍ତରଦାୟୀ। 'ୱାକ୍ଫ ବାଏ ୟୁଜର' ସମ୍ପର୍କରେ ଅଦାଲତ ଯଦି କିଛି କହିବେ, ତେବେ ଏହାର ପରିଣାମ କ'ଣ ହେବ ବୋଲି ମେହଟ୍ଟା କହିଥିଲେ। ୧୯୯୫ରୁ ପ୍ରଚଳିତ ଆଇନରେ ଯଦି କୌଣସି ୱାକ୍ଫ ସମ୍ପତ୍ତି ପଞ୍ଜୀକୃତ ହୋଇଥାଏ, ତେବେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେଗୁଡ଼ିକର ବିଜ୍ଞପ୍ତି ରଦ୍ଦ ହୋଇପାରିବ ନାହିଁ ବୋଲି ସିଜେଆଇ କହିଥିଲେ। ଅନ୍ୟପକ୍ଷରେ ଏତେଗୁଡ଼ିଏ ପିଟିଶନ୍‌ର ଶୁଣାଣି ଏକକାଳୀନ ହେବା ସମ୍ଭବ ହେଉ ନ ଥିବାରୁ ସେଥିରୁ କେବଳ ୫ଟି ଉପରେ ଯୁକ୍ତି ରଖିବାକୁ ଆଇନଜୀବୀମାନେ ନିଷ୍ପତ୍ତି ନିଅନ୍ତୁ ବୋଲି ଖଣ୍ଡପୀଠ କହିଥିଲେ। ଧର୍ମୀୟ ବା ଦାତବ୍ୟ କାର୍ଯ୍ୟ ଉଦ୍ଦେଶ୍ୟରେ ମୁସଲିମମାନଙ୍କ ଦାନ ସମ୍ପତ୍ତିର ପରିଚାଳନା ପାଇଁ ୧୯୯୫ରୁ ପ୍ରଚଳିତ ୱାକ୍ଫ ଆଇନରେ କେନ୍ଦ୍ର ସରକାର ସଂଶୋଧନ ଆଣିଛନ୍ତି। ନୂଆ ୱାକ୍ଫ ସଂଶୋଧନ ବିଧେୟକ ଏପ୍ରିଲ ୩ରେ ଲୋକ ସଭା ଓ ୪ରେ ରାଜ୍ୟ ସଭାରେ ପାରିତ ହେବା ପରେ ୫ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଛି। ଗତ ୮ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସରକାର ଉକ୍ତ ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର ଅଧିକାର ଛଡ଼ାଇନେବାକୁ ଉଦ୍ୟମ କରୁଥିବା ଦର୍ଶାଇ ଏହାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି, ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି), ଜମାଏତ୍ ଉଲାମା-ଇ-ହିନ୍ଦ୍, ଡିଏମ୍‌କେ, କଂଗ୍ରେସ ଏମ୍‌ପି ଇମ୍ରାନ୍ ପ୍ରତାପଗଡ଼ି ଏବଂ ମହମ୍ମଦ ଜାୱେଦଙ୍କ ସମେତ ବିଭିନ୍ନ ପକ୍ଷଙ୍କ ତରଫରୁ ମୋଟ ୭୩ଟି ପିଟିଶନ ଦାଖଲ ହୋଇଛି। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଯେପରି କୌଣସି ରାୟ ପ୍ରକାଶ ପୂର୍ବରୁ କେନ୍ଦ୍ରର ଯୁକ୍ତିକୁ ମଧ୍ୟ ଶୁଣିବେ ତାହା ସୁନିଶ୍ଚିତ କରିବା ପାଇଁ ସରକାର ଏପ୍ରିଲ ୮ରେ ଏକ କ୍ୟାଭେଟ୍ ଦାଖଲ କରିଛନ୍ତି।

**ଆଜିର ସମ୍ପାଦକୀୟ**

ଟେକ୍ କମ୍ପାନୀର ଏକ ଚାଟିଆ କ୍ଷମତା



ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୯ଟି ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରୁଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଭୂତିଭୂଷଣ ଜେନା, ଗଣେଶ ରାମସିଂ ଖୁଣ୍ଟିଆ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ପୁରୀ ଏମ୍‌ପି ସମ୍ବିତ ପାତ୍ର।

# ୨ ବର୍ଷରେ ସରିବ ୩ ଲକ୍ଷ କୋଟିର ପ୍ରକଳ୍ପ କାମ: ଗଡ୍‌କରୀ

## ଓଡ଼ିଶା ରାସ୍ତାର ଭିତ୍ତିଭୂମି ଆମେରିକା ଭଳି ହେବ

**ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)**

ଓଡ଼ିଶାରେ ଯେତେସବୁ ହାଇୱେ ପ୍ରକଳ୍ପ କାମ ଚାଲିଛି ତାହାର ମୂଲ୍ୟ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ହେବ। ୬୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାମ ଶେଷ ହେଲାଣି। ଆଉ ୬୦ ହଜାର କୋଟି ଟଙ୍କାର କାମ ଏବେ ଚାଲିଛି। ପରେ ୭୫ ହଜାର କୋଟି ଟଙ୍କାର କାମ ଆରମ୍ଭ ହେବ। ୪୦ ହଜାର କୋଟି ଟଙ୍କା କାମର ଡିପିଆର୍ ପ୍ରସ୍ତୁତ ଚାଲିଛି। ଆସନ୍ତା ୨ ବର୍ଷ ଭିତରେ ଓଡ଼ିଶାରେ ୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବ। ଓଡ଼ିଶା ରାସ୍ତାର ଭିତ୍ତିଭୂମି ଆମେରିକା ଭଳି ହେବ। ଓଡ଼ିଶା ପାଇଁ ଯେତେ ପ୍ରକଳ୍ପ କରିବାକୁ ପ୍ରସ୍ତାବ ଆସିବ ସବୁ ମଞ୍ଜୁର ହେବ। ଗୁରୁବାର ଓଡ଼ିଶା ପାଇଁ ୧୫୪ କି.ମି. ଦୀର୍ଘ ଓ ୪ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କରିବା ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ଘୋଷଣା କରିଛନ୍ତି।

ଗଡକରୀ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି, ଜଗନ୍ନାଥଙ୍କ ଭୂମିକୁ ଆସିବାର ସୁଯୋଗ ମିଳିଥିବାରୁ ଧନ୍ୟ ମନେ କରୁଛି। ରାଜ୍ୟର ବିକାଶ କରିବାକୁ ହେଲେ ସଡ଼କ ପଥର ଭିତ୍ତିଭୂମିର ଉନ୍ନତି ଆବଶ୍ୟକ। ରାଞ୍ଚି-ସମ୍ବଲପୁର ଦ୍ୱିତୀୟ କରିଡର ୮ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ। ଚଣ୍ଡିଖୋଲ-ପାରାଦୀପ କରିଡର ୨୦୨୬ ଡିସେମ୍ବର ସୁଦ୍ଧା ଶେଷ ହେବ। ଏହାଦ୍ୱାରା ୨ ଘଣ୍ଟାର ଯାତ୍ରା ହ୍ରାସ ପାଇ ୧ ଘଣ୍ଟା ମଧ୍ୟରେ ରହିବ। ସେହିପରି ୪ ଘଣ୍ଟାରେ କଟକରୁ ସମ୍ବଲପୁର ପହଞ୍ଚି ହେବ। ଭୁବନେଶ୍ୱରରେ ୬ ଲେନ୍ ରିଂ ରୋଡ୍ କାମ ଆରମ୍ଭ ହେବ। କ୍ୟାବିନେଟ୍ ମଞ୍ଜୁରୀ ପରେ ୭ ହଜାର କୋଟି ଟଙ୍କାର ଏହି କାମ ଆରମ୍ଭ ହେବ। ଭୁବନେଶ୍ୱରରୁ ପୁରୀକୁ ୬ ଲେନ୍ ରାସ୍ତା ସମ୍ପ୍ରସାରଣ କରାଯିବ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ସମୟରେ ଏହି ପ୍ରସ୍ତାବ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଇ ଦିଲ୍ଲୀ ଯିବା ପରେ ଅଧିକାରୀମାନଙ୍କ ସହ ବୈଠକକରି ବହୁ ଭଲ ବ୍ୟବସ୍ଥା କରାଯିବ ବୋଲି ଗଡ଼କରୀ କହିଛନ୍ତି। ଅଧ ମିନିଟ୍ ଭିତରେ ଚାର୍ଜ ହେଉଥିବା ଫ୍ଲାସ୍ ଚାର୍ଜିଂ ବସ୍ ପାଇଲଟ୍ ପ୍ରୋଜେକ୍ଟ ଭାବେ ନାଗପୁରରୁ ଆରମ୍ଭ ହୋଇଛି। ସେଠାରେ ଏହା ସଫଳ ହେଲେ ଭୁବନେଶ୍ୱର, କଟକରୁ ପୁରୀକୁ ଏହି ବସ୍ ଚଳାଚଳ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଏହି ଡବଲ ଡେକର ବସ୍‌ରେ ୧୩୫ଟି ସିଟ୍ ରହିବ। ସମସ୍ତଙ୍କ ସିଟ୍ ସାମ୍ନାରେ ଟିଭି ରହିବ। ଏୟାର ହୋଷ୍ଟେସ୍ ପରି ବସ୍ ହୋଷ୍ଟେସ୍ ମଧ୍ୟ ରହିବେ। ସମସ୍ତେ ଭାବୁଥିବେ ଏହା ହେବ ନା ନାହିଁ, ମିଡିଆ ରେକର୍ଡ କରୁଛି। ଯାହା କହନ୍ତି ତାହା କରି ଦେଖାନ୍ତି ବୋଲି ଗଡକରୀ କହିଛନ୍ତି। ସାଗରମାଳା ଯୋଜନାରେ ପାରାଦୀପ ବନ୍ଦରରେ ଅନେକ କାମ ହୋଇଛି। ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, ନୟାଗଡ଼, ଝାରସୁଗୁଡ଼ାରେ ବାଇପାସ୍ ହେବ ବୋଲି ଗଡ଼କରୀ କହିଛନ୍ତି। କାର୍ଯ୍ୟକ୍ରମରେ ୭୯୫ କୋଟିର ତାଳଚେର-କାମାକ୍ଷାନଗର ୪ ଲେନ୍ ରାସ୍ତା ଏବଂ ଏନ୍‌ଏଚ୍-୧୬ ଅନ୍ତର୍ଗତ ୩ଟି ଭେହିକିଲ୍ ଅଣ୍ଡରପାସ୍ ଲୋକାର୍ପଣ ହେବା ସହ ସେ ୧୭ ପ୍ରକଳ୍ପର ଭୂମିପୂଜନ କରିଛନ୍ତି। ଏହିପରି ମୋଟ ୧୧୦ କି.ମି. ଦୀର୍ଘ ଏହି ପ୍ରକଳ୍ପଗୁଡ଼ିକ ପାଇଁ ୩୩୩୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ଉପମୁଖ୍ୟମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-09: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୨୧।୦୪।୨୦୨୫ରିଖ (ସୋମବାର) ଦିନ ସକାଳ ୮ ଘଟିକା ସମୟରେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି, ସମ୍ବଲପୁରଠାରେ** ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା୧୭।୦୪।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ନିଜର ଅଭିଯୋଗ ପତ୍ର ଦାଖଲ କରି ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନ ଯଥା **ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି, ସମ୍ବଲପୁରଠାରେ** ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**


OIPR-09014/11/0091/2526



DADLS-15



ସତ୍ୟମେବ ଜୟତେ



**ପବିତ୍ର ଗୁଡ୍ ଫ୍ରାଇଡ଼େ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମ୍ପାଟି)



**ଗୁଡ୍ ଫ୍ରାଇଡ଼େ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଶୁଭ ଶୁକ୍ରବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ମାନବ ସମାଜର କଲ୍ୟାଣ ପାଇଁ, ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗ ବିଶ୍ୱରେ ଶାନ୍ତି ଓ ଭାତୃତ୍ୱର ମହାନ ଚିନ୍ତାଧାରାକୁ ବ୍ୟାପକ କରିଛି । ଆସନ୍ତୁ, ଏହି ପବିତ୍ର ଦିବସର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0548/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଐତିହ୍ୟ ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ଐତିହ୍ୟ ଦିବସ ଅବସରରେ ଐତିହ୍ୟ ପଦଯାତ୍ରା, ସ୍ଥାନ: ଉତ୍ତରେଶ୍ୱର ଘାଟ, ବିନ୍ଦୁସାଗର, ସମୟ: ସକାଳ ୭ଟା ୧୫।
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେଶନ ସମୂହ ପକ୍ଷରୁ ୪ଟି ଶ୍ରମ କୋଡ ବାତିଲ ଦାବିରେ ରାଜ୍ୟ ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ପୁରୀ ଲିଟେରାରୀ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ତାଜ, ବଳିଆପଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ସୟଦନା ସେଖ ଅହମ୍ମଦ ପୀର ବାବାଙ୍କ ବାର୍ଷିକ ଉର୍ସର ଉଦ୍‌ଯାପନୀ ଦିବସ, ସ୍ଥାନ: ପୀର ବାବାଙ୍କ ଆସ୍ଥାନ, ସୁନହଟ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଜହତା ଶିବ ମନ୍ଦିର ପଡ଼ିଆ, ରୂପସା, ସମୟ: ଦିବସବ୍ୟାପୀ।
- ସାମୂହିକ ଅଷ୍ଟମ ପ୍ରହରୀ ଉତ୍ସବ, ସ୍ଥାନ: ବଣା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ବେସବଲ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସିମୁଳିଆ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ରେଳଷ୍ଟେଶନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଫକୀରମୋହନ ପ୍ରିମିୟର ଲିଗ୍ ସିଜନ-୩ର ଉଦ୍‌ଯାପନୀ ଦିବସ, ସ୍ଥାନ: କଲେଜ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ନବମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ହନୁମାନ ମୂର୍ତ୍ତି ପ୍ରତିଷ୍ଠା, ସ୍ଥାନ: ଷୋଳମପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଆକ୍ଟିଭ ମେମ୍ବର କର୍ମଶାଳା, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ୟା ବିପର୍ଯ୍ୟୟ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ବାରିପଦା, ସମୟ: ସକାଳ ୯ଟା।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ଶିମିଳିପାଳ ସୁରକ୍ଷାକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାରାଉଳ ମଠ ସନ୍ନିକଟ ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ମହୋତ୍ସବର ନାଟକ 'ଅଭିଶପ୍ତ ଆୟୁଷ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମଜ୍‌ଦୁର ସଂଘ ପକ୍ଷରୁ ଶ୍ରମିକ ସୁରକ୍ଷା ସମାବେଶ, ସ୍ଥାନ: ଜୟଦେବ ଭବନ ପାଖ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା।
- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ମା' ମଙ୍ଗଳାଙ୍କ ନଗର କୀର୍ତ୍ତନ, ସ୍ଥାନ: କଣ୍ଟିଲୋ ହରିସୁବୁଦ୍ଧି ପାଟଣା, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ଓ ନାମଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ହରି ସୁବୁଦ୍ଧିପାଟଣାର ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା।
- ପୂର୍ବତନ ବିଧାୟକ ସତ୍ୟ ସୁନ୍ଦର ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: କଣ୍ଟିଲୋ ନୀଳାମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଣା ସଂକ୍ରାନ୍ତି ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ତ୍ରୟୋଦଶ ଦିବସରେ ଶ୍ରୀରାମ ବିଳାପ ଓ ଶବରୀ ମୋକ୍ଷ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ଭରତ ମିଳନ, ବିରାୟୁଧ ବଧ ଓ ବେଢ଼ାବୁଲା, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ: ରାତି ୧୦ଟା।

## ରାୟଗଡ଼ା

- କଳିଙ୍ଗ ବୈଶ୍ୟ ସଂଘର ୩ ଦିନ ବ୍ୟାପି ସାମୂହିକ ବ୍ରତୋପନୟନ, ସ୍ଥାନ: କନ୍ୟାକା ପରମେଶ୍ୱରୀ ମନ୍ଦିର, ଗୁଣପୁର, ସମୟ: ସକାଳ ୮ ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଡାରି
- ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ହନୁମାନ ମନ୍ଦିର ପରିସର, ହାଲ୍ ସୁନାବେଡା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଶୁଭାରମ୍ଭ, ସ୍ଥାନ : ପଡିଆବାହାଲ ସରକାରୀ ଡାକ୍ତରଖାନା ରାସ୍ତା, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ଯଜ୍ଞର କୁଣ୍ଡ ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଗୁଡ ଫ୍ରାଇଡେ ଉପଲକ୍ଷେ ସ୍ୱତନ୍ତ୍ର ପ୍ରାର୍ଥନା, ସ୍ଥାନ : ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ସମୟ : ଅପରାହ୍ନ ୪ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ପ୍ରାତଃ ନଗର ସଂକୀର୍ତ୍ତନ, ସ୍ଥାନ: ବାସନ୍ତୀ କଲୋନି, ସମୟ: ସକାଳ ୫ଟା।
- ଗୁଡ୍ ଫ୍ରାଇଡେ ପାଳନ, ସ୍ଥାନ: ଆର୍‌ସି ଚର୍ଚ୍ଚ, ଝିରପାଣି, ସମୟ: ସକାଳ ୬ଟା।
- ପାନୀୟ ଜଳ ସମସ୍ୟା ନେଇ ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳପଡା ବସ୍ତିର ପାନୀୟ ଜଳ ସ୍ଥିତି ସମୀକ୍ଷା ବୈଠକ, ସ୍ଥାନ: ଉଦିତନଗର, ଶୀତଳପଡା ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଆଧୁନିକ ବିଜ୍ଞାନରେ ଆଧାତ୍ମିକ ବିବର୍ତ୍ତନ ଆଲୋଚନାଚକ୍ର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ, ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଡୁଙ୍ଗୁରିପାଲି, ପଦ୍ମପୁର, ସମୟ: ସକାଳ ୮ଟା।
- ଗଣଦୃଷ୍ଟି ପାଠଶାଳା, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ, ସ୍ଥାନ: ଭବାନୀପାଟଣା ଶିକ୍ଷକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଅକ୍ଷୟ ତୃତୀୟା ପାଳନ ଉପରେ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗୁଡା ରାଧାକୃଷ୍ଣ ମନ୍ଦିର, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ତ୍ରୟୋଦଶ ଦିବସ ନାଟକ ତରଣୀସେନ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ତ୍ରୟୋଦଶ ଦିବସ ନାଟକ ମହୀରାବଣ ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି, ମା କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମାରୁତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ସୋନପୁର ସହର ପଟାଭାଡି ସ୍ଥିତ ମାରୁତି ନଗର, ସମୟ: ସକାଳ ୯ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ପଦ୍ମପୁର ଗାଁ, ସମୟ ସକାଳ ୮ଟା ୧୫।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ ଓ ଧର୍ମସଭା, ସ୍ଥାନ: ଖଡିଆଳ ବ୍ଲକ ପଦ୍ମପୁର ଗାଁ, ସମୟ: ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୪ଟା।
- ଶ୍ରୀ ଶ୍ରୀ ବିଶ୍ୱମୟଙ୍କ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ଚଲାନପଡା ଗାଁ, ସମୟ: ସକାଳ ୯ଟା ୦୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ବ୍ଲକ ଅଁଳାୟୁବା ଗାଁ, ସମୟ: ସକାଳ ୯ଟା ୧୫।
- ଯୋଗବେଦାନ୍ତ ସେବା ସମିତି ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମ ଜାମିଳି ନୂଆପଡ଼ା ପକ୍ଷରୁ ଛାତ୍ରୀ ଉଜ୍ଜ୍ୱଳ ଭବିଷ୍ୟ ନିର୍ମାଣ ଶିବିର, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା ଛାତ୍ରାବାସ, ସମୟ: ଅପରାହ୍ନ ୪ଟା।
- ଯୋଗବେଦାନ୍ତ ସେବା ସମିତି ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମ ଜାମିଳି ନୂଆପଡା ପକ୍ଷରୁ ଛାତ୍ରୀ ଉଜ୍ଜ୍ୱଳ ଭବିଷ୍ୟ ନିର୍ମାଣ ଶିବିର, ସ୍ଥାନ: ନୂଆପଡ଼ା ବ୍ଲକ ସିଆଳଟି ଆଶ୍ରମ ବିଦ୍ୟାଳୟ, ସମୟ: ସକାଳ ୮ଟା।

# 'ଆମ ଶିମିଳିପାଳ ଯୋଜନା'ର ସଫଳ କାର୍ଯ୍ୟକାରୀତା ନେଇ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୧୭।୪(ବନ୍ଦନା ସେଠୀ)

ଶିମିଳିପାଳ ଆମ ରାଜ୍ୟର ଗର୍ବ ଓ ଗୌରବ। ଓଡ଼ିଶା ସମେତ ସମଗ୍ର ଦେଶରେ ଏହାର ଅନନ୍ୟ ଜୈବବିବିଧତା ସୁନାମ ଆଣି ଦେଇଛି। ଶିମିଳିପାଳକୁ ଖୁବ୍‌ଶୀଘ୍ର ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି। ଗୁରୁବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ 'ଆମ ଶିମିଳିପାଳ ଯୋଜନା'ର ଫଳପ୍ରଦ କାର୍ଯ୍ୟକାରୀତା ଉପରେ ଆଲୋଚନା କରାଯାଇଥିଲା। ଶିମିଳିପାଳରେ ବାଘ ଏବଂ ହାତୀ ସମେତ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ, ୩୦୪ ପ୍ରଜାତିର ପକ୍ଷୀ, ୨୦ ପ୍ରଜାତିର ଉଭୟଚର ପ୍ରାଣୀ, ୬୨ ପ୍ରଜାତିର ସରୀସୃପ, ୧୦୭୬ ଫୁଲ ପ୍ରଜାତି ଏବଂ ୯୬ ପ୍ରଜାତିର ଅର୍କିଡ ରହିଛନ୍ତି। ତେବେ ଏହି ଅଞ୍ଚଳ ଜଙ୍ଗଲ କ୍ଷୟ, ବିସ୍ଥାପନ, ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ଅଭାବ ଆଦି ଚ୍ୟାଲେଞ୍ଜର ମଧ୍ୟ ସମ୍ମୁଖୀନ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

'ଆମ ଶିମିଳିପାଳ ଯୋଜନା'ରେ ଜନଜାତି ସମ୍ପ୍ରଦାୟଗୁଡିକର ଆର୍ଥିକ ଉନ୍ନତି ନିମନ୍ତେ ପ୍ରତିଷ୍ଠାନ ନିର୍ମାଣ, ପ୍ରାକୃତିକ ସମ୍ପଦ ଏବଂ ଜୈବ ବିବିଧତାର ସୁପରିଚାଳନା, ବନ୍ୟଜନ୍ତୁ ବାସସ୍ଥାନ ଉନ୍ନତି ଏବଂ ପରିଚାଳନା, ମଣିଷ-ପ୍ରାଣୀ ସଂଘର୍ଷ ପ୍ରଶମନ ପାଇଁ ପଦକ୍ଷେପ, ପରିବେଶ ସଂରକ୍ଷଣ ପଦକ୍ଷେପ, ସମ୍ପ୍ରଦାୟଭିତ୍ତିକ ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହନ, ଫାର୍ମ ବନୀକରଣ, ଦକ୍ଷତା ବୃଦ୍ଧି, ସର୍କଲସ୍ତରୀୟ ସେଲ୍ ଗଠନ, ଡିଏମ୍‌ୟୁ ଏବଂ ଏଫ୍‌ଏମ୍‌ୟୁ ଗଠନ ଓ ପ୍ରକଳ୍ପ କର୍ମଚାରୀଙ୍କୁ ତାଲିମ, ସର୍ଭେ ଏବଂ ସୀମା ନିର୍ଦ୍ଧାରଣ, ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟି ଗଠନ, ଲାଇନ ବିଭାଗଗୁଡିକର ବିଭିନ୍ନ ଜୀବିକା ଯୋଜନା ପାଇଁ ହିତାଧିକାରୀ ଚିହ୍ନଟ ଓ ଚୟନ, ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟି ପାଇଁ ପ୍ରତ୍ୟେକ ଗ୍ରାମରେ ସ୍ଥାନ ଚିହ୍ନଟ ଓ ସେଠାରେ ଘର ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। ବୈଠକରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ସମ୍ବନ୍ଧରେ ପ୍ରକଳ୍ପ ନିର୍ଦ୍ଦେଶକ ମିତା ବିଶ୍ୱାଳ ଆଲୋକପାତ କରିଥିଲେ। ରାଜ୍ୟରେ ସମୁଦାୟ ୧୬,୧୬୯ଟି ବନ ସୁରକ୍ଷା ସମିତି ରହିଥିବାବେଳେ ହି ନୂତନ ପ୍ରକଳ୍ପ ଅଧୀନରେ ୩୨ଟି ଆଞ୍ଚଳିକ ବନ ଡିଭିଜନରେ ପ୍ରାୟ ୩୬୦୦ଟି ବନ ସୁରକ୍ଷା ସମିତି ଅନ୍ତର୍ଭୁକ୍ତ ହେବାର ପ୍ରସ୍ତାବ ରହିଛି ବୋଲି ସେ ମତ ରଖିଥିଲେ। ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନନ୍ଦୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଲ୍ଲୀ ବିଧାନସଭା ଆପଣାଇବ ଓଡ଼ିଶା 'ନେଭା' ମଡେଲ:ବିଜେନ୍ଦ୍ର

ଭୁବନେଶ୍ୱର,୧୭।୪ (ରବିନାରାୟଣ ଜେନା)

ଦେଶର ରାଜଧାନୀ ଦିଲ୍ଲୀ ବିଧାନସଭା ଆଗାମୀ ଦିନରେ ଓଡ଼ିଶାର 'ନେଭା' ମଡେଲ ଆପଣାଇବ। ଆସନ୍ତା ଜୁଲାଇରେ ହେବାକୁ ଥିବା ମୌସୁମୀ ଅଧିବେଶନ କାଳରେ ଦିଲ୍ଲୀ ବିଧାନସଭାରେ କାଗଜମୁକ୍ତ ଇ-ବିଧାନସଭା ତଥା ନେଭା ପୋର୍ଟାଲ କାର୍ଯ୍ୟକ୍ଷମ ହେବ ବୋଲି ଦିଲ୍ଲୀ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା କହିଛନ୍ତି। ଗୁରୁବାର ରାଜ୍ୟ ଅତିଥି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେନ୍ଦ୍ର କହିଥିଲେ, ଦେଶରେ ଗୁଜରାଟ, ତାମିଲନାଡୁ, ବିହାର, ପଞ୍ଜାବ, ନାଗାଲାଣ୍ଡ, ତ୍ରିପୁରା ଓ ସିକ୍କିମ ଭଳି ରାଜ୍ୟର ବିଧାନସଭାରେ ଇ-ବିଧାନସଭା କାର୍ଯ୍ୟକ୍ଷମ ହୋଇଥିଲେ ହେଁ ଓଡ଼ିଶାରେ ଏହାର ସର୍ବୋତ୍ତମ ଉପଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ ଆଭିମୁଖ୍ୟକୁ ଅନୁସରଣ କରି ଫେବୃଆରୀରେ ଓଡ଼ିଶା ବିଧାନସଭାରେ ଉଦ୍‌ଘାଟନ ହୋଇଥିବା 'ନେଭା' ପୋର୍ଟାଲରେ ଲାଟେଷ୍ଟ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଏହାଦ୍ୱାରା ବିଧାନସଭାର ଟିକିନିଖି ବିବରଣୀ ଲୋକଙ୍କ ପାଖରେ ପହଞ୍ଚି ପାରୁଛି। ତେଣୁ ଓଡ଼ିଶା ନେଭା ମଡେଲକୁ ଦିଲ୍ଲୀ ବିଧାନସଭା ଆପଣାଇବ। ସେ କହିଥିଲେ, ଦିଲ୍ଲୀ ବିଧାନସଭାରେ ସୌରପ୍ରକଳ୍ପ କାର୍ଯ୍ୟକ୍ଷମ ହେଉଛି। ଏହାଦ୍ୱାରା ପ୍ରାୟ ୨କୋଟି ଟଙ୍କାର ବିଦ୍ୟୁତ୍ ଦେୟ ସଞ୍ଚୟ କରାଯିବାକୁ ଲକ୍ଷ୍ୟ ରହିଛି। ବିଜେନ୍ଦ୍ର କହିଥିଲେ, ଓଡ଼ିଶା ହେଉଛି ଏକ ସଂସ୍କୃତିସମ୍ପନ୍ନ ରାଜ୍ୟ। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି କୋଣାର୍କ ଓ ଲିଙ୍ଗରାଜ ମନ୍ଦିରରେ ଅତି ସୁନ୍ଦର ଭାବେ କାରୁକାର୍ଯ୍ୟ ହୋଇଛି। ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ବହୁତ ଭଲ। ସେ କହିଥିଲେ, ଏହି ତିନିଦିନିଆ ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀଙ୍କ ସହିତ ଓଡ଼ିଶାର ବିଭିନ୍ନ ଦିଗ ଉପରେ ସାକ୍ଷାତ ଆଲୋଚନା ହୋଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପବାଚସ୍ପତି ମୋହନ ସିଂହ ବିଷ୍ଟ,ସଚିବ ରଣଜିତ ସିଂହ ଓ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁଜିସି ନେଟ୍: ଜୁନ୍ ସେସନ ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୧୭।୪ (ସୁଚିସ୍ମିତା ସାହୁ)

ୟୁଜିସି-ନେଟ୍ ଜାତୀୟ ଯୋଗ୍ୟତା ପରୀକ୍ଷା ୨୦୨୫ର ଜୁନ୍ ସେଶନ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ଯୋଗ୍ୟ ଛାତ୍ରୀଛାତ୍ର ଏନେଇ ସରକାରୀ ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ। ଫର୍ମ ପୂରଣ କରିବାର ଶେଷ ତାରିଖ ମେ ୭ ରାତି ୧୧ଟା ୫୯ ରହିଥିବା ବେଳେ ପରୀକ୍ଷା ଫି' ଜମା କରିବାର ସମୟସୀମା ମେ ୮ ରହିଛି। ଫର୍ମ ପୂରଣ ସମୟରେ କୌଣସି ଭୁଲ ହେଲେ ସଂଶୋଧନ ପାଇଁ ପ୍ରାର୍ଥୀଙ୍କୁ ସୁଯୋଗ ଦିଆଯିବ। କରେକ୍ସନ ୱିଣ୍ଡୋକୁ ମେ ୯ ରୁ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରଖାଯିବ। ସେଥିପାଇଁ ଆଡ୍‌ମିଟ କାର୍ଡରେ ଉଲ୍ଲେଖ କରାଯାଇଥିବା ସିଫ୍ଟ ଉପରେ ଆଧାର କରି ୟୁଜିସି ନେଟ୍ -୨୦୨୫ ପରୀକ୍ଷା ଜୁନ ୨୧ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପରୀକ୍ଷା ନିମନ୍ତେ ଏପର୍ଯ୍ୟନ୍ତ ଆଡମିଟ୍ କାର୍ଡ ଏବଂ ସିଟି ସ୍ଲିପ୍ ପାଇଁ ପ୍ରକାଶନ ତାରିଖ ଘୋଷଣା କରାଯାଇ ନାହିଁ।

# ସାତକୋଶିଆରେ ଛଡ଼ାଗଲା ୭ ଘଡ଼ିଆଳ

## ମହାନଦୀରେ ଘଡ଼ିଆଳ ପ୍ରଜାତି ପୁନଃସ୍ଥାପନା କାର୍ଯ୍ୟ ତ୍ୱରାନ୍ୱିତ

ଭୁବନେଶ୍ୱର, ୧୭।୪ (ବନ୍ଦନା ସେଠୀ)



ବନ ବିଭାଗ ପକ୍ଷରୁ ବୁଧବାର ସାତକୋଶିଆ ସଂରକ୍ଷିତ ଅଞ୍ଚଳରେ ୭ଟି ବୟସ୍କ ଘଡ଼ିଆଳ କୁମ୍ଭୀର ଛଡ଼ାଯାଇଛି। ଏଥିମଧ୍ୟରୁ ୨ଟି ଘଡ଼ିଆଳ ଟିକରପଡ଼ାସ୍ଥିତ ଘଡ଼ିଆଳ ରିସର୍ଚ୍ଚ ଆଣ୍ଡ୍ କଞ୍ଜରଭେଶନ୍ ୟୁନିଟ୍ (ଜିଆର୍‌ଏସିୟୁ)ରୁ ଏବଂ ଅନ୍ୟ ୫ଟି ଘଡ଼ିଆଳକୁ ନନ୍ଦନକାନନ ଚିଡ଼ିଆଖାନାରୁ ନିଆଯାଇଥିଲା। ସାତକୋଶିଆରେ ଛଡାଯାଇଥିବା କୁମ୍ଭୀରଙ୍କ ମଧ୍ୟରୁ ଗୋଟିଏ ଅଣ୍ଡିରା ଓ ୨ଟି ମାଈ ଘଡ଼ିଆଳଠାରେ ଜିପିଏସ୍-ଭିଏଚ୍‌ଏଫ୍ ସଂଯୁକ୍ତ ଟ୍ରାନ୍ସମିଟର୍ ଲଗାଯାଇଛି। ସେହିପରି ଗୋଟିଏ ଅଣ୍ଡିରା ଓ ୩ଟି ମାଈ ଘଡ଼ିଆଳଠାରେ ଡବଲ୍ ଭିଏଚ୍‌ଏଫ୍ ଟ୍ରାନ୍ସମିଟର ସଂଯୁକ୍ତ କରାଯାଇଛି। ଫଳରେ ଏକ ନିର୍ଦ୍ଦିଷ୍ଟ ୱେବ୍ ପୋର୍ଟାଲରେ ସେମାନଙ୍କ ଗତିବିଧି ନିରୁପଣ କରାଯିବ। ସେହିପରି ଏହାର ଦୈନିକ ନିରୀକ୍ଷଣ କାର୍ଯ୍ୟ ଚିଫ୍ ୱାଇଲ୍ଡଲାଇଫ୍ ୱାର୍ଡନଙ୍କ ନେତୃତ୍ୱରେ ନନ୍ଦନକାନନର 'ସେଣ୍ଟର ଫର୍ କଞ୍ଜରଭେଶନ୍, ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ' ଦ୍ୱାରା କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଘଡ଼ିଆଳଙ୍କ ବଂଶବୃଦ୍ଧି ଲାଗି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମାଛ ଧରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦାୟ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ସେମାନଙ୍କ ସହଭାଗିତାରେ ସାତକୋଶିଆ ଆଭ୍ୟନ୍ତର ୧୦କି.ମି. ଅଞ୍ଚଳରେ ମାଛଧରା କାର୍ଯ୍ୟ ନିଷିଦ୍ଧ କରାଯାଇଛି। ଯଦି କୌଣସି ସମୟରେ ଘଡ଼ିଆଳ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ି କ୍ଷତି ହେଲେ କ୍ଷତିପୂରଣ ପ୍ରଦାନ ସହିତ ଘଡ଼ିଆଳଙ୍କୁ ଫେରାଇବା କ୍ଷେତ୍ରରେ ପୁରସ୍କୃତ କରାଯାଉଛି। ୨୦୨୧ରୁ କୁମ୍ଭୀରଙ୍କ ପ୍ରାକୃତିକ ପ୍ରଜନନ ଆରମ୍ଭ ହେବା ସହ ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଛି। ଏବେସୁଦ୍ଧା ମୋଟ୍ ଘଡ଼ିଆଳଙ୍କ ସଂଖ୍ୟା ୧୩୦ଟି ହୋଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଘଡ଼ିଆଳ କେବଳ ସାତକୋଶିଆରେ ରହିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ, ଯେଉଁଠାରେ ୩ ପ୍ରଜାତିର ଘଡ଼ିଆଳ, ମଗର ଏବଂ ଲୁଣିଆ କୁମ୍ଭୀର ଦେଖାଯାଇଥାନ୍ତି। ଏମାନଙ୍କ ମଧ୍ୟରୁ ଘଡ଼ିଆଳ କୁମ୍ଭୀର ବିଲୁପ୍ତିର ସୀମାରେ ପହଞ୍ଚିଥିବାରୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ରୁ ମହାନଦୀରେ ଘଡ଼ିଆଳ ପ୍ରଜାତି ପୁନଃସ୍ଥାପନା ପ୍ରକଳ୍ପ କାର୍ଯ୍ୟାନ୍ୱିତ କରାଯାଉଛି। ଏହାଦ୍ୱାରା ରାଜ୍ୟରେ ବିଲୁପ୍ତ ହେଉଥିବା ଘଡ଼ିଆଳ ପ୍ରଜାତି ସଂଖ୍ୟା ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପିସିସିଏଫ୍ ପ୍ରେମ କୁମାର ଝା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁକ୍ର ପ୍ରଭାବରୁ ଆଶା କରୁଥିବା ଦିଗରୁ ଅଧିକ ଧନ ପାଇ ଖୁସି ହେବେ। ରବି ଉଚ୍ଚସ୍ଥ ହେତୁ ଅଫିସରେ ପଦାଧିକାରୀ ସହଯୋଗର ପ୍ରତିଶ୍ରୁତି ଦେବେ। ନୂତନ ଯୋଜନା କ୍ଷେତ୍ରରେ ଉଚ୍ଚ ଆଶା ଧରି ଆଗେଇବେ କିନ୍ତୁ ଫଳ କିଛି ଭଲ ନ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନରେ ଶିଥିଳତା ଦେଖାଦେବାରୁ ମନ ଭଲ ରହିବ ନାହିଁ।

**ବୃଷ** ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯାଇପାରେ। ଅଧିକାଂଶ ସମୟ ଅନ୍ୟମନସ୍କ ହେତୁକ କୌଣସି ଭୁଲ କାମ କରି ଅନୁତପ୍ତ ହେବାକୁ ପଡିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ଆଜି ଦିନରେ ଯେଉଁ କାମରେ ହାତ ଦେବେ ସଫଳ ହେବେ। ପ୍ରଶାସନିକ ସ୍ତରରେ ରାଜକୀୟ ସମ୍ମାନ ପାଇବେ କିନ୍ତୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧା ଭୋଗିବେ। ବ୍ୟବସାୟରେ ଦୀର୍ଘଦିନର ଆଶା ଫଳବତୀ ହେବ। ପରିବାର ଭିତରେ ରୁକ୍ଷଭାଷାରେ ମନର ଭାବ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି।

**କର୍କଟ** ଅନ୍ତରଙ୍ଗ ବନ୍ଧୁଙ୍କ ସହଯୋଗ ସ୍ମୃତି ହୋଇ ସବୁଦିନ ପାଇଁ ରହିଯିବ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହକର୍ମୀମାନଙ୍କଠାରୁ ସହଯୋଗ ପାଇବେନି। ସାମାଜିକ କ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ଆଗଧାଡିର ବ୍ୟକ୍ତିଭାବରେ ପରିଗଣିତ ହେବେ। ଯାତ୍ରା, ବାଣିଜ୍ୟ ଓ ପରିବହନରେ ସଫଳତା ହାସଲ କରିବେ।

**ସିଂହ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ ଗତି କରିବାକୁ ପଡିପାରେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସହ ନୂତନ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଆବଶ୍ୟକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଇଚ୍ଛା ଥିଲେ ମଧ୍ୟ ଲୋକାଚାରକୁ ଭୟ କରି କୌଣସି କାର୍ଯ୍ୟ କରିପାରିବେ ନାହିଁ।

**କନ୍ୟା** ନିଜର ବିଚାରବୁଦ୍ଧି ସାଙ୍ଗକୁ ଅର୍ଥବଳ ମାଧ୍ୟମରେ ଅଟକିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ଆଜି ବନ୍ଧୁଙ୍କୁ ଭେଟି ଆତ୍ମସନ୍ତୋଷ ଲାଭ କରିବେ। ଏକାଧିକ କାମରେ ହାତ ଦେବା ଠିକ୍ ହେବନାହିଁ , ଅଯଥା ଲାଭ ବଦଳରେ କ୍ଷତିରେ ପଡିପାରନ୍ତି। ଅପରାହ୍ନ ସମୟରେ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ତୁଳା** କର୍ମକ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ପଡିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା ସହ ସଭାସମିତିରୁ ସମ୍ମାନିତ ହେବେ। ପରିବାରରେ ଦାୟିତ୍ୱ ବଢ଼ିବା କାରଣରୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ ବୁଝିପାରନ୍ତି। ପୂର୍ବ ରାଗକୁ ମନେପକାଇ ପାଖ ପଡୋଶୀମାନେ ହତାଦର ମନୋଭାବ ପୋଷଣ କରିବେ।

**ବିଛା** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନ କରିବାରେ ସଫଳ ହେବେ। ଶିଳ୍ପ, ବ୍ୟବସାୟ, ସାମ୍ବାଦିକତା, ଏଜେନଶିପ୍ ପ୍ରଭୃତିରେ ସୁଫଳ ପାଇବେ। ଶୁଭେଚ୍ଛୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ଚେଷ୍ଟା କରୁଥିବା କାମରେ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।


**ଧନୁ** ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ପଡିପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ନୂତନ ଅତିଥିଙ୍କ ଆଗମନରୁ ଘରେ ଖୁସିର ବାତାବରଣ ରହିବ। ଏପରି କେତେକ କଥା ମନ ଭିତରେ ରହିଯିବ ଯାହାକି କହିପାରିବେ ନାହିଁ କି ସମାଧାନ କରିବାର ମଧ୍ୟ ଉପାୟ ନ ଥିବ।

**ମକର** ଆଜି ଆର୍ଥିକ ଦିଗ ଭଲ ରହିବ ଏବଂ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଲୋକସମ୍ପର୍କ ବଢ଼ିବ କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ସକାଶେ ଟେନସନ ବଢିଯିବ। ଆନୁଷ୍ଠାନିକ କାମ, ସଭାସମିତି, ଲେଖାପଢା, ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ କୂଟନୀତି ପ୍ରୟୋଗ କରି ନିଜର ପ୍ରାଧାନ୍ୟ ବିସ୍ତାର କରିପାରନ୍ତି।

**କୁମ୍ଭ** ପ୍ରତ୍ୟେକ ଦିଗରୁ କୌଣସି ଅସୁବିଧା ନ ଥିଲେ ମଧ୍ୟ ରୋଗ, ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ସାମାଜିକ ସ୍ତରରେ ବୁଦ୍ଧିଜୀବୀ ତଥା ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡାରେ ପ୍ରଶଂସା ପାଇପାରନ୍ତି।

**ମୀନ** ସମସ୍ୟା ମଧ୍ୟରେ ଗତି କରୁଥିଲେ ମଧ୍ୟ ପାରିବାରିକ ସ୍ଥିତି, ଯାତ୍ରା ଓ ବାଣିଜ୍ୟ ମନ୍ଦ ହେବନି। ଆଇନ ସହାୟତା ଲାଭକରି ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। କଳା, ସାହିତ୍ୟ, ସଙ୍ଗୀତରୁ ସୁନାମ ମିଳିବ ଓ ବନ୍ଧୁ ମିଳନରୁ ଆନନ୍ଦିତ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି ।

ଆଜି ଏପ୍ରିଲ ୧୮ ତାରିଖ, ବିଶ୍ୱ ଐତିହ୍ୟ ଦିବସ, ଇଷ୍ଟର ଶୁକ୍ରବାର(ଶୁଭ ଶୁକ୍ରବାର), ବୈଶାଖ କୃଷ୍ଣ ୫ମୀ ଶୁକ୍ରବାର, ସକାଳ ଘ. ୦୮।୨୦ ମି. ଗତେ, ରାଶି ନକ୍ଷତ୍ର-ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ, ଗୃହପ୍ରବେଶ, ଜଳାଶୟ ପ୍ରତିଷ୍ଠା, ବିଦ୍ୟାରମ୍ଭ, ନବବଧୂ ଯାତ୍ରା ପାଇଁ ଶୁଭଦିନ। ଦିବା ୦୫।୩୦ ଗତେ, ଘ.୦୬।୨୦ ମଧ୍ୟେ, ଘ.୦୭।୧୦ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୦।୧୨ ଗତେ, ଘ.୧୧।୪୬ ମଧ୍ୟେ ରାହୁକାଳ।




# କୋଟିଆରେ ଆଧାର କେୱାଇସିକୁ ନେଇ ଦ୍ୱନ୍ଦ୍ୱ

## ଆନ୍ଧ୍ର ପରେ ଓଡ଼ିଶା ଆରମ୍ଭକଲା କେୱାଇସି ଅପ୍‌ଡେଟ୍

**ପଟ୍ଟାଙ୍ଗି, ୧୭।୪ (ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୀମାନ୍ତ ଗ୍ରାମଗୁଡ଼ିକରେ ଆନ୍ଧ୍ର-ଓଡ଼ିଶାର କାର୍ଯ୍ୟକଳାପକୁ ନେଇ ସୀମାନ୍ତବାସୀ ଦ୍ୱନ୍ଦ୍ୱରେ। କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ତଥା ନେରିଡିବାଲସାରେ ମାର୍ଚ୍ଚ ୩୧ରେ ପଡ଼ୋଶୀ ଆନ୍ଧ୍ରର ସାଲୁର ବ୍ଲକ୍ ପ୍ରଶାସନ ପହଞ୍ଚି ନେଟୱର୍କ ବା ନେଟ୍ ଆସୁଥିବା ସ୍ଥାନଗୁଡ଼ିକରେ ସୀମାନ୍ତବାସୀଙ୍କୁ ଏକତ୍ର କରି ଆଧାର କେୱାଇସି ଅପଡେଟ୍ କରିଥିଲା। ଏହି ଘଟଣା ରାଜ୍ୟ ସରକାର, କୋରାପୁଟ ଜିଲା ଓ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ମଧ୍ୟରେ ଚହଳ ପକାଇଥିଲା। ଏହାର ୧୮ଦିନ ପରେ କୋଟିଆ ପଞ୍ଚାୟତର ଫାଟୁସିନେରି, ଉପରସେମ୍ବି ଓ ଫଗୁଣସିନେରି ଗ୍ରାମରେ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ଗୁରୁବାର ସକାଳୁ ଆଧାର କେୱାଇସି ଅପଡେଟ୍ କରାଯାଇଛି। ଏଭଳି ଦୁଇଥର ଲେଖାଏ ଆଧାର କେୱାଇସି କରାଯିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ପଟ୍ଟାଙ୍ଗି ବ୍ଲକ୍ କର୍ମଚାରୀ ଫାଟୁସିନେରି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମହିଳାମାନଙ୍କ ଆଧାର କେୱାଇସି ଅପଡେଟ୍ କରିଛନ୍ତି। ସେହିପରି ଫଗୁଣସିନେରି ଓ ଉପରସେମ୍ବି ଗ୍ରାମରେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରରେ କେବଳ ମହିଳାମାନେ ହାତରେ ଆଧାରକାର୍ଡ ଧରି କେୱାଇସି ଅପଡେଟ୍ କରାଉଥିବା ଦେଖିବାକୁ ମିଳିଛି। ଆନ୍ଧ୍ର ପକ୍ଷରୁ କରାଯାଇଥିବା କେୱାଇସି ଯାଞ୍ଚ ବେଳେ ସୀମାନ୍ତ ଗ୍ରାମଗୁଡ଼ିକର ମହିଳା, ପୁରୁଷ ଓ ଛୋଟ ପିଲା ଥିବା ବେଳେ ଓଡ଼ିଶା କରୁଥିବା କେୱାଇସି କାର୍ଯ୍ୟକ୍ରମରେ କେବଳ ମହିଳା ରହିବା ନେଇ ଦ୍ୱନ୍ଦ୍ୱ ବଢ଼ିଛି। ଏହି କାର୍ଯ୍ୟକ୍ରମ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ତଥା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ସୀମାନ୍ତ ଗ୍ରାମରେ ଆଧାର କେୱାଇସି ସୁଭଦ୍ରା ଯୋଜନା ନା ଅନ୍ୟ କୌଣସି ସରକାରୀ ଯୋଜନା ପାଇଁ ଉଦ୍ଦିଷ୍ଟ ବୋଲି ସୀମାନ୍ତବାସୀ ପ୍ରଶ୍ନ କରିଛନ୍ତି। ଓଡ଼ିଶା ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ୩୨୪ କେୱାଇସି ଅପଡେଟ୍ ହୋଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣା ନାୟକଙ୍କୁ ପଚାରିବାରୁ ପୂର୍ବରୁ ସୁଭଦ୍ରା ଯୋଜନାରେ ପାଇଥିବା ୬୧୮ ମହିଳାଙ୍କ ଆଧାରକାର୍ଡ କେୱାଇସି ଅପଡେଟ୍ ହେବ। ଏହା ପରେ ଉଚ୍ଚସ୍ତରରୁ ଯାହା ନିର୍ଦ୍ଦେଶ ଆସିବ, ତାକୁ ନେଇ ପୁଣି କାର୍ଯ୍ୟକ୍ରମ କରାଯିବ। ବର୍ତ୍ତମାନ କେବଳ ମହିଳାମାନଙ୍କର କେୱାଇସି କରାଯାଉଥିବା ସେ କହିଛନ୍ତି।


କେୱାଇସି ଅପ୍‌ଡେଟ୍ କରିବାକୁ ଆସିଥିବା ସୀମାନ୍ତ ଗ୍ରାମର ମହିଳାମାନେ।

# ୨.୭ କୋଟି ବକେୟା ପ୍ରଦାନ ପରେ ଜାମିନ ଦେଲେ ହାଇକୋର୍ଟ

## ଅଷ୍ଟ୍ରେଲିଆ ଜାହାଜ ଗିରଫ ମାମଲା

**କଟକ, ୧୭।୪ (କାର୍ତ୍ତିକ ସାହୁ)**

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାରାଦୀପ ବନ୍ଦରରେ ଗିରଫ ହୋଇ ରହିଥିବା ଏମ୍‌ଭି ଟେଲେରି ଏମ୍ ଅଷ୍ଟ୍ରେଲିଆ ଜାହାଜକୁ ଗୁରୁବାର ଜାମିନ ମିଳିଛି। ବଙ୍କର ଫୁଏଲ ବାବଦକୁ ସମ୍ପୂର୍ଣ୍ଣ ବକେୟା ରାଶି ୨କୋଟି ୭୦ ଲକ୍ଷ ଟଙ୍କା ପରିଶୋଧ ପରେ ହାଇକୋର୍ଟ ଜାହାଜର ଜାମିନ ମଞ୍ଜୁର କରିଛନ୍ତି। ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏପରି ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ବଙ୍କର ଫୁଏଲ ବାବଦ ଅର୍ଥ ପଇଠ ବିବାଦକୁ ନେଇ ଜିଓସର୍ଭ ଏନର୍ଜି ଟ୍ରାନ୍ସପୋର୍ଟ ଡିଏମ୍‌ସିସି ପକ୍ଷରୁ ଦାଏର ଆବେଦନର ଗତ ୧୩ ତାରିଖରେ ଶୁଣାଣି କରି ହାଇକୋର୍ଟ ସମ୍ପୃକ୍ତ ଅଷ୍ଟ୍ରେଲିଆ ଜାହାଜକୁ ଗିରଫ କରିବା ପାଇଁ ଆଦେଶ ଦେଇଥିଲେ। ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ପାରାଦୀପ ବନ୍ଦରରେ ଏମ୍‌ଭି ଟେଲେରି ଏମ୍ ଜାହାଜ ରହିଛି। ଏହା ଖୁବ୍‌ଶୀଘ୍ର ଭାରତୀୟ ଜଳସୀମା ଛାଡ଼ି ଚାଲିଯାଇପାରେ। ଯଦି ଜାହାଜର ଆରେଷ୍ଟ ପାଇଁ ନିର୍ଦ୍ଦେଶ ଦିଆ ନ ଯାଏ, ତେବେ ଏହି ମାମଲା ଅର୍ଥହୀନ ହୋଇଯିବ ଓ ଆବେଦନକାରୀ ଅପୂରଣୀୟ କ୍ଷତିର ସମ୍ମୁଖୀନ ହେବେ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଏ ସଂକ୍ରାନ୍ତୀୟ ମୂଳ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ମେ' ୭ରେ ଦିନ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ୨୬୮୮୬୮.୨୮ ଆମେରିକୀୟ ଡଲାର ଦାବି କରି ଆବେଦନକାରୀ ସଂସ୍ଥା ତରଫରୁ ଏହି ମାମଲା ହାଇକୋର୍ଟରେ ଦାଏର କରାଯାଇଛି। ଏହି ଜାହାଜକୁ ଆବେଦନକାରୀ ସଂସ୍ଥା ତରଫରୁ ବଙ୍କର ଫୁଏଲ ଯୋଗାଣ କରାଯାଇଥିଲା। ଏଥିସହ ବିଳମ୍ବ ପାଇଁ ମୂଳ ଅର୍ଥ ଉପରେ ସୁଧ ମଧ୍ୟ ଆବେଦନକାରୀ ସଂସ୍ଥା ଦାବି କରିଛି। ନୋଟିସ ଦେବା ପରେ ପ୍ରତିପକ୍ଷ ଜାହାଜ ପକ୍ଷରୁ ଅର୍ଥ ପ୍ରଦାନ କରା ନ ଯିବାରୁ ଆବେଦନକାରୀ ସଂସ୍ଥା ହାଇକୋର୍ଟରେ ଏହି ମାମଲା ଦାଏର କରିଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ ମାମଲା ପରିଚାଳନା କରୁଛନ୍ତି।

# ତରୁଣକାନ୍ତି ମିଶ୍ର ପାଇବେ 'ସତ୍ୟବାଦୀ ସାରସ୍ୱତ ସମ୍ମାନ'

**ଭୁବନେଶ୍ୱର, ୧୭।୪ (ବନ୍ଦନା ସେଠୀ)**

ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଥାଶିଳ୍ପୀ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ପାଇବେ 'ସତ୍ୟବାଦୀ ସାରସ୍ୱତ ସମ୍ମାନ ୨୦୨୪'। ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପକ୍ଷରୁ ଏହି ସମ୍ମାନ ବାବଦକୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଉପାୟନ ପ୍ରଦାନ କରାଯିବ। ସେହିପରି ପ୍ରବନ୍ଧ ବିଭାଗରେ ଡ. ବାବାଜୀ ଚରଣ ପଟ୍ଟନାୟକ, କବିତା ପାଇଁ ମମତା ଦାଶ, ଗଳ୍ପ ପାଇଁ ପ୍ରଫେସର ଶରତ ଚନ୍ଦ୍ର ଶତପଥୀ, ଶିଶୁ ଗଳ୍ପରେ ଡ. ରମେଶ ପତ୍ରୀ, ଶିଶୁ କବିତାରେ ହରିହର ଶୁକ୍ଳା ଓ ରମ୍ୟ ରଚନା ପାଇଁ ନାରାୟଣ ଶତପଥୀଙ୍କୁ 'ସତ୍ୟବାଦୀ ସାହିତ୍ୟ ସମ୍ମାନ ୨୦୨୪' ପ୍ରଦାନ କରାଯିବ। ଏହି ସମ୍ମାନ ବାବଦରେ ୧୦ହଜାର ଅର୍ଥରାଶି ସହିତ ଉପାୟନ ଦିଆଯିବ। ଲୋକସେବକ ମଣ୍ଡଳ ପକ୍ଷରୁ ଗଠିତ ୭ଜଣିଆ ମନୋନୟନ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଜ୍ୟର ଜଣେ ଲବ୍ଧପ୍ରତିଷ୍ଠ ସାରସ୍ୱତ ସାଧକଙ୍କୁ 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥାଏ।

# ଟ୍ରାଫିକ୍ ବ୍ୟବସ୍ଥା: ୨ ହଜାର ନୂଆ ପଦବୀ ସୃଷ୍ଟି

**ଭୁବନେଶ୍ୱର, ୧୭।୪ (ସୁନିତ୍ ମିଶ୍ର)**

- ଟ୍ରାଫିକ୍ ଦାୟିତ୍ୱ ନେବେ ଏଡିଜିପି, ଆଇଜିପି, ଡିଆଇଜି
- ରାଜ୍ୟସ୍ତରରେ ୭୦, ଜିଲାସ୍ତରରେ ୧୯୩୦ ନୂଆ ପଦବୀ

ରାଜ୍ୟରେ ଟ୍ରାଫିକ୍ ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଟ୍ରାଫିକ୍ ଶାଖାରେ ୨ ହଜାର ନୂତନ ପଦବୀ ସୃଷ୍ଟି କରିବା ପାଇଁ ଅନୁମୋଦନ ଦେଇଛନ୍ତି। ଅନ୍ୟପଟେ ଟ୍ରାଫିକ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ବହୁ ବଡ ପଦର ଅଫିସର ଦାୟିତ୍ୱରେ ରହିବେ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ରାଜ୍ୟସ୍ତରୀୟ ଟ୍ରାଫିକ୍ ବ୍ୟବସ୍ଥାରେ ୭୦ଟି ନୂତନ ପଦବୀ ହୋଇଥିବା ବେଳେ ଜିଲାସ୍ତରୀୟ ସେଟ୍‌ଅପ୍‌ରେ ୧୯୩୦ଟି ପଦବୀ ସୃଷ୍ଟି ହୋଇଛି। ରାଜ୍ୟସ୍ତରୀୟ ସେଟ୍‌ଅପ୍‌ରେ ଏଡ଼ିଜିପି/ଆଇଜିପି ଗୋଟିଏ ପଦବୀ, ଡିଆଇଜି(ପୋଲିସ) ଗୋଟିଏ ପଦବୀ, ଏସ୍‌ପି ୨ଟି ପଦବୀ, ଡିଏସ୍‌ପି ୪ଟି, ଇନ୍ସପେକ୍ଟର ୬ଟି, ଏସ୍‌ଆଇ ୮ଟି, ଏଏସ୍‌ଆଇ ୮ଟି, କନଷ୍ଟେବଲ ୨୨ଟି, ଡ୍ରାଇଭର ୧୦ଟି, ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ଗୋଟିଏ, ସେକ୍ସନ ଅଫିସର ଗୋଟିଏ, ଏଏସ୍‌ଓ ୩ ଓ ଜୁନିୟର ଆସିଷ୍ଟାଣ୍ଟ ପାଇଁ ୩ଟି ପଦବୀ ସୃଷ୍ଟି ହୋଇଛି। ଏହିଭଳି ସମୁଦାୟ ୭୦ଟି ପଦବୀ ସୃଷ୍ଟି ହୋଇଛି। ଜିଲାସ୍ତରରେ ୫ଟି ଡିଏସ୍‌ପି, ୪୧ଟି ଇନ୍ସପେକ୍ଟର ପଦବୀ, ୮୩ଟି ସବ୍‌ଇନ୍ସପେକ୍ଟର, ୮୩ଟି ଏଏସ୍‌ଆଇ, ୩୧୦ ହାବିଲଦାର ଓ ୧୪୦୮ କନଷ୍ଟେବଲ ପଦବୀ ସୃଷ୍ଟି କରାଯାଇଛି। ଏହାଦ୍ୱାରା ରାଜ୍ୟର ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ ହେବ ଏବଂ ସଡକ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।




# ପଣା ପିଇ ୫୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ଭଦ୍ରକ, ୧୭।୪ (ସନାତନ ରାଉତ)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଜଗଦଳପୁର ପଞ୍ଚାୟତର ଯୋଡ଼ାଗଡ଼ିଆ ଗାଁରେ ପଣା ପିଇ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇପଡ଼ିଥିବା ବେଳେ ସାଲାଇନ୍ ଦେବା ପରେ ସେମାନଙ୍କୁ ସୁସ୍ଥ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ବଳ କହିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଉକ୍ତ ଗ୍ରାମରେ ଲୋକେ ପଣା ତିଆରି କରି ପିଇଥିଲେ। ଗୁରୁବାର ପୂର୍ବାହ୍ନରେ କେତେଜଣଙ୍କର ମୁଣ୍ଡ ଘୂରାଇବା ସହ ଝାଡ଼ା ବାନ୍ତି ଆରମ୍ଭ ହୋଇଥିଲା। ସ୍ଥାନୀୟ ଆଶାକର୍ମୀ ଓ ସରପଞ୍ଚ ଘଟଣା ବିଷୟରେ ସିଡିଏମ୍‌ଓଙ୍କୁ ଜଣାଇବା ପରେ ଭଦ୍ରକ ସିଡିଏମ୍‌ଓ ଡା. ବଳ, ମହାମାରୀ ବିଶେଷଜ୍ଞ ଡା. ପାର୍ଥସାରଥୀ ମିଶ୍ରଙ୍କ ନେତୃତ୍ୱରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ, ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ରାଣୀତାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୋଟ ୩ ଡାକ୍ତରୀ ଟିମ୍ ଉକ୍ତ ଗାଁରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ କ୍ୟାମ୍ପ କରି ଡାକ୍ତରୀ ଟିମ୍ ରହିଛନ୍ତି। ଝାଡ଼ାବାନ୍ତିର କାରଣ ଜାଣିବା ପାଇଁ ଝାଡ଼ା, ପରିସ୍ରା ଓ ଉକ୍ତ ଗ୍ରାମର ନଳକୂପ ପାଣି ପରୀକ୍ଷା ପାଇଁ ଅଣାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି।

# ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ କର୍ମଚାରୀଙ୍କ ଦରମା ବୃଦ୍ଧି

**ଭୁବନେଶ୍ୱର, ୧୭।୪ (ସୁନିତ୍ ମିଶ୍ର)**

**ସର୍ବନିମ୍ନ ମାସିକ ପାରିଶ୍ରମିକ ୩୦ରୁ ୪୫ ହଜାରକୁ ବୃଦ୍ଧି ହେଲା**

ରାଜ୍ୟ ସରକାର ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସରେ ୩ଟି ନୂଆ ବାଟାଲିଅନ ଗଠନ କରିଛନ୍ତି। ଏଥିରେ ମୁଖ୍ୟତଃ ପୂର୍ବତନ ଆର୍ମି ଓ ନାଭିର ସୈନିକ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର କର୍ମଚାରୀମାନେ ନିଯୁକ୍ତ ହୋଇଥାଆନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୋଲିସ କର୍ମଚାରୀମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ସିପାହି(ଜିଡି)ମାନଙ୍କ ମାସିକ ପାରିଶ୍ରମିକ ୩୦ ହଜାରରୁ ୪୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଲାନ୍ସ ନାଏକ/ନାଏକ/ହାବିଲଦାର(ଜିଡି)ମାନଙ୍କ ପାରିଶ୍ରମିକ ୩୨ ହଜାରରୁ ୫୦ ହଜାର, ଜୁନିୟର କମିଶନଡ୍ ଅଫିସର(ଜିଡି) ୪୦ ହଜାରରୁ ୫୫ ହଜାର, ଜୁନିୟର କମିଶନଡ୍ ଅଫିସର(ଇନ୍‌ଷ୍ଟ୍ରକ୍ଟର) ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଡିଙ୍ଗି ଡ୍ରାଇଭର/ସି-ମ୍ୟାନ୍ ମେକାନିକ୍/ ଖଲାସିମାନଙ୍କ ମାସିକ ପାରିଶ୍ରମିକ ୩୦ ହଜାରରୁ ୪୫ ହଜାର, ସିରାଙ୍ଗ/ଇଞ୍ଜିନ୍ ଡ୍ରାଇଭରମାନଙ୍କର ୩୨ହଜାରରୁ ୫୦ ହଜାର ଏବଂ ମାଷ୍ଟରମାନଙ୍କ ମାସିକ ପାରିଶ୍ରମିକ ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି।



ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। **-ଶ୍ରୀମା**




# ଟେକ୍ କମ୍ପାନୀର ଏକଚାଟିଆ କ୍ଷମତା



**କର୍ଟନୀ ସି. ରୋଡେକ୍**

ବୃହତ୍ ଟେକ୍ କମ୍ପାନୀଗୁଡ଼ିକର ଆମେରିକା ରାଷ୍ଟ୍ରପତିଙ୍କ ଅଧୀନରେ ଥିବା ପ୍ରଶାସନିକ ପ୍ରକ୍ରିୟା ଏବଂ ସାଧନଗୁଡ଼ିକ ଉପରେ ବ୍ୟାପକ ହସ୍ତକ୍ଷେପ ଆମେରିକାରେ ଏକ ନୂତନ ବିପଜ୍ଜନକ କ୍ଷମତାର ଢାଞ୍ଚା ସୃଷ୍ଟି କରୁଛି। ଏହା କେବଳ ଆମେରିକାରେ ସୀମିତ ରହିନାହିଁ, ଆମେରିକାର ମିତ୍ର ଓ ଶତ୍ରୁ ଦେଶଗୁଡ଼ିକୁ ଟ୍ରମ୍ପ ଦେଇଥିବା ଧମକକୁ ଲକ୍ଷ୍ୟ କରି ସେମାନଙ୍କ ଡିଜିଟାଲ ମାର୍କେଟ ଓ ଯୋଗାଯୋଗ ପଦ୍ଧତିକୁ ସଞ୍ଚାଳନ କରିବାକୁ ସାହସ କଲେଣି। ଏହା କେବଳ ଏକ ଆର୍ଥିକ ଉତ୍ପୀଡ଼ନ ନୁହେଁ, ବରଂ ସେମାନେ ଏହି ଡିଜିଟାଲ ବ୍ୟବସ୍ଥାକୁ ରପ୍ତାନି କରିବାକୁ ଚେଷ୍ଟା କରିବା ସହ ଆଇନର ଶାସନ ତଥା ଗଣତାନ୍ତ୍ରିକ ଶାସନକୁ ଦୁର୍ବଳ କରିବାକୁ ଏକ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଆମେରିକାର ୟୁରୋପୀୟ ମିତ୍ର ଦେଶଗୁଡ଼ିକ ପ୍ରତି ଟାରିଫ ବିପଦ ସୃଷ୍ଟି କରିଛି ଏବଂ ସେମାନେ ଅତ୍ୟାବଶ୍ୟକ ଡିଜିଟାଲ ନିୟମ ଲାଗୁ କରି ପ୍ରତିକାରାତ୍ମକ ପଦକ୍ଷେପ ନେଇଛନ୍ତି, ଯାହା ବ୍ରିଟେନ ଓ ବ୍ରାଜିଲ ଭଳି ଦେଶ କରିଛନ୍ତି। ସେମାନେ ଏକ ଡିଜିଟାଲ ସର୍ଭିସ ଟ୍ୟାକ୍ସ ଲାଗୁ କରିଛନ୍ତି। କିନ୍ତୁ ଏହି ଆହ୍ୱାନଗୁଡ଼ିକ ମଧ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ପାଇଁ ରଣନୀତିକ ସୁଯୋଗ ସୃଷ୍ଟି କରୁଛି। ଯଦି ସେମାନେ ମିଳିତ ଭାବେ ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରି ଦିଅନ୍ତି, ତେବେ କୌଣସି ଗୋଟିଏ ଦେଶ ଆମେରିକାର ପ୍ରତିଶୋଧାତ୍ମକ ପଦକ୍ଷେପର ଆଘାତର ସମ୍ମୁଖୀନ ହେବାର ସମ୍ଭାବନା କମ୍ ରହିବ। ଏଣୁ ଏହିସବୁ ଦେଶଗୁଡ଼ିକ ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ବିରୋଧରେ ଏକାଠି ହେବା ଦରକାର। କାରଣ ଏହି କମ୍ପାନୀଗୁଡ଼ିକ ସେମାନଙ୍କ ନାଗରିକଙ୍କ ତଥ୍ୟ ରଖିବା ସହ ପ୍ରମୁଖ ସୂଚନା ଓ ବ୍ୟବସାୟିକ ଭିତ୍ତିଭୂମିକୁ ନିୟନ୍ତ୍ରଣ କରୁଛନ୍ତି। ଏହା ସହ ସରକାରଙ୍କ ନ୍ୟାୟିକ କ୍ଷେତ୍ର ସମ୍ପର୍କରେ ଜାଣି ମଧ୍ୟ ଟିକସ ଦେବାକୁ ମନା କରୁଛନ୍ତି।

ଅବଶ୍ୟ ବାସ୍ତବ ନୂତନତ୍ୱକୁ ପ୍ରୋତ୍ସାହିତ କରାଯାଉଥିବାବେଳେ ଜାତୀୟ ସ୍ୱାର୍ଥ ରକ୍ଷା କରିବାରେ ସନ୍ତୁଳନ ଆଣିବା ଏକ କଠିନ କାର୍ଯ୍ୟ। କିନ୍ତୁ ଅପ୍ରତ୍ୟାଶିତ ଭାବେ ବୃହତ୍ ଟେକ୍ କମ୍ପାନୀ ଓ ଟ୍ରମ୍ପ ପ୍ରଶାସନ ଏହି କାର୍ଯ୍ୟର ଅତ୍ୟାବଶ୍ୟକତାକୁ ଗୁରୁତ୍ୱ ଦେଉଛନ୍ତି। ଟ୍ରମ୍ପଙ୍କ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ)ର ମୁଖ୍ୟ ଭାବେ ବିଶ୍ୱରୁ ସବୁଠୁ ଧନୀ ବ୍ୟକ୍ତିବିଶେଷ ଏଲନ ମସ୍କ ସରକାରୀ ଡେଟା ସିଷ୍ଟମରେ ପ୍ରବେଶ କରିବାର କ୍ଷମତା ହାସଲ କରିଛନ୍ତି, ଯାହା ଅନେକ ହଜାର ଫେଡେରାଲ କର୍ମଚାରୀଙ୍କୁ କ୍ରୋଧିତ କରିଛି। ଏହା ସହ ମସ୍କ ନିୟାମକ ସଂସ୍ଥାଗୁଡ଼ିକୁ କଠୋର ସମାଲୋଚନା କରିବା ସହ ଟାର୍ଗେଟ କରିଛନ୍ତି। ଏଥିସହିତ ମସ୍କ ମଧ୍ୟ ଫେଡେରାଲ ଟ୍ରେଡ୍ କମିଶନକୁ ଏକ ଅସ୍ତ୍ର ଭାବେ ବିଜ୍‌ନେସ୍ ବିରୋଧରେ ବ୍ୟବହାର କରିଛନ୍ତି, ଯେଉଁମାନେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିଜ୍ଞାପନ ଦେବାକୁ ଅନିଚ୍ଛୁକ ଅଛନ୍ତି। ସେ ଏକ୍ସକୁ ଚରମ ଦକ୍ଷିଣପନ୍ଥୀଙ୍କ ପାଇଁ ପ୍ରଚାରର ଏକ ପ୍ଲାଟଫର୍ମ କରିଦେଇଛନ୍ତି



ଏବଂ ଭୁଲ୍ ତଥ୍ୟ ଓ ରାଜନୈତିକ ହସ୍ତକ୍ଷେପର ଏକ ସାଧନ ବି କରିଦେଇଛନ୍ତି। ଟେକ୍ ବସ୍ ଭାବେ ମସ୍କ କେବଳ ଆଦେଶ ପାଳନ କରୁନାହାନ୍ତି । ମେଟା (ଯାହା ଅଧୀନରେ ଫେସବୁକ ଓ ଇନ୍‌ଷ୍ଟାଗ୍ରାମ ରହିଛି) ଆଉ ଫ୍ୟାକ୍ଟ ଚେକିଂ ପ୍ରୋଗ୍ରାମ କରିବ ନାହିଁ ବୋଲି ଜାନୁଆରୀରେ ଯେତେବେଳେ ମାର୍କ ଜୁକରବର୍ଗ ଘୋଷଣା କରିଥିଲେ ସେତେବେଳେ ସେ ଆଲୋଚନାର କେନ୍ଦ୍ର ପାଲଟିଥିବା ଟ୍ରମ୍ପଙ୍କ କଥାକୁ ଦୋହରାଇଥିଲେ। ଅତି ନିକଟରେ, ୟୁଜରମାନେ ଯେତେବେଳେ ଡେମୋକ୍ରାଟଙ୍କ ପାଇଁ ସର୍ଚ୍ଚ କଲେ ସେତେବେଳେ ଇନ୍‌ଷ୍ଟାଗ୍ରାମ ଫଳାଫଳକୁ ଗୁପ୍ତ ରଖିଲା ଏବଂ ଫେସବୁକ ଟ୍ରମ୍ପ ଓ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ପୋଷ୍ଟଗୁଡ଼ିକୁ ବ୍ୟାପକ ଭାବେ ବ୍ୟାଖ୍ୟା କରିଥିଲା। ବିଶ୍ୱର ସବୁଠୁ କ୍ଷମତାଶାଳୀ ଟେକ୍ ସିଇଓମାନେ କିଭଳି ଜଣେ ଏକଚ୍ଛତ୍ରବାଦୀ ନେତାଙ୍କ ସହ ଏକମତ ହୋଇ ତାଙ୍କ ଲାଭରେ ଜନମତକୁ ଗଢ଼ିଛନ୍ତି ତାହାର ଏସବୁ ହେଉଛି ପ୍ରମୁଖ ଉଦାହରଣ। ଆମେରିକା ସରକାରକୁ ଏଭଳି ପ୍ରଯୁକ୍ତିଗତ ସ୍ୱାର୍ଥ ନିଶା ଘାରିଥିବାବେଳେ ବିଶ୍ୱକୁ ଟେକ୍ନୋ ଫାସିଜମ ବା ପ୍ରଯୁକ୍ତିଗତ ଫାସିବାଦରୁ ମୁକ୍ତ କରିବା ସକାଶେ ଅନ୍ୟସବୁ ଦେଶ ଟ୍ରମ୍ପଙ୍କ ଧମକ ବିରୋଧରେ ଏକାଠି ମୁକାବିଲା କରିବା ଉଚିତ।

ଅନେକେ ଯୁକ୍ତି କରିବେ ଯେ, ଏକ ଦୃଢ଼ ନିୟାମକ ପଦକ୍ଷେପ ନେଲେ ଏହିସବୁ ଦେଶ ପ୍ରଯୁକ୍ତିଗତ ନୂତନତ୍ୱ ହରାଇବାର ଆଶଙ୍କା ରହିଛି। କିନ୍ତୁ ସେମାନେ ପ୍ରକୃତରେ ସ୍ଥିତିକୁ ବୁଝିନାହାନ୍ତି। ଅସାଧାରଣ ସୁରକ୍ଷା ଏବଂ ସୁଯୋଗକୁ ଦେଖିଲେ, ସେମାନେ ବାସ୍ତବରେ ଦେଶରେ ସୁରକ୍ଷିତ ରହିଛନ୍ତି ଏବଂ ଆମରିକାର ବୃହତ୍ ଟେକ୍ କମ୍ପାନୀଗୁଡ଼ିକ ଅନ୍ୟ ଦେଶରୁ ଅଧିକ ସୁବିଧା ସହଯୋଗ ଦରକାର କରନ୍ତି ନାହିଁ। ସେମାନେ ଏହିସବୁ ଦେଶଗୁଡ଼ିକର ବଜାରରେ ପ୍ରବେଶ କରିବାକୁ ଚାହାନ୍ତି। ବ୍ରାଜିଲ, ଇଣ୍ଡୋନେସିଆ ଓ ଭାରତ ଭଳି ମଧ୍ୟମ ଆୟବର୍ଗର ତଥା ବିକାଶଶୀଳ ଦେଶ ଏବଂ କୁଶଳୀ ଶ୍ରମଶକ୍ତି ଥିବା ବିକଶିତ ଅର୍ଥ ବ୍ୟବସ୍ଥା ଯଥା ବ୍ରିଟେନ, ଜାପାନ ସମେତ ୟୁରୋପୀୟ ଦେଶସମୂହ ସେମାନଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ।

ଆମେରିକାର ପ୍ରଭୁତ୍ୱ ବିସ୍ତାର କରିଥିବା ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ବା କୃତ୍ରିମ ବୁଦ୍ଧିମତ୍ତା କମ୍ପାନୀଗୁଡ଼ିକ ତୁଳନାରେ କମ୍ ବ୍ୟୟରେ ଚାଇନାର ଡିପ୍‌ସିକ୍ ଏକ ବୃହତ୍ ଲାଙ୍ଗୁଏଜ ମଡେଲ ବିକଶିତ କରିବାର ରହସ୍ୟକୁ ସାମ୍ନାକୁ ଆଣିଛି। ସବୁଠୁ ବିକଶିତ ଚିପ୍ସ ଏବଂ କମ୍ ନିୟାମକ କଟକଣା ପରିବେଶରେ ଥିବା ବୃହତ୍ ଟେକ୍ କମ୍ପାନୀଗୁଡ଼ିକ କେବଳ ସବୁଠୁ ଭଲ ଏଆଇ ବିକାଶ କରିପାରିବେ ବୋଲି ଯେଉଁ ଧାରଣା ଥିଲା ତାହାକୁ ଡିପ୍‌ସିକ୍ ଭୁଲ୍ ପ୍ରମାଣିତ କରିଛି। ଏହା ମଧ୍ୟ ଦର୍ଶାଇଛି ଯେ, ସିଲିକନ୍ ଭ୍ୟାଲି ମଡେଲର ବିକଳ୍ପ ରହିଛି। ଏଯାବତ୍ ବ୍ରାଜିଲ ସାହସ ଓ ଦୃଢ଼ ବିଶ୍ୱାସର ସହିତ ମସ୍କଙ୍କୁ ଚ୍ୟାଲେଞ୍ଜ କରିଛି। ଏପରି କି ଟ୍ରମ୍ପ ପ୍ରଶାସନରେ ଯୋଗଦେବା ପୂର୍ବରୁ ମଧ୍ୟ ଏହା କରିଆସୁଛି। ଡିଜିଟାଲ ମାର୍କେଟ ଏବଂ ଏଆଇକୁ ଉପଯୋଗ କରୁଥିବା ୟୁରୋପ ବିଶ୍ୱର ଧନୀଙ୍କ କ୍ଷମତାରେ ଲଗାମ ଓ ନିୟନ୍ତ୍ରଣ କରିବାରେ ଏହାର ଅଧିକାରକୁ ସୁରକ୍ଷିତ ରଖିବ କି ନାହିଁ ତାହା ଏବେ ଅସ୍ପଷ୍ଟ ରହିଛି। କାରଣ ପ୍ରତିଯୋଗିତାତ୍ମକ ନୀତି ଲାଗୁ କରିବାରେ ପାରମ୍ପରିକ ମାର୍କେଟ ସମସ୍ୟା ସହିତ ଅନ୍ୟସବୁ ପରିଣାମ ରହିଛି। ଏଣୁ ଅଧିକରୁ ଅଧିକ ଦେଶ ଡିଜିଟାଲ ସେବାକୁ ସଞ୍ଚାଳନ କରିବା ଉଚିତ। ଏହାର ଶକ୍ତିକୁ ଦୃଢ଼ କରିବା ପାଇଁ ମାର୍କେଟର ପ୍ରାଧାନ୍ୟକୁ ଗୁରୁତ୍ୱ ଦେବା ସହ ସାଧାରଣ ଆଲୋଚନା, ତଥ୍ୟ ପ୍ରବାହର ନିୟନ୍ତ୍ରଣ ଉପରେ ଧ୍ୟାନଦେବା ଉଚିତ। ସଂସ୍କୃତି ଓ ପରିବେଶକୁ କ୍ଷତି କରୁଥିବା ଅନିୟନ୍ତ୍ରିତ ଏଆଇ ବିକାଶକୁ ଅନୁମତି ଦେବା କିମ୍ବା ଏଭଳି ନୂତନତ୍ୱକୁ ସବ୍‌ସିଡି ଦେବା ଭଳି ଖରାପ ପଦକ୍ଷେପ ନେବା ବୈଶ୍ୱିକ ସ୍ତରରେ ଏକ ପ୍ରଯୁକ୍ତିଗତ ଫାସିବାଦ ଆଡ଼କୁ ବାଟ କଢ଼ାଇ ନେଇପାରେ।

ପ୍ରଭାବଶାଳୀ ଟେକ୍ କମ୍ପାନୀଗୁଡ଼ିକର ଏକଚାଟିଆ କ୍ଷମତାକୁ ଶକ୍ତିଶାଳୀ କରିବା ବଦଳରେ ଯଦି ପ୍ରତିଯୋଗିତା ଏବଂ ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା ପାଇଁ ସ୍ପଷ୍ଟ ନିୟମ ଅଣାଯାଏ ତେବେ ତାହା ନୂତନତ୍ୱକୁ ପ୍ରେରଣା ଦେବାର ଅଧିକ ସମ୍ଭାବନା ରହିଛି। ଉଦାହରଣ ସ୍ୱରୂପ, ୟୁରୋପୀୟ ସଂଘ (ଇୟୁ)ର ଜେନେରାଲ ଡେଟା ପ୍ରୋଟେକ୍ସନ ରେଗୁଲେଶନ ପ୍ରଥମରୁ ବାଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏକ ବୈଶ୍ୱିକ ମାନ ହୋଇଛି ଏବଂ ଗୋପନୀୟତା ରକ୍ଷା କରିବାର ନୂତନତ୍ୱ ବୃଦ୍ଧି କରିବା ସହ କର୍ପୋରେଟ ହସ୍ତକ୍ଷେପ ବିରୋଧରେ ସୁରକ୍ଷା କବଚ ପାଲଟିଛି। ନୂତନତ୍ୱ ଏବଂ ନିୟମ ମଧ୍ୟରେ ଏକ ଭୁଲ୍ ପଦକ୍ଷେପ ବା ନିଷ୍ପତ୍ତି ନେବା ବଦଳରେ ବିଶ୍ୱର ଗଣତାନ୍ତ୍ରିକ ଦେଶଗୁଡ଼ିକ ପାଇଁ ଏକ ବାସ୍ତବ ନୂତନତ୍ୱ ପାଇଁ ପରିବେଶ ସୃଷ୍ଟି କରିବାର ସୁଯୋଗ ରହିଛି। ଏହା ବ୍ୟତୀତ ମୌଳିକ ଅଧିକାରକୁ ସୁରକ୍ଷିତ ରଖି କିଭଳି ଗଣତାନ୍ତ୍ରିକ ନିରୀକ୍ଷଣ ପ୍ରଯୁକ୍ତିଗତ ପ୍ରଗତି ଆଣିବାରେ ସକ୍ଷମ ହେବ ତାହା ସ୍ପଷ୍ଟ ଦର୍ଶାଇବ। କିନ୍ତୁ ଟେକ୍ ପଲିସି ବା ନୀତି ଏକଚ୍ଛତ୍ରବାଦୀ ଆଭିମୁଖ୍ୟକୁ ପ୍ରତିରୋଧ କରିବାର ପ୍ରମୁଖ ଅସ୍ତ୍ର ହେବ ବୋଲି ଗ୍ରହଣ କରିବାକୁ ପଡ଼ିବ। ଏଭଳି ପଦକ୍ଷେପ ଆମେରିକା ବିରୋଧୀ ନୁହେଁ। ଅବଶ୍ୟ ଏହା ଆମେରିକାରେ ବୃହତ୍ ଟେକ୍ କମ୍ପାନୀ ଓ ରାଜନୈତିକ କ୍ଷମତାର ମିଳନରେ ସୃଷ୍ଟି ହେଉଥିବା ସମସ୍ୟାକୁ ପ୍ରତିଫଳିତ କରେ।

**ଡାଇରେକ୍ଟର, ସେଣ୍ଟର ଫର ଜର୍ନାଲିଜମ ଆଣ୍ଡ ଲବର୍ଟି, ଓପନ ମାର୍କେଟ ଇନ୍‌ଷ୍ଟିଚ୍ୟୁଟ**

# ବଳିଦାନର ମହତ୍ତ୍ୱ




**ହରିଶ୍ଚନ୍ଦ୍ର ଅରିଶଲ୍ୟ**

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ସର୍ବଶ୍ରେଷ୍ଠ ବଳିଦାନ, କ୍ଷମା ଓ ତ୍ୟାଗର ଜୀବନକୁ ଶୁଭ ଶୁକ୍ରବାର ମନେପକାଇଦିଏ। ୨୦୦୦ରୁ ଅଧିକ ବର୍ଷ ତଳେ ମିଥ୍ୟା ଓ କପୋଳକଳ୍ପିତ ଷଡ଼ଯନ୍ତ୍ରର ଶିକାର ହୋଇ ପ୍ରଭୁ ଯିଶୁ କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ। ବାଇବେଲ କହେ, 'ମନୁଷ୍ୟର 'ପାପ କ୍ଷମା ନିମନ୍ତେ ବୃଷ ଓ ଛାଗଳର ରକ୍ତରେ ପାପ କ୍ଷମା ଅସମ୍ଭବ'। ଅର୍ଥାତ୍ ବିନା ରକ୍ତପାତରେ ପାପ କ୍ଷମା ଅସମ୍ଭବ। ଅତଏବ ପାପ କ୍ଷମା ପାଇଁ ପବିତ୍ର ବଳିଦାନ ଜରୁରୀ । ପ୍ରଶ୍ନ ହୋଇପାରେ, ଯିଶୁଖ୍ରୀଷ୍ଟ ଯଦି ପ୍ରଭୁ, ତା'ହେଲେ ତାଙ୍କ ଆଦେଶରେ ପାପ କ୍ଷମା ହୋଇପାରିଥାନ୍ତା। ସେ କାହିଁକି ମୃତ୍ୟୁ ଭୋଗ କଲେ। ବାଇବେଲ କହେ, 'ପଶୁପକ୍ଷୀର ବଳିଦାନରେ ପାପ କ୍ଷମା ଅସମ୍ଭବ'। ପବିତ୍ର ରକ୍ତର ଆବଶ୍ୟକତା ଜରୁରୀ ଥିଲା। ତା' ବ୍ୟତୀତ ବାଇବେଲ କହେ, 'ପ୍ରଭୁ ଯିଶୁ କହିଲେ, ମୋର ସୁରକ୍ଷା ନିମନ୍ତେ ଈଶ୍ୱରଙ୍କୁ ନିବେଦନ କରିଥିଲେ ସେ ବାହିନୀଗଣ ଦୂତ ପଠାଇଥାନ୍ତେ । କିନ୍ତୁ ଧର୍ମଶାସ୍ତ୍ର ଅନୁସାରେ, ଆଇନଗତ ଆବଶ୍ୟକତା ଓ ଧର୍ମଶାସ୍ତ୍ରର ଭବିଷ୍ୟତ ବାର୍ତ୍ତା ଯେପରି ସଫଳ ହେବ, ସେଥିପାଇଁ ସେ ବଳିକୃତ ହେବା ପାଇଁ ସୁଯୋଗ ଦେଲେ। ପୁଣି ବାଇବେଲ କହେ, ''ଯେଉଁମାନେ ନୂତନ ନିୟମ ସ୍ଥାପନ କରନ୍ତି, ସେହି ନୂତନ ନିୟମକୁ କାଏମ କରିବା ପାଇଁ ନିଜ ଜୀବନ ଦେବାକୁ ପଡ଼ିଥାଏ। ପ୍ରଭୁ ଯିଶୁ ନିଜ ଜୀବନକୁ ବଳିକୃତ କରି ନୂତନ ନିୟମ ସ୍ଥାପନ କଲେ ।''

ଯିଶୁ କ୍ରୁଶ ଉପରେ ବଳିକୃତ ହେବା ସମୟରେ କହିଥିଲେ, ହେ ପିତା, ଏମାନଙ୍କୁ କ୍ଷମାକର, କାରଣ ଏମାନେ କ'ଣ କରୁଛନ୍ତି ତାହା ଜାଣନ୍ତି ନାହିଁ । ଯିଶୁଙ୍କ

**ଶୁଭ ଶୁକ୍ରବାର ଉପଲକ୍ଷେ**



ପ୍ରଥମବାଣୀ ଆଜି ମାନବ ସମାଜ ପାଇଁ ଗଭୀର ରେଖାପାତ କରିଛି। ଯିଶୁଖ୍ରୀଷ୍ଟ ପ୍ରଭୁ ହୋଇ ମଧ୍ୟ ମାନବ ସମାଜର ପରିତ୍ରାଣ ପାଇଁ ଜୀବନର ସବୁକିଛି ତ୍ୟାଗ କରିଥିଲେ। ତାଙ୍କର ବଳିଦାନ ଓ ତ୍ୟାଗ ଯୋଗୁ ସମାଜର ମୁକ୍ତି ତଥା ମାନବ ଜାତିର ପରିତ୍ରାଣ କାର୍ଯ୍ୟ ସମ୍ପନ୍ନ ହୋଇପାରିଥିଲା। ବାଇବେଲ କହେ, ''ପ୍ରଭୁ ଯିଶୁଖ୍ରୀଷ୍ଟ ସେବା ପାଇବାକୁ ଆସି ନ ଥିଲେ ବରଂ ସେ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପ ଆପଣା ପ୍ରାଣ ଉତ୍ସର୍ଗ କରିବାକୁ ଆସିଥିଲେ।'' ଭାରତୀୟ ସମାଜରେ ବଳିଦାନର ଗୁରୁତ୍ୱ ଅଛି ଏବଂ ଆମେ ଭାରତୀୟମାନଙ୍କ ବଳିଦାନର ଗଭୀରତା ଯେତିକି ବୁଝୁଛେ, ପୃଥିବୀର ଅନ୍ୟ କେହି ସେହିପରି ବୁଝିପାରନ୍ତି ନାହିଁ। କାରଣ ବଳିଦାନ ଆମ ସଂସ୍କୃତି, ପରମ୍ପରା ଓ ବିଶ୍ୱାସ ସହ ଜଡ଼ିତ। ବାଇବେଲ କହେ, ''ମାନବ ସମାଜକୁ ଈଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଖ୍ରୀଷ୍ଟ ମଧ୍ୟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ, ସେମାନଙ୍କ ପାପ ହେତୁ ଥରେମାତ୍ର ମୃତ୍ୟୁ ଭୋଗକଲେ''।

ହେ ପିତା, ଏମାନଙ୍କୁ କ୍ଷମାକର- କ୍ରୁଶ ଉପରୁ ଏହିପରି ପ୍ରଭୁ ଯିଶୁଙ୍କ ଏକ ଅମାୟିକ, ଅମାୟିକ କ୍ରନ୍ଦନ ମାନବ ସମାଜ ସାମ୍ନାରେ ଗଭୀର ସତ୍ୟ ପ୍ରତିପାଦିତ କରିଛି। ସମସ୍ତେ କ୍ଷମା କରିପାରନ୍ତି ନାହିଁ। କ୍ଷମା ଦେବା କେବଳ ଈଶ୍ୱରୀୟ ପ୍ରକୃତି ଥିଲେ କରିପାରନ୍ତି। ଏହା ଶୁଭ ଶୁକ୍ରବାରର ବିଶେଷ ଅନୁଚିନ୍ତା। କ୍ଷମା ଶବ୍ଦ ପଢ଼ିବା ବା କହିବା ସହଜ, କିନ୍ତୁ କ୍ଷମା କରିବା ସହଜ ନୁହେଁ। ଶୁଭ ଶୁକ୍ରବାରର ଆତ୍ମା ହେଉଛି କ୍ଷମା। ଶତ୍ରୁକୁ ପ୍ରେମ କରି ଏବଂ ଯେଉଁମାନେ ତାଡ଼ନା, ଦୁଃଖ, ଯନ୍ତ୍ରଣା, ଅପମାନ ଏବଂ ସମସ୍ୟା ଦିଅନ୍ତି, ସେ ସବୁ ସହ୍ୟ କରି ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଓ କ୍ଷମା ଦେବାକୁ ଯିଶୁଖ୍ରୀଷ୍ଟ ଶିଷ୍ୟମାନଙ୍କୁ ଉପଦେଶ ଦିଅନ୍ତି, ଯାହାକି ଆଜି ମଧ୍ୟ ଗ୍ରହଣଯୋଗ୍ୟ। ଦୁଃଖର କଥା, ଆଜିକାଲି ବାପ-ପୁଅ, ଭାଇ-ଭଉଣୀ, ଭାଇ-ଭାଇ ପରସ୍ପରକୁ କ୍ଷମା କରୁ ନ ଥିବା ଦେଖାଯାଏ। ଶତ୍ରୁକୁ ଅବା କିଏ କ୍ଷମା କରିବ? କିନ୍ତୁ ପ୍ରଭୁ ଯିଶୁ କ୍ଷମା କରି ଦୁନିଆକୁ ଦେଖାଇ ଦେଲେ। ସମସ୍ତଙ୍କୁ କ୍ଷମା ଦେବାପାଇଁ ପ୍ରଭୁ ଯିଶୁ ନିଜେ ଉଦାହରଣ ହେବା ସହ ଆହ୍ୱାନ କରୁଛନ୍ତି। ପ୍ରଭୁ ଯିଶୁ କହିଲେ, ଯେଉଁମାନେ ପ୍ରଭୁ ଯିଶୁଙ୍କଠାରେ ବିଶ୍ୱାସ କଲେ, ସେମାନେ ଈଶ୍ୱରଙ୍କ ନିକଟକୁ ଗଲେ।'' ଅତଏବ ଆହ୍ୱାନ ଦେଉଛନ୍ତି -''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି''।

ମୋ: ୯୪୯୪୭୮୨୭୭୭

## ଏଇ ଭାରତରେ

ଭାରତରେ ଏବେ ମଧ୍ୟ ଅନେକ ଦୁର୍ଗମ ଅଞ୍ଚଳର ଗାଁଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ସେମାନେ କିରୋସିନ ଲାଟିନ ବ୍ୟବହାର କରୁଛନ୍ତି କିମ୍ବା ଅନେକ ସମୟରେ ଅନ୍ଧାରରେ ରହୁଛନ୍ତି। ହେଲେ ସଚିନ ଧଣ୍ଡେ ନିର୍ମାଣ କରିଥିବା ସୋଲାର ଲାଣ୍ଟିନ ଏହି ସମସ୍ୟାକୁ ଅନେକାଂଶରେ ଦୂର କରିପାରିବ। ଧଣ୍ଡେ ଏହି ଲାଣ୍ଟିନର ନାମ ରଖିଛନ୍ତି ଭାସ୍କର। ଏହା ସୌରଶକ୍ତିରେ ଜଳୁଛି। ଏହାର ଓଜନ କମ୍ ଓ ମଜଭୁତ। ଦରକାର ପଡ଼ିଲେ ରାତିରେ ଯେ କୌଣସି ସ୍ଥାନକୁ ସହଜରେ ନିଆଯାଇପାରୁଛି। ଥରେ ସୌରଶକ୍ତିରେ ଚାର୍ଜ ହେବା ପରେ ଏହି ଲାଣ୍ଟିନ ୬ରୁ ୮ ଘଣ୍ଟା ଭଲ ଭାବେ ଜଳୁଥିବାବେଳେ ୨୪ ଘଣ୍ଟା ଡିମ୍ ଆଲୋକ ଦେଇପାରୁଛି। ଏପରି କି ଏହା କୌଣସି ସମୟରେ ଖରାପ ହେଲେ ତାହାକୁ କମ୍ ମୂଲ୍ୟରେ ସଜାଡ଼ି ହେଉଛି। ତେବେ ଏଭଳି ସୌରଚାଳିତ ଲାଣ୍ଟିନ ଡିଜାଇନ କରିବା ପଛରେ ଧଣ୍ଡେଙ୍କ ପିଲାଦିନର ସଂଘର୍ଷର କାହାଣୀ ଜଡ଼ିତ ରହିଛି। ତାଙ୍କ ଘରେ ବିଦ୍ୟୁତ୍ ନ ଥିବାରୁ ସେ ପିଲାଦିନେ କିରୋସିନ ଲାଣ୍ଟିନରେ ପଢୁଥିଲେ। ଏଭଳି ସ୍ଥିତି ତାଙ୍କୁ ହିଁ ସୋଲାର ଲାଣ୍ଟିନ ତିଆରି କରିବାକୁ ପ୍ରେରିତ କରିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

**୧୮ ଏପ୍ରିଲ ୧୯୭୬**

- ଓଡ଼ିଶା ରେଜିଷ୍ଟ୍ରେସନ ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କ ସ୍ୱୀକୃତି ପ୍ରଦାନ।
- ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ହାଇକୋର୍ଟର ପ୍ରଧାନ ବିଚାରପତି ଶିବନାରାୟଣ ଶଙ୍କରଙ୍କ ଶପଥ ଗ୍ରହଣ।
- ଜାଭିର ଇଲାନେସ ଫର୍ନାଣ୍ଡେଜ୍ ଭାରତ ପାଇଁ ଚିଲିର ନୁଆ ରାଷ୍ଟ୍ରଦୂତ ମନୋନୀତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 8 | | | | |
| | | | 1 | | | | | 5 |
| | 2 | | | | | | 6 | |
| | | | | | | 6 | | |
| | | 2 | 9 | | | | | |
| 1 | 9 | | | 7 | | | | |
| | | | | | | | 1 | |
| 8 | | 1 | 7 | | 5 | | 3 | 9 |
| 5 | | | | 3 | | 7 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 4 | 9 | 7 | 3 | 1 | 8 | 5 |
| 9 | 8 | 7 | 5 | 2 | 1 | 6 | 3 | 4 |
| 3 | 5 | 1 | 8 | 4 | 6 | 2 | 7 | 9 |
| 4 | 3 | 5 | 1 | 6 | 2 | 7 | 9 | 8 |
| 1 | 9 | 8 | 7 | 5 | 4 | 3 | 6 | 2 |
| 7 | 6 | 2 | 3 | 8 | 9 | 4 | 5 | 1 |
| 5 | 1 | 9 | 4 | 3 | 7 | 8 | 2 | 6 |
| 8 | 7 | 6 | 2 | 1 | 5 | 9 | 4 | 3 |
| 2 | 4 | 3 | 6 | 9 | 8 | 5 | 1 | 7 |

ଗତକାଲିର ଉତ୍ତର

# ଜଳବାୟୁ ପରିବର୍ତ୍ତନ ଓ ପ୍ରବାସନ



**ବିଦ୍ୟାଧର ମହାରଣା**

ଜଳବାୟୁ ପରିବର୍ତ୍ତନ ପ୍ରଭାବିତ ପ୍ରବାସନ ଏକ ନୂତନ ସମସ୍ୟା। ୧୯୭୬ ମସିହାରେ ଲେଷ୍ଟର୍ ବ୍ରାଉନ ପ୍ରଥମେ ପରିବେଶୀୟ 'ଶରଣାର୍ଥୀ' ଶବ୍ଦ ବାହାର କରିଥିଲେ। ୧୯୮୫ରେ ଏସାମ ଏଲ୍-ହିନାୱି ପ୍ରକାଶ କଲେ ଏହି ଶରଣାର୍ଥୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବରେ ନିଜ ଭିଟାମାଟି ଛାଡି ଅନ୍ୟତ୍ର ଦେଶାନ୍ତରୀ ହୁଅନ୍ତି। ଏହାପରେ ଏମାନଙ୍କୁ ଜଳବାୟୁ ପ୍ରଭାବିତ ଶରଣାର୍ଥୀ କିମ୍ବା ଜଳବାୟୁ ପ୍ରଭାବିତ ଦେଶାନ୍ତରୀ କୁହାଗଲା। ତେବେ ପ୍ରବାସନ ପାଇଁ ଆନ୍ତର୍ଜାତିକ ସଂଗଠନ ପ୍ରକାଶ କରିଛନ୍ତି ଜଳବାୟୁ ପ୍ରଭାବିତ ଦେଶାନ୍ତରୀମାନଙ୍କୁ ଶରଣାର୍ଥୀ କୁହାଯାଇପାରିବ ନାହିଁ। ଜଳବାୟୁ ପରିବର୍ତ୍ତନ ପ୍ରଭାବିତ ପ୍ରବାସନ ଆମ ଦେଶରେ ବୃଦ୍ଧି ପାଇଲାଣି। ଅର୍ଥନୀତି ଓ ଶାନ୍ତି ଅନୁଷ୍ଠାନ ଆକଳନ ଅନୁସାରେ ଚାଇନା, ବାଂଲାଦେଶ, ଭାରତ, ଭିଏଟ୍‌ନାମ, ଇଣ୍ଡୋନେସିଆ ଓ ପାକିସ୍ତାନରେ ୨୦୫୦ ବେଳକୁ ବହୁ ସଂଖ୍ୟାରେ ଜଳବାୟୁ ପ୍ରଭାବିତ ପ୍ରବାସନ ହୋଇପାରେ। ଏହାର ଅଟକଳ ଅନୁସାରେ ବିଶ୍ୱରେ ୨୦୦୮ ପରଠାରୁ ପ୍ରାୟ ୩୭୬ ନିୟୁତ ଲୋକ ଏହି କାରଣରୁ ପ୍ରବାସିତ ହେଲେଣି। ବିଶ୍ୱବ୍ୟାଙ୍କର ୨୦୨୧ ରିପୋର୍ଟ ଅନୁସାରେ ୨୦୫୦ ସୁଦ୍ଧା ୨୧୬ ନିୟୁତ ଲୋକ ଆଫ୍ରିକା ମହାଦେଶର ଅନ୍ତଃ ପ୍ରବାସନ କରିବେ।

ବନ୍ୟା ଓ ଭୂସ୍ଖଳନ ଯୋଗୁ ଲୋକେ ଅସ୍ଥାୟୀ ଭାବରେ ଅଳ୍ପ ଦୂରକୁ ପ୍ରବାସନରେ ଯିବାବେଳେ ମରୁଡ଼ି ଓ ଅଧିକ ଉତ୍ତାପ ଯୋଗୁ ଦୂରକୁ ପ୍ରବାସନରେ ଯାଆନ୍ତି। ଭାରତରେ ପ୍ରାୟ ଦୁଇ ତୃତୀୟାଂଶ ଲୋକ କୃଷି, ପଶୁପାଳନ, ମାଛଚାଷ ଓ ବନୀକରଣ ଉପରେ ଜୀବିକା ନିର୍ବାହ ପାଇଁ ନିର୍ଭର କରନ୍ତି। ଅନ୍ତଃ ବିସ୍ଥାପନ ଉପଦେଷ୍ଟା କେନ୍ଦ୍ର ଅଟକଳ ଅନୁସାରେ ୨୦୨୦ରେ ୧୪ ନିୟୁତ ଲୋକ ଜଳବାୟୁ ପ୍ରଭାବରେ ଦେଶ ମଧ୍ୟରେ ପ୍ରବାସନ କରିଥିଲେ। ଭାରତରେ ବନ୍ୟା, ମରୁଡ଼ି, ବାତ୍ୟା ଓ ଅଧିକ ଉତ୍ତାପ ଯୋଗୁ ପ୍ରଭାବିତ ଲୋକେ ପ୍ରବାସନରେ ଯାଉଛନ୍ତି। ଭାରତର ପରିବେଶ ସ୍ଥିତି ରିପୋର୍ଟ ୨୦୨୨ ଅନୁସାରେ ୨୦୨୦-୨୧ରେ ୩୦ ଲକ୍ଷରୁ ଅଧିକ ଲୋକ ଜଳବାୟୁ ପରିବର୍ତ୍ତନ ଯୋଗୁ ଦେଶାନ୍ତର ହୋଇଥିଲେ। ଏହି ରିପୋର୍ଟ ଦର୍ଶାଉଛି ଯେ ୨୦୫୦ ସୁଦ୍ଧା ଏହି ସଂଖ୍ୟା ୪୫ ନିୟୁତରେ ପହଞ୍ଚିବ।

ଜଳବାୟୁ ପ୍ରଭାବିତ ପ୍ରବାସନ ବାୟୁମଣ୍ଡଳ ଉତ୍ତାପ ବୃଦ୍ଧି, ଅନିୟମିତ ବୃଷ୍ଟିପାତ, ବାରମ୍ବାର ଦେଖାଯିବା ପ୍ରାକୃତିକ ବିପର୍ଯ୍ୟୟ ଏବଂ ସମୁଦ୍ର ଜଳପତ୍ତନ ବୃଦ୍ଧି ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ହୋଇଥାଏ। ଏହାର ପ୍ରଭାବ ଅସହାୟ ଲୋକଙ୍କ ଉପରେ ପଡିଥାଏ ଏବଂ ସବୁଠାରୁ କ୍ଷତିଗ୍ରସ୍ତ ହୁଅନ୍ତି କୃଷକ, ସମୁଦ୍ର କୂଳିଆ ମତ୍ସ୍ୟଜୀବୀ ଓ ସହରାଞ୍ଚଳରେ ବସ୍ତିବାସିନ୍ଦା। ପାଣିପାଗ ଫସଲ ପାଇଁ ଅନୁକୂଳ ନ ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ କୃଷି ଶ୍ରମିକ କାର୍ଯ୍ୟ ଅନ୍ୱେଷଣରେ ଦେଶାନ୍ତର ହୁଅନ୍ତି। ସମୁଦ୍ର ଜଳ ସ୍ଥଳଭାଗ ଆଡକୁ ମାଡିଆସିଲେ ସମୁଦ୍ର କୂଳିଆ ଲୋକେ ଅନ୍ୟତ୍ର ବିସ୍ଥାପିତ ହୁଅନ୍ତି। କେତେକ ଅଞ୍ଚଳରେ ବର୍ଷା ଅଭାବରେ ଜଳସଙ୍କଟ ଦେଖାଗଲେ ଲୋକେ ପିଲା ଛୁଆ ଧରି ଅନ୍ୟତ୍ର ବସବାସ କରନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ଅଭାବ ହେଲେ ଲୋକେ ବାଧ୍ୟହୋଇ କର୍ମସନ୍ଧାନରେ ସହରକୁ ପ୍ରବାସନ କରନ୍ତି। ଘରେ କେବଳ ବୁଢ଼ାବୁଢ଼ୀଙ୍କୁ ଛାଡି ସମସ୍ତେ ପ୍ରବାସରେ ରହି ବହୁ ଦୁଃଖଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରନ୍ତି। ଏପରି ଭାବରେ ଦେଶାନ୍ତର ହେଉଥିବା ଲୋକେ



କୌଣସି ସରକାରୀ ସୁବିଧା ଲାଭ କରନ୍ତି ନାହିଁ।

ଜଳବାୟୁ ପ୍ରଭାବିତ ପ୍ରବାସନ ନିରାକରଣ ପାଇଁ ବହୁବିଧ ରଣନୀତି ଆବଶ୍ୟକ। ଏପରି ପ୍ରବାସନ ପାଇଁ ଦାୟୀ କାରଣ ଗୁଡିକୁ ଦୂରୀଭୂତ କରିବାକୁ ହେବ ଏବଂ ପ୍ରଭାବିତ ଅଞ୍ଚଳ ଚିହ୍ନଟ, ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଆଗୁଆ ସୂଚନା ଓ ଏହାର ମୁକାବିଲା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ପ୍ରଭାବିତ ଲୋକଙ୍କ ଦୁଃଖ ଦୂରୀକରଣ କରିବାକୁ ହେବ। ପ୍ରଥମରେ ସବୁଜ ଗୃହ ବାଷ୍ପ ନିର୍ଗମନକୁ ହ୍ରାସ କରିବା ପାଇଁ ବିକଳ୍ପ ବ୍ୟବସ୍ଥା ହିସାବରେ ଧାରଣକ୍ଷମ କୃଷିପଦ୍ଧତି ଅବଲମ୍ବନ, ବନୀକରଣ, କାର୍ବନ କ୍ରେଡିଟ ପ୍ରଚଳନ, ବିଦ୍ୟୁତ ଯାନ ପ୍ରଚଳନ, ସୌର ଓ ପବନ ଚାଳିତ ଶକ୍ତି ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଦ୍ୱିତୀୟରେ ସାମାଜିକ ବୈଷମ୍ୟ ଦୂରୀକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ହେବ ଯେପରି ଗରିବ ଲୋକେ ଅଧିକ ପ୍ରଭାବିତ ନ ହେବେ। ତୃତୀୟରେ ବିଶେଷ ଭାବରେ ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ପ୍ରଭାବିତ ଅଞ୍ଚଳଗୁଡିକ ଚିହ୍ନଟ କରି ସତନ୍ତ୍ର ଭିତ୍ତିଭୂମି ନିର୍ମାଣ, ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ ଓ ଜୀବିକା ନିର୍ବାହ ବ୍ୟବସ୍ଥା କରିବା ଆବଶ୍ୟକ। ଆବଶ୍ୟକ ସ୍ଥଳେ ସ୍ଥାୟୀ ଭାବରେ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ହେବ। ବିଭିନ୍ନ ସମୟରେ ବାହାର ଦେଶରୁ ଶରଣାର୍ଥୀ ଆମ ଦେଶକୁ ଚାଲି ଆସନ୍ତି। ସରକାର ଏମାନଙ୍କୁ ଚିହ୍ନଟ କରି ଏମାନଙ୍କର ଥଇଥାନ ବ୍ୟବସ୍ଥା ସମ୍ପୃକ୍ତ ଦେଶ ସରକାରଙ୍କ ସହାୟତାରେ କରାଯିବା ଆବଶ୍ୟକ। ଚତୁର୍ଥରେ ସମୁଦ୍ର ଜୁଆର ଜନବସତି ଆଡକୁ ଯେପରି ମାଡି ନ ଆସେ ସେଥିପ୍ରତି ଦୃଷ୍ଟିଦେବା ସହ ହେନ୍ତାଳ ବନୀକରଣ, ଝାଉଁ ବୃକ୍ଷ ରୋପଣ ଓ ସମୁଦ୍ର ନିକଟରେ ପ୍ରାଚୀର ନିର୍ମାଣ କରାଯାଇପାରେ। ପଞ୍ଚମରେ ନିୟମିତ ପ୍ରଭାବିତ ଅଞ୍ଚଳରେ ଶିକ୍ଷା ଓ କର୍ମନିଯୁକ୍ତି ପାଇଁ ସତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଲବ୍ଧ ଅର୍ଥ ଏଥି ନିମନ୍ତେ ବିନିଯୋଗ ହୋଇପାରେ। ପରିସଂସ୍ଥାର ସୁରକ୍ଷା ନିମନ୍ତେ ଓ ଏହାକୁ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତିରୁ ରକ୍ଷା କରିବା ପାଇଁ ଭୂମି ପରିଚାଳନା କୌଶଳ ଅବଲମ୍ବନ କରି ଅବକ୍ଷୟକୁ ନିୟନ୍ତ୍ରଣ କରିବା ଆବଶ୍ୟକ। ଆବଶ୍ୟକ ସ୍ଥଳେ ଆନ୍ତର୍ଜାତିକ ସହାୟତା ପାଇଁ ନିବେଦନ କରାଯାଇ ପାରେ।

ଏହି ସମସ୍ୟାର ସମାଧାନ ନିମନ୍ତେ ଜଳବାୟୁ ପରିବର୍ତ୍ତନ ପାଇଁ ରାଷ୍ଟ୍ରୀୟ କ୍ରିୟା ଯୋଜନା ବା ଏନ. ଏ. ପି. ସି. ସି. ଏବଂ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବା ମନରେଗାରେ କିଛିଟା ବ୍ୟବସ୍ଥା ରଖାଯାଇଛି। ମନରେଗାରେ ହେନ୍ତାଳ ବନୀକରଣ, ଜୈବିକ କୃଷି ଓ ସ୍ଥାୟୀ ପରିସମ୍ପତ୍ତି ନିର୍ମାଣ ଉପରେ ସୁନ୍ଦରବନ ପରି ସର୍ବଦା ପ୍ରଭାବିତ ଅଞ୍ଚଳ ପାଇଁ ଗୁରୁତ୍ୱ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନ ପାଇଁ ରାଷ୍ଟ୍ରୀୟ କାର୍ଯ୍ୟ ଯୋଜନା ମଧ୍ୟରେ ଜଳବାୟୁ ପରିବର୍ତ୍ତନ ପ୍ରଭାବିତ ପ୍ରବାସନ ନିରାକରଣ ପାଇଁ ସତନ୍ତ୍ର ରଣନୀତି ଉଲ୍ଲେଖ କରିବା ଆବଶ୍ୟକ। ଯେଉଁ ଅଞ୍ଚଳରେ ବିସ୍ଥାପନ ଜରୁରୀ ସେଥିପାଇଁ ପୁନର୍ବାସ ଯୋଜନା କରାଯିବା ଉଚିତ। ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ଜଳବାୟୁ ପରିବର୍ତ୍ତନ ଜନିତ ଫସଲ ହାନି ହେଉ, ସ୍ଥାନୀୟ ଅଧିବାସୀ ଯେପରି ଦେଶାନ୍ତର ନ ହୁଅନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ରଖି ଏହାର ସମାଧାନ ସ୍ଥାନୀୟ ଭାବରେ କରାଯିବା ଆବଶ୍ୟକ। ମନେ ରଖିବାକୁ ହେବ ଅଭାବୀ ପ୍ରବାସନ ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବିତ ପ୍ରବାସନ ମଧ୍ୟରେ ଯଥେଷ୍ଟ ପ୍ରଭେଦ ରହିଛି ଏବଂ ଉଭୟ ପାଇଁ ଆଲଗା ରାଜନୀତି ଆବଶ୍ୟକ। ସରକାରୀ ଓ ବେସରକାରୀ ସ୍ତରରେ ଜଳବାୟୁ ସହନଶୀଳ ଯୋଜନାର ଆବଶ୍ୟକତା ଅଛି। ସହରାଞ୍ଚଳରେ ଜଳବାୟୁ ସହନଶୀଳ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରି ବାହାରୁ ପ୍ରବାସନରେ ଆସୁଥିବା ଲୋକଙ୍କ ଥଇଥାନ ବ୍ୟବସ୍ଥା କରାଯିବା ଆବଶ୍ୟକ।

**କଳିଙ୍ଗନଗର ୭/୪୫୨, ଭୁବନେଶ୍ୱର**
**ମୋ:୯୪୩୭୦୭୧୧୯୦**

## ପାଠକ ଶ୍ରେଷ୍ଠ ବିଚାରକ

### ମାଓବାଦ ସମାପ୍ତିର ବିକଳ୍ପ କ'ଣ ଏନ୍‌କାଉଣ୍ଟର

ମହାଶୟ,

ଓଡ଼ିଆରେ ଏକ ଢଗ ଅଛି ଯେସାକୁ ତେସା, ହାରାମ ଜାଦାକୁ ଟାଙ୍ଗିଆ ପାସା। ଅନ୍ୟ ଅର୍ଥରେ ଗୁଳିର ଜବାବ ଗୁଳିରେ, ଇଟାର ଜବାବ ପଥରରେ । ଏହି ନ୍ୟାୟରେ ବୋଧେ ମାଓବାଦୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବିଭିନ୍ନ ମତବାଦ ଓ ସଂଗଠନ ଭଳି ମାଓବାଦର ଗଭୀର ଚେର ସୁଦୂର ଚାଇନାରୁ ନେପାଳ ସମେତ ଭାରତରେ କାୟାବିସ୍ତାର କରିଚାଲିଛି। ଭାରତର ଆଞ୍ଚଳିକ ଅସ୍ଥିରତା ଦେଖାଯାଉଛି। ଜାତୀୟ ରାଜନୈତିକ ଦଳ ଅପେକ୍ଷା ଆଞ୍ଚଳିକ ଦଳ ମାଓବାଦ ନରମ ମନୋଭାବ ପୋଷଣ କରନ୍ତି। କିନ୍ତୁ ଏବେ କେନ୍ଦ୍ର ସରକାର ମାଓବାଦୀଙ୍କୁ ମୂଳପୋଛ କରିବାକୁ ଆଗକୁ ବଢ଼ିଛି। ଏ ପରିପ୍ରେକ୍ଷୀରେ ଏନ୍‌କାଉଣ୍ଟରରେ ୧୭ ମାଓବାଦୀ ନିପାତ ମାଓ ମୁକାବିଲାର ଆଉ ଏକ ଫର୍ଦ୍ଦ।

**-ଡି.ପି. ତ୍ରିପାଠୀ, ପୁରୀ**

## ଚିରନ୍ତନୀ

ଆଜି ତ ମନେ ପଡଇ ନାହିଁ
ସେ କେଉଁ ପଥେ ରହିଲି ଚାହିଁ
ସେ କେଉଁ ଗୀତ ଆସିଲା ଭାସି ବନୁ
ସକଳ ରୂପ ଅରୂପ ହେଲା ଅତନୁ ହେଲା ତନୁ।
-(କୁହୁ ପ୍ରାସ)
**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଶ୍ୱ ଦକ୍ଷତା କେନ୍ଦ୍ର ବୁଲି ଦେଖିଲେ ଗଡକରୀ

**ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)**

ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ କରିବାରେ ଏହି କେନ୍ଦ୍ର ବିଶେଷ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ହୋଇଛନ୍ତି। ଏହି ଅତ୍ୟାଧୁନିକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଛନ୍ତି। ଏହାପରେ ସେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଟ୍ରାଭେଲେଟର ଓ ଏସ୍କାଲେଟର ଲାବରେଟୋରି ସହ ଅଟୋମେସନ ଆଣ୍ଡ ବେସିକ୍ ରୋବୋଟିକ୍ସ ଲାବ୍ ଏବଂ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ବୁଲି ଦେଖିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରୀଛାତ୍ର ଓ ପ୍ରଶିକ୍ଷକଙ୍କ ସହ କଥା ହୋଇଛନ୍ତି। ଏହି ଅତ୍ୟାଧୁନିକ



ଲାବରେଟୋରିରେ ସେମାନଙ୍କ ଦକ୍ଷତା ବିକାଶ ଏବଂ କ୍ୟାରିୟର ସ୍ୱପ୍ନ ପୂରଣ ଦିଗରେ କିପରି ସହାୟକ ହେଉଛି ସେ ବିଷୟରେ ପଚାରି ବୁଝିଛନ୍ତି। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ କରାଯାଉଛି। ଯୁବପିଢ଼ିଙ୍କ ଦକ୍ଷତାକୁ ନୂଆ ଉଚ୍ଚତାକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏ ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ବଡ଼ ଯୋଗଦାନ ରହୁଛି। ଏଠାରେ ଅତ୍ୟାଧୁନିକ ତାଲିମ ନେଇ ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ବିଶେଷ ପରିଚୟ ପାଇବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ, ୨ ଗୁରୁତର

## ବିବାହ ଶୋଭାଯାତ୍ରା ବେଳେ ଅଘଟଣ

**ପରଜଙ୍ଗ, ୧୭।୪ (ନିଗମାନନ୍ଦ ଦଳବେହେରା)**

ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଲଦା ପଞ୍ଚାୟତ କଣ୍ଟେଇଖୋଲ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଉଛନ୍ତି ତାଳଚେର ଥାନା ରେମୁଁଆ ଗ୍ରାମର ଗଣେଶ୍ୱର ହେମ୍ବ୍ରମ(୨୦)। ଗୁରୁତର ୨ ଜଣଙ୍କ ପରିଚୟ ମିଳିପାରି ନାହିଁ।

ସୂଚନା ମୁତାବକ, ମହାବିରୋଡ୍ ଥାନା ଘାଗରାମୁଣ୍ଡା ଗ୍ରାମରୁ ଏକ ବିବାହ ଶୋଭାଯାତ୍ରା ବାହାରି କଣ୍ଟେଇଖୋଲସ୍ଥିତ କନ୍ୟା ଗ୍ରାମରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ଚାଲିଥିବା ବେଳେ ଗ୍ରାମ ମଧ୍ୟଭାଗରେ ଓହଳି ରହିଥିବା ବିଦ୍ୟୁତ୍ ସର୍ଭିସ ତାରରେ ଏକ ଲାଇଟ ଷ୍ଟାଣ୍ଡ ଲାଗିଯିବାରୁ ୩ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପରଜଙ୍ଗ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଗଣେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରଜଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ମୃତକଙ୍କ ଶାଳକ ଘାଗରାମୁଣ୍ଡା ଗ୍ରାମର ଦେବେନ ଦବାଙ୍ଗ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ଏଏସ୍‌ଆଇ ରମେଶ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# ଟଙ୍କା ଠକେଇ ମାମଲା: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୭।୪ (ସୂର୍ଯ୍ୟକାନ୍ତ ବେହେରା)**

ଦେଢ ଲକ୍ଷରୁ ଅଧିକ ଟଙ୍କା ଠକେଇ ମାମଲାରେ ମୈତ୍ରୀ ବିହାର ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ନୟାପଲ୍ଲୀରେ ରହୁଥିବା ନୟାଗଡର ବିଭୂତି ଭୂଷଣ ବେହେରା। ଠକେଇର ଶିକାର ହୋଇଥିବା ମନୋଜ ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ମନୋଜ ବିଡିଏ କଲୋନୀ ଫେଜ-୧ରେ ପରିବାର ସହ ରହୁଥିବା ବେଳେ ଅଭିଯୁକ୍ତ ବିଭୂତି ହେଉଛନ୍ତି ତାଙ୍କ ପଡୋଶୀ। ପୂର୍ବରୁ ଉଭୟ ଗୋଟିଏ ସଂସ୍ଥାରେ କାର୍ଯ୍ୟ କରୁଥିବାରୁ ପରସ୍ପର ସହ ପରିଚୟ ଥିଲା।

# ଶାସନ ସମସ୍ତଙ୍କ ପାଇଁ

**ଅଧ୍ୟାପକ ସୁକାନ୍ତ ରାଉତ**

ରାତିରେ ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ଜଣେ ଅସହାୟ ଅନ୍ଧୁଣୀର କୋଳରୁ ତା'ର ଶିଶୁପୁତ୍ରକୁ କିଏ ଚୋରିକରି ନେଲା। ଅନୁସନ୍ଧାନ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଲା, ଅବିଳମ୍ବେ ଶିଶୁପୁତ୍ରକୁ ଉଦ୍ଧାର କରାଗଲା ଓ ଦୁର୍ବୃତ୍ତମାନଙ୍କୁ ଜେଲ ପଠେଇ ଦିଆଗଲା।

ପିଲା ଚୋରି ଘଟଣା ତ ନୂଆ ନୁହେଁ, ମେଡିକାଲରୁ ପିଲା ଚୋରି ହେବା ଗତ କିଛିବର୍ଷ ହେଲା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ସିସିଟିଭି କ୍ୟାମେରାର ନଜରରେ ତ ନିଶ୍ଚୟ, ଏପରି କି ଦୃଢ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଏଠି ଅସହାୟ ଅନ୍ଧୁଣୀଟିର ଶିଶୁପୁତ୍ରଟି ଉଦ୍ଧାର ହେଲା ବି କିଛି ନୂଆ ନୁହେଁ, ହେଲେ ଏତେ ଦ୍ରୁତ ଗତିରେ ଉଦ୍ଧାର ହେବା ଓ ଏ ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ଦପ୍ତର ତତ୍ପର ହେବା ଅଜଣା ଆଉ ଅଶୁଣା! କାରଣ ଆମ ବ୍ୟବସ୍ଥାରେ ରାସ୍ତାକଡ଼ର ଛୋଟ ଅସହାୟ ମଣିଷଟି ପାଇଁ ରାଜଦରବାର ବହୁତ ଦୂର, ଆଉ ରାଜା ପାଇଁ ଅସହାୟ କ୍ଷୁଦ୍ର ମଣିଷଟି ବିରାଟ ମୁଣ୍ଡବ୍ୟଥା।

କେତେବଡ଼ ଗୋଟେ ବାର୍ତ୍ତା ନ ଦେଉଛି ସତେ ଏ ଘଟଣାଟି ! ଯେମିତି କେହି ଜଣେ ଆଶ୍ୱାସନାର ପାପୁଲିରେ ପିଠି ଥାପୁଡାଇ ଦେଉଛି-ଏପରି ରାସ୍ତାକଡର ମଣିଷଟିରେ! ସେ ଆଉ କହିବନି ମୋର କେହି ନାହିଁ। ଅପ୍ରତ୍ୟାଶିତ ଓ ଅବିଶ୍ୱସନୀୟ ହେଲେ ବି ସୁଦ୍ଧା ଏହା ସତ! ଅପ୍ରତ୍ୟାଶିତ ଓ ଅବିଶ୍ୱସନୀୟ ଲାଗୁଛି ଏଇଥିପାଇଁ ଯେ ପୂର୍ବରୁ ଏମିତି କିଛି ଘଟିଥିବା ତ ଦୂରର କଥା ଅର୍ଥାତ୍ ରାସ୍ତାକଡର ଅସହାୟ ଅନ୍ଧୁଣୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ମୁଣ୍ଡ ଖେଳେଇବା। କାହା ଭାବନାରେ ବି କେବେ ଏହା ନ ଥିଲା ରାସ୍ତାକଡର ଜଣେ ଅନ୍ଧୁଣୀର ଛୋଟ ପୁଅଟି ଚୋରି ହୋଇଯିବ, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଖେଳିବ!

ରାସ୍ତାକଡରେ, ଗଛମୂଳରେ ବଞ୍ଚୁଥିବା ଏ ଜୀବସବୁ କ'ଣ ମଣିଷ! 'ଉପାସିଆ ମଣିଷ ପାଇଁ ପିଲା ନୁହଁ ପେଟ ବଡ' ଭାବନାର ହିତକୁ ଖୁବ୍ କମ୍ ଲୋକ ଚିହ୍ନନ୍ତି, ଆମ ସମାଜରେ ଆଉ ଆମ ବ୍ୟବସ୍ଥା ଭିତରେ! ଆଉ ସେହି କମ୍‌ସଂଖ୍ୟକ ଲୋକ ଦେଖିପାରନ୍ତି ଯେ ରାସ୍ତାକଡର ଏଇ ଅନ୍ଧୁଣୀ ମା'ଟିର ପେଟରେ ଭୋକର ଯନ୍ତ୍ରଣା ଥାଇପାରେ, ଆଖିରେ ତା'ର ତେଜ ନ ଥାଇପାରେ, ହେଲେ ତା' ଛୁଆଟି ପାଇଁ ଛାତିରୁ ତା'ର ଝରି ଆସୁଥିବା ମାତୃତ୍ୱର ମୋହକୁ ମାପିହେବନି, ସେ ମୁଦ୍ରିତ ଆଖିରୁ ଝରି ଆସୁଥିବା ଲୁହକୁ କେବେ ରୋକିହେବନି। ଭୋକକୁ କିଏ ପଚାରେ, ଜୀବନ ବି ସେ ଦେଇଥାନ୍ତା ପୁଅ ପାଇଁ। ରାସ୍ତାକଡରେ ପଡିଥିଲେ ବି ସୁଦ୍ଧା ଅନ୍ୟମାନଙ୍କ ଭଳି ମହୀୟସୀ ସେ! ଆମ ମୁଖ୍ୟମନ୍ତ୍ରୀଙ୍କୁ ମା'ଟିର ଏ ଦୁର୍ଦ୍ଦଶା ନିଶ୍ଚୟ ବିଚଳିତ କରିଛି। ନିର୍ଦ୍ଦେଶ ଦେଲେ ସେ ନିଜ ଦପ୍ତରକୁ ଅନୁସନ୍ଧାନ ଉପରେ ଆଖି ରଖିବାକୁ, ଆଉ ବାର୍ତ୍ତାଦେଲେ ସମସ୍ତଙ୍କୁ, ଯାହାର କେହି ନାହିଁ ତା' ପାଇଁ ମୁଁ ଅଛି, ତୁମେ ଯିଏ ହୁଅ, ଗଛମୂଳର କି ରାସ୍ତାକଡର ମଣିଷ ହୁଅ, ତମ ଚିନ୍ତା ଆଉ କିଏ କରୁ ବା ନ କରୁ ମୁଁ କରୁଛି, ତୁମମାନଙ୍କର ମୁଖ୍ୟମନ୍ତ୍ରୀ କରୁଛି। ଇତିହାସ ତ ସବୁ ଲିପିବଦ୍ଧ କରିରଖୁଛି। ପୃଷ୍ଠା ଓଲଟାଇଲେ ବାହାରିବ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପୂର୍ବରୁ ଆଉ କାହା ଦରବାର ଅସହାୟ ମଣିଷକୁ ଲୋଡିବାକୁ ଏମିତି ରାସ୍ତାକଡକୁ ଓହ୍ଲେଇ ଆସିଥିଲା।

ଆଜି ଭାଜପା ସରକାରର ନେତୃତ୍ୱ ନେଉଛନ୍ତି ମୋହନ ମାଝୀ। ମନକୁ ସ୍ୱତଃ ପ୍ରଶ୍ନଟିଏ ପଶିଆସେ, ମୋହନ ମାଝୀଙ୍କ ବ୍ୟତୀତ ଆଉ କିଏ ମୁଖ୍ୟମନ୍ତ୍ରୀ ହୋଇଥିଲେ ଅସହାୟ ଅନ୍ଧୁଣୀ ମା'ଟି କ'ଣ ଏମିତି ଦ୍ରୁତ ନ୍ୟାୟ ପାଇଥାନ୍ତା ଏବଂ ଆଗରୁ ଯେଉଁମାନେ ଆମ ରାଜ୍ୟରେ ସରକାରର ମୁଖ୍ୟ ହୋଇଛନ୍ତି, ଏହିଭଳି ସମାଜର ତଳ ପାହାଚର ମଣିଷଟିରେ ଦୁର୍ଦ୍ଦଶା ପାଇଁ ବିନା ଦାବି ଓ ପ୍ରତିବାଦରେ ସ୍ୱତଃ ଏମିତି ବ୍ୟଥିତ ହେବାର ଦୃଷ୍ଟାନ୍ତ ଅଛି କି? ଗଣତାନ୍ତ୍ରିକ ସତ୍ତା ଭିତରେ ନେତୃତ୍ୱର ଦୃଷ୍ଟିଭଙ୍ଗୀ ହିଁ ମହତ୍ତ୍ୱପୂର୍ଣ୍ଣ, ନେତାଟି ନିଜକୁ ଜନଗଣଙ୍କ ଉପରେ ରାଜା ମହାରାଜା ବୋଲି ଭାବୁଛି ନା ଜନଗଣଙ୍କ ସହିତ ସମାନ ଧୂଳିମାଟିରେ ଜଣେ ବାସ୍ତବବାଦୀ ମଣିଷ ବୋଲି ନିଜକୁ ମଣୁଛି? ଜଣେ ଜନନେତାର ବ୍ୟକ୍ତିତ୍ୱ ତ୍ୟାଗ, ସହାନୁଭୂତିଶୀଳତା, ଦୁଃସାହସିକତା, ସରଳତା, ନିଷ୍କପଟପଣିଆ ଓ ସମାହାର। ସଙ୍କଟ ଭିତରୁ ସୃଷ୍ଟିହୁଏ ନେତାଟିଏ, ସଙ୍କଟକୁ ସାମ୍ନା କରୁ କରୁ ସେ ହୁଏ ଅଭିଜ୍ଞ। ସଙ୍କଟକୁ ସାମ୍ନାସାମ୍ନି ହେବାରେ ନ ଥିବ ଛଳନା, ଥିବ ଖାଲି ସମର୍ପଣ। ଏତିକି କରି ସର୍ବସାଧାରଣଙ୍କ ଶ୍ରଦ୍ଧା ଓ ସମ୍ମାନ ଜିଣିଥାଏ ଜଣେ ଗଣନେତା। ନିଜ ଡାଇନିଂ ଟେବୁଲ ଉପରେ ବଢ଼ାଯାଇଥିବା ପଖାଳ କଂସାରୁ ଗୋଟିଏ ଭାତକୁ ଚିପରେ ଧରି ଖାଇବାର ଅଭିନୟ କରି ନୁହଁ ବରଂ ସାଧାରଣ ଲୋକଟି ପାଖରେ ତଳେ ବସି ଖୁସିରେ ଶାଗପଖାଳ ଖାଇ ଜଣେ ଜନନେତା ହୁଏ, ଭରସାକରି ଭୋଟ ଦେଇଥିବା ଲୋକଙ୍କୁ ଦେଖା ନ ଦେଇ କବାଟ କିଳି ଘରେ ବସି ନୁହେଁ ବରଂ ଜନସାଧାରଣଙ୍କ ପାଇଁ ଦୁଆର ଖୋଲାକରି ଜଣେ ଜନନେତା ହୁଏ। ମଧୁବାବୁ, ଗୋପବନ୍ଧୁ, ଗାନ୍ଧୀ, ସୁଭାଷ ଆଦି ନେତୃତ୍ୱର ନୂଆ ପରିଭାଷା ଆମ ପାଇଁ ଲେଖିଯାଇଛନ୍ତି।

କେତେବର୍ଷ ହୋଇଗଲାଣି କେଜାଣି ସେ ହିସାବ ରଖିଛି କି ନାହିଁ, ପରୀର ମାତା ଟିକିଅିକୁ ହରାଇଦେଲେ, ହେଲେ କେହି ତାଙ୍କୁ ସେଦିନ ଆଣି ଫେରେଇ ଦେଲେନି! ସେମିତି କେତେବର୍ଷ ବିତିଗଲାଣି, ପିହୁର ମାତା କୁନିଅିକୁ ହରେଇଲେ, କେହି କ'ଣ ତାକୁ ଆଣି ଦେଲେ? ଅସହାୟ ଅନ୍ଧୁଣୀ ମା'ଟି କେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଦେଖିନାହିଁ, ହେଲେ ତା' ହଜିଲା ପୁଅକୁ କୋଳରେ ପାଇଲା ସଙ୍ଗେ ସଙ୍ଗେ ଆଖିର ଲୁହକୁ ପୋଛି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣେଇଲା। ଇଣ୍ଡିଆ ଟୁଡେ, ଆଉଟଲୁକ୍, ଏନ୍‌ଡିଟିଭି, ଜାତିସଂଘ ଦ୍ୱାରା ଶ୍ରେଷ୍ଠ ପ୍ରଶାସକ ବା ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଉପାଧି ପାଇବାକୁ ଯୋଗ୍ୟବ୍ୟକ୍ତି ଓ ସଂସ୍ଥାକୁ ବିବେଚନା କରିବା ଗୋଟେ ବାର୍ଷିକ ଗତାନୁଗତ କାର୍ଯ୍ୟ, ହେଲେ ନିଜ ରାଜ୍ୟର ରାସ୍ତାକଡରେ ଗଡୁଥିବା ଅନ୍ଧୁଣୀ ମା'ଟିର ଅକପଟ ଆଶିଷ ପାଇବା କେତେଜଣଙ୍କୁ ବା ଜୁଟେ!

GMAIL : SSUKANTAA@GMAIL.COM

# କୋରାପୁଟକୁ ପ୍ରଧାନମନ୍ତ୍ରୀ ପୁରସ୍କାର

**ଭୁବନେଶ୍ୱର/କୋରାପୁଟ, ୧୭।୪ (ରବିନାରାୟଣ ଜେନା/ଅମିତାଭ ବେହେରା)**

ଓଡ଼ିଶାର ପଛୁଆ ଜିଲା ଭାବେ ପରିଗଣିତ ହେଉଥିବା କୋରାପୁଟ ଏବେ ବିକାଶ କ୍ଷେତ୍ରରେ ଅଗ୍ରଗତି ହେଉଛି। ଜିଲାରେ ବିକାଶ ତ୍ୱରାନ୍ୱିତ ହେବା ସହିତ ସାଧାରଣ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱକୁ ନେଇ ୨୦୨୪ ବର୍ଷ ଲାଗି ପ୍ରଧାନମନ୍ତ୍ରୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏନେଇ ଗୁରୁବାର କେନ୍ଦ୍ର ସରକାରଙ୍କ ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ପକ୍ଷରୁ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ସଚିବ ଭି. ଶ୍ରୀନିବାସ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଚଳିତମାସ ୨୧ରେ ନୂଆଦିଲ୍ଲୀ ବିଜ୍ଞାନଭବନରେ ସାଧାରଣ ସେବା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପୁରସ୍କାର ପ୍ରଦାନ କରିବେ। ଏଥିରେ ଯୋଗଦାନ ପୂର୍ବକ ଏହି ପୁରସ୍କାର ଗ୍ରହଣ କରିବାକୁ ସେ ଦର୍ଶାଇଛନ୍ତି।

ଏନେଇ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି, ଦେଶର ୭୧୦ଟି ଜିଲାରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ୧୪ ରାଉଣ୍ଡ ପରେ ଏହି ପୁରସ୍କାର ପାଇବାକୁ କୋରାପୁଟ ଜିଲା ପ୍ରଶାସନ ଯୋଗ୍ୟ ବିବେଚିତ ହୋଇଛି। ଜିଲାରେ ମା'ମାନଙ୍କ ଆନୁଷ୍ଠାନିକ ପ୍ରସବକୁ ଗୁରୁତ୍ୱ ଦେବା ସହିତ ଷ୍ଟ୍ରବେରି ଚାଷ ଓ ବିଶ୍ୱକର୍ମା ଯୋଜନା ଭଳି ବହୁ ଯୋଜନାକୁ ଗୁରୁତ୍ୱ ଦିଆଯାଉଛି।

# ବିଧାନସଭାରେ ବିଜୁଙ୍କୁ ଶ୍ରଦ୍ଧାସୁମନ



**ଭୁବନେଶ୍ୱର, ୧୭।୪(ରବିନାରାୟଣ ଜେନା)**

ବିଧାନସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ, ବିଧାୟକ ପ୍ରତାପ ଦେବ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

SRI GOWTHAMI EDUCATIONAL INSTITUTIONS
Prakasam Dt,Andhra Pradesh-523247.
WANTED TEACHERS / LECTURERS

| School Level | +2 Level | +3 Level |
|---|---|---|
| Highschool : Hindi English,Mathematics,Biology, Chemistry,Social Studies Physics,Computers Principals | Lecturers : Mathematics,Physics,Chemistry Commerce ,Economics,Civics, Botany,Zoology,Sanskrit,English Principals | Lecturers : Mathematics,English Commerce,Physics, Chemistry, Computer Science |

Experience Preferable,Qualification: PG in Concerned Subjects with 55% ( Negotiable Salary )
Interseted Candidates Send their Resumes to sgeidirector@gmail.com
Venue: Odisha Teacher's Education and Training (OTET) C-16,HIG BDA Duplex,Baramunda Bhubaneswar,Odisha-751003
8599999686, 7032285130
9885306673, 8333905106

# ଆମ୍ବତୋଟାରେ ବୃଦ୍ଧଙ୍କୁ ଦଳିଦେଲା ହାତୀ

**ବନ୍ତଲା, ୧୭।୪ (ସୁଶିତ ସାହୁ)**

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ କଞ୍ଚା ସେକ୍ସନ କଞ୍ଚା ଗାଁରେ ଗୁରୁବାର ହାତୀ ଆକ୍ରମଣରେ ସୋମନାଥ ବେହେରା (୬୦)ଙ୍କ ମୃତ୍ୟୁ ହୋଇଛି। ସୋମନାଥ ଭୋର୍‌ସମୟରେ ଆମ୍ବ ସଂଗ୍ରହ ପାଇଁ ଘରପାଖ ଆମ୍ବତୋଟାକୁ ଯାଇଥିବା ବେଳେ ସେଠାରେ ପୂର୍ବରୁ ଥିବା ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି ଆମ୍ବ ଗଛରେ ପିଟିଦେବାରୁ ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଜଣାପଡ଼ିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବନ୍ତଲା ପୋଲିସ ସହ ବନପାଳ ପ୍ରସନ୍ନ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଲୋକଙ୍କ ଦାବି ଅନୁଯାୟୀ ଗାଁ ଚାରିପାଖେ ଲାଗିଥିବା ସୋଲାର ବାଡ଼ର ଖରାପ ପ୍ୟାନେଲ ଶୀଘ୍ର ମରାମତି କରିବାକୁ ବନପାଳ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୃତ ସୋମନାଥଙ୍କ ପୁଅକୁ ଗଜସାଥୀ ଭାବେ ନିଯୁକ୍ତି ଓ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ନେଇ ବନ୍ତଲା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁର୍ଘଟଣାରେ ଜଣେ ମୃତ, ରାଜପଥ ଅବରୋଧ

**ବଇଣ୍ଡା, ୧୭।୪(ପରିକ୍ଷିତ ସାହୁ)**




ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଭେଜିଗୋଠ ଗ୍ରାମରେ ଗୁରୁବାର ଏକ ମିନି ଟ୍ରକ୍ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ଫଳରେ ବାଇକ୍ ଆରୋହୀ ହଣ୍ଡପା ଥାନା ଭେଜିଗୋଠ ଗ୍ରାମର ସୌମ୍ୟରଞ୍ଜନ ସିଂଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଭେଜିଗୋଠ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। କ୍ଷତିପୂରଣ ଦାବିକୁ ନେଇ ଭେଜିଗୋଠ ଗ୍ରାମବାସୀ ହଣ୍ଡପା ଥାନା ସମ୍ମୁଖ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥରେ ମୃତଦେହରଖି ଅବରୋଧ କରଥିଲେ। ପୋଲିସ କହିଛି, ମିନି ଟ୍ରକ୍‌ଟି ଭେଜିଗୋଠ ଗ୍ରାମରେ ବିପିଏଲ୍ ଚାଉଳଦେଇ ଅପରାହ୍ନରେ ବଇଣ୍ଡା ଅଭିମୁଖେ ଆସୁଥିବାବେଳେ ଦୁର୍ଘଟଣା ଘଟାଇଥିଲା। ପୋଲିସ ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା।

# ଅଣ୍ଟା ପରିବର୍ତ୍ତେ ଆଖିରେ ଅସ୍ତ୍ରୋପଚାର ଅଭିଯୋଗ

**ବଅଁରପାଳ, ୧୭।୪(ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ କୁରୁଡୁଲୁ ଗ୍ରାମର ବୃନ୍ଦାବତୀ ସାହୁ (୭୦)ଙ୍କ ଅଣ୍ଟାରେ ଅସ୍ତ୍ରୋପଚାର ପରିବର୍ତ୍ତେ ଆଖି ଅସ୍ତ୍ରୋପଚାର କରାଯାଇଥିବା ଅଭିଯୋଗ ହୋଇଛି। ବଅଁରପାଳ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଏପରି କରାଯାଇଥିବା ଅଭିଯୋଗ ହେବାପରେ ଛାଡ଼ିବାକୁ ଆସିଥିବା ଗାଡ଼ି ଚାଳକଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ନାଲ୍‌କୋ ପୋଲିସ ପହଞ୍ଚି ତଦନ୍ତ କରୁଛି। ସେହିଭଳି ଢେଙ୍କାନାଳ ଜିଲାର ୨ ଜଣଙ୍କ ମଧ୍ୟ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବା ଅଭିଯୋଗ ହୋଇଛି।



# କଳିଙ୍ଗରେ ସୁପର କପ୍



**କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଆଉ ମାତ୍ର ୨ ଦିନ ପରେ ଏଠାରେ ଆରମ୍ଭ ହେବ କଳିଙ୍ଗ ସୁପର କପ୍ ଫୁଟବଲ। ପ୍ରତିଯୋଗିତାରେ ମୋଟ ୧୬ଟି କ୍ଲବ ଦଳ ଅଂଶଗ୍ରହଣ କରିବା କଥା। ମାତ୍ର ଆଇ-ଲିଗ୍ ଦଳ ଗୁଡ଼ିକ ପ୍ରତି ଏଆଇଏଫ୍ଏଫ୍ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ କରୁ ନ ଥିବା ଦର୍ଶାଇ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଓହରି ଯିବାରୁ ଟୁର୍ନାମେଣ୍ଟ ଦଳ ସଂଖ୍ୟା ୧୫ରେ ପହଞ୍ଚିଛି....**

କ୍ଲବ ଫୁଟବଲର ଆଉ ଏକ ମେଗା ପ୍ରତିଯୋଗିତା ଆୟୋଜନ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଆଉ ମାତ୍ର ୨ ଦିନ ପରେ ଅର୍ଥାତ୍ ୨୦ ତାରିଖରୁ ଏଠାରେ ଆରମ୍ଭ ହେବ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ। ଏହା ମେ' ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୧୬ଟି କ୍ଲବ ଦଳ ଅଂଶଗ୍ରହଣ କରିବା କଥା। ମାତ୍ର ଆଇ-ଲିଗ୍ ଦଳଗୁଡ଼ିକ ପ୍ରତି ଉପଯୁକ୍ତ ବ୍ୟବହାର କରାଯାଉ ନ ଥିବା ଦର୍ଶାଇ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଓହରି ଯିବାରୁ ଟୁର୍ନାମେଣ୍ଟ ଦଳସଂଖ୍ୟା ୧୫ରେ ପହଞ୍ଚିଛି। ତେଣୁ ଆଗାମୀ ପ୍ରତିଯୋଗିତାରେ ୧୩ଟି ଇଣ୍ଡିଆନ ସୁପର ଲିଗ୍ ଓ ୨ଟି ଆଇ-ଲିଗ୍ ଦଳ ଖେଳିବେ। ୨୦୨୪-୨୫ ରାଉଣ୍ଡ ଅଫ୍ ୧୬ ଅନୁସାରେ ଆଇଏସ୍ଏଲ୍ ଦଳଗୁଡ଼ିକୁ ସିଡେଡ୍ କରାଯାଇଛି। ଆଇ-ଲିଗ୍‌ରୁ ଭାଗ ନେବାକୁ ଯାଉଥିବା ୨ ଦଳ ହେଲେ ଇଣ୍ଟର କାଶି ଓ ଗୋକୁଲମ୍ କେରଳ। ନିୟମ ଅନୁସାରେ ଆଇ-ଲିଗ୍‌ର ଶୀର୍ଷ ୩ ଦଳ ଆଇଏସ୍ଏଲ୍‌ର



ଶୀର୍ଷ ୩ ଦଳ ମୋହନ ବାଗାନ ସୁପର ଜାଏଣ୍ଟ, ଏଫ୍‌ସି ଗୋଆ ଓ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବା କଥା। ମାତ୍ର ଚର୍ଚ୍ଚିଲ ବ୍ରଦର୍ସ ଓହରି ଯିବାରୁ ମୋହନ ବାଗାନ ସୁପର ଜାଏଣ୍ଟ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅର୍ଥାତ୍ କ୍ୱାର୍ଟର ଫାଇନାଲରୁ ଏହି ଦଳ ଅଭିଯାନ ଆରମ୍ଭ କରିବ। କାର୍ଯ୍ୟସୂଚୀ ଅନୁସାରେ ୨୦ ତାରିଖ ଅପରାହ୍ନ ୪ଟା ୩୦ରେ କେରଳ ବ୍ଲାଷ୍ଟର୍ସ-ଇଷ୍ଟ ବେଙ୍ଗଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ।

ପ୍ରତିଯୋଗିତାର ରାଉଣ୍ଡ ଅଫ୍-୧୬ ଏପ୍ରିଲ ୨୦, ୨୧, ୨୩ ଓ ୨୪ରେ ଅନୁଷ୍ଠିତ ହେବ। କ୍ୱାର୍ଟର ଫାଇନାଲଗୁଡ଼ିକ ୨୬ ଓ ୨୭ରେ ଏବଂ ସେମିଫାଇନାଲ ୩୦ ତାରିଖରେ ଖେଳାଯିବ। ମେ' ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ରାଉଣ୍ଡ ଅଫ୍-୧୬, କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ ଯଦି ନିର୍ଦ୍ଧାରିତ ୯୦ ମିନିଟ ମଧ୍ୟରେ ସ୍କୋର ସମାନ ରୁହେ ତେବେ ଅତିରିକ୍ତ ସମୟ ପାଇଁ ଖେଳ ହେବନାହିଁ। ପେନାଲ୍ଟି ଶୁଟ୍-ଆଉଟ ମାଧ୍ୟମରେ ବିଜେତା ନିର୍ଣ୍ଣୟ କରାଯିବ। ମାତ୍ର ଫାଇନାଲରେ ଯଦି ୯୦ ମିନିଟ ମଧ୍ୟରେ ସ୍କୋର ସମାନ ରୁହେ ତେବେ ଅତିରିକ୍ତ ସମୟ ପାଇଁ ଖେଳ ହେବ। ଏଥିରେ ଯଦି ଫଳାଫଳ ନ ମିଳେ ତେବେ ପେନାଲ୍ଟି ଶୁଟ୍-ଆଉଟ ପଦ୍ଧତି ଅବଲମ୍ବନ କରାଯିବ। ଆସନ୍ତା ପ୍ରତିଯୋଗିତାରେ ଇଷ୍ଟବେଙ୍ଗଲ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳିବ। ୨୦୨୪ ଫାଇନାଲରେ ଏହି ଦଳ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। କଳିଙ୍ଗ ଷ୍ଟାଡିୟମରେ ୪ର୍ଥ ଥରପାଇଁ ସୁପର କପ୍ ହେବାକୁ ଯାଉଛି। ପୂର୍ବରୁ ଏଠାରେ ୨୦୧୮, ୨୦୧୯ ଓ ୨୦୨୪ରେ ଆୟୋଜନ ହୋଇଥିଲା।

## ଟୁର୍ନାମେଣ୍ଟ ରେକର୍ଡ

| ବର୍ଷ | ଚାମ୍ପିୟନ | ରନରଅପ୍ |
|---|---|---|
| ୨୦୧୮ | ବେଙ୍ଗାଲୁରୁ ଏଫ୍‌ସି | ଇଷ୍ଟ ବେଙ୍ଗଲ |
| ୨୦୧୯ | ଏଫ୍‌ସି ଗୋଆ | ଚେନ୍ନାଇନ୍ ଏଫ୍‌ସି |
| ୨୦୨୩ | ଓଡ଼ିଶା ଏଫ୍‌ସି | ବେଙ୍ଗାଲୁରୁ ଏଫ୍‌ସି |
| ୨୦୨୪ | ଇଷ୍ଟବେଙ୍ଗଲ | ଓଡ଼ିଶା ଏଫ୍‌ସି |

(୨୦୨୦, ୨୦୨୧ ଓ ୨୦୨୨ରେ ପ୍ରତିଯୋଗିତା ହୋଇନାହିଁ)

## କାର୍ଯ୍ୟସୂଚୀ

**ରାଉଣ୍ଡ ଅଫ୍-୧୬**

ଏପ୍ରିଲ ୨୦: କେରଳ ବ୍ଲାଷ୍ଟର୍ସ ବନାମ ଇଷ୍ଟ ବେଙ୍ଗଲ ଏଫ୍‌ସି, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୧: ଏଫ୍‌ସି ଗୋଆ ବନାମ ଗୋକୁଲମ୍ କେରଳ, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୧: ଓଡ଼ିଶା ଏଫ୍‌ସି ବନାମ ପଞ୍ଜାବ ଏଫ୍‌ସି, ସମୟ: ରାତି ୮ଟା

ଏପ୍ରିଲ ୨୩: ବେଙ୍ଗାଲୁରୁ ଏଫ୍‌ସି ବନାମ ଇଣ୍ଟର କାଶି, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୩: ମୁମ୍ବାଇ ସିଟି ଏଫ୍‌ସି ବନାମ ଚେନ୍ନାଇନ୍ ଏଫ୍‌ସି, ସମୟ: ରାତି ୮ଟା

ଏପ୍ରିଲ ୨୪: ନର୍ଥ ଇଷ୍ଟ ୟୁନାଇଟେଡ ବନାମ ମହମ୍ମଡାନ ସ୍ପୋର୍ଟିଂ, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୪: ଜାମସେଦପୁର ଏଫ୍‌ସି ବନାମ ହାଇଦ୍ରାବାଦ ଏଫ୍‌ସି, ସମୟ: ରାତି ୮ଟା

**କ୍ୱାର୍ଟର ଫାଇନାଲ୍ସ**

ଏପ୍ରିଲ ୨୬ (ପ୍ରଥମ କ୍ୱାର୍ଟର ଫାଇନାଲ): ମୋହନ ବାଗାନ ବନାମ ୨୦ ତାରିଖ ମ୍ୟାଚର ବିଜେତା, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୬ (ଦ୍ୱିତୀୟ କ୍ୱାର୍ଟର ଫାଇନାଲ): ୨୧ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ରାତି ୮ଟା

ଏପ୍ରିଲ ୨୭ (ତୃତୀୟ କ୍ୱାର୍ଟର ଫାଇନାଲ): ୨୩ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୭ (ଚତୁର୍ଥ କ୍ୱାର୍ଟର ଫାଇନାଲ): ୨୪ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ରାତି ୮ଟା

**ସେମିଫାଇନାଲ**

ଏପ୍ରିଲ ୩୦ (ପ୍ରଥମ ସେମିଫାଇନାଲ): କ୍ୱାର୍ଟର ଫାଇନାଲ ୧ ଓ ୨ର ବିଜେତା, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୩୦ (ଦ୍ୱିତୀୟ ସେମିଫାଇନାଲ): କ୍ୱାର୍ଟର ଫାଇନାଲ ୩ ଓ ୪ର ବିଜେତା, ସମୟ: ରାତି ୮ଟା

**ମେ ୩ (ଫାଇନାଲ): ଦୁଇ ସେମିଫାଇନାଲର ବିଜେତା**

ଭେନ୍ୟୁ: ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

## କାହିଁକି ଓହରିଲା ଚର୍ଚ୍ଚିଲ ବ୍ରଦର୍ସ

ଚଳିତ ସିଜନର ଆଇ-ଲିଗ୍ ଟୁର୍ନାମେଣ୍ଟ ଶେଷ ହୋଇ ଯାଇଥିଲେ ମଧ୍ୟ ଲାଇନ୍‌ଅପ୍‌କୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ଫଳରେ କୌଣସି ଦଳକୁ ଲିଗ୍ ଟାଇଟଲ ପ୍ରଦାନ କରାଯାଇ ପାରିନାହିଁ। ବର୍ତ୍ତମାନର ସ୍ଥିତି ଅନୁସାରେ ଚର୍ଚ୍ଚିଲ ବ୍ରଦର୍ସ ୪୦ ପଏଣ୍ଟ ସହିତ ପ୍ରଥମ ଏବଂ ଇଣ୍ଟର କାଶି ୩୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ଜାନୁଆରୀରେ ଇଣ୍ଟର କାଶି ଓ ନାମଧାରୀ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଇଣ୍ଟର କାଶି ପରାଜିତ ହୋଇଥିଲା। ତେବେ ନାମଧାରୀ ଦଳ ନିୟମ ଭାଙ୍ଗି ଜଣେ ଅନୁପଯୁକ୍ତ ଖେଳାଳିଙ୍କୁ ଦଳରେ ସାମିଲ କରିଥିବା ଅଭିଯୋଗ କରି ଇଣ୍ଟର କାଶି ଏହି ମ୍ୟାଚରୁ ୩ ପଏଣ୍ଟ ଦାବି କରୁଛି। ଏ ସମ୍ପର୍କରେ ଦଳ ପକ୍ଷରୁ ଅପିଲ୍ସ କମିଟି ନିକଟରେ ଆବେଦନ କରାଯାଇଛି। ଯଦି ଏହା ହୁଏ ତେବେ ଇଣ୍ଟର କାଶି ପଏଣ୍ଟ ସଂଖ୍ୟା ୪୨ ହୋଇଯିବ ଏବଂ ଏହି ଦଳ ଲିଗ୍ ଟାଇଟଲ ଅର୍ଜନ କରିବ। ଅପିଲ୍ସ କମିଟିର ନିଷ୍ପତ୍ତି ଏପ୍ରିଲ ୨୮ରେ ଆସିବାର ଅଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନ ଇଣ୍ଟର କାଶିର ଦାବିକୁ ସମର୍ଥନ କରି ଅତିରିକ୍ତ ପଏଣ୍ଟ ଦେବା ସପକ୍ଷରେ ଥିବା ରିପୋର୍ଟମାନ ପ୍ରକାଶ ପାଉଛି। ଫଳରେ ଚର୍ଚ୍ଚିଲ ବ୍ରଦର୍ସ ଏହାକୁ ଦୃଢ଼ ବିରୋଧ ସ୍ୱରୂପ ସୁପର କପ୍‌ରୁ ଓହରି ଯାଇଛି।



ନିର୍ମଳ କୁମାର ମିଶ୍ର

# ଆଇପିଏଲ୍‌ର ନୂଆ ତାରକା

**ଆଇପିଏଲ୍-୧୮ର ନୂଆ ତାରକା ଭାବେ ଉଭା ହୋଇଛନ୍ତି ପ୍ରିୟାଂଶ ଆର୍ଯ୍ୟ। ଚଳିତ ସଂସ୍କରଣରେ ସେ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ବିସ୍ଫୋରକ ଶତକ ହାସଲ ପରେ ଏବେ ଚର୍ଚ୍ଚାରେ ରହିଛନ୍ତି ଏହି ବ୍ୟାଟିଂ ପ୍ରତିଭା....**

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଅନେକ ଯୁବ ପ୍ରତିଭା ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିରାଟ କୋହଲି, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା, ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୟସ୍ୱାଲଙ୍କ ପରି ଖେଳାଳି ସୃଷ୍ଟି କରିଥିବା ଆଇପିଏଲ୍‌ର ସଦ୍ୟତମ ଆବିଷ୍କାର ହେଲେ ପ୍ରିୟାଂଶ ଆର୍ଯ୍ୟ। ଚଳିତ ସିଜନରେ ସେ ପଞ୍ଜାବ କିଙ୍ଗ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ପ୍ରିୟଂଶଙ୍କ ବିସ୍ଫୋରକ ଶତକକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ଫଳରେ ଏହି ଯୁବ ବ୍ୟାଟର ଏବେ ଜଣେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି। ୨୪ବର୍ଷୀୟ ଓପନିଂ ବ୍ୟାଟର ପ୍ରିୟାଂଶ ଦିଲ୍ଲୀ ପାଇଁ ଭାରତୀୟ ଘରୋଇ କ୍ରିକେଟ ଖେଳନ୍ତି। ଗତ ସିଜିନର ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ସର୍ବାଧିକ ରନ କରିଥିଲେ। ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଚମତ୍କାର ବ୍ୟାଟିଂ କରି ମାତ୍ର ୫୦ ବଲରୁ ୧୨୦ରନ୍ କରି ଆଇପିଏଲ ଫ୍ରାଞ୍ଚାଇଜମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲେ। ମେଗା ଅକ୍ସନ୍ ସମୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ତାଙ୍କୁ ଦଳରେ ସାମିଲ କରିବା ପାଇଁ ଚେଷ୍ଟା କରିଥିଲା। ମାତ୍ର ୩୦ ଲକ୍ଷ ଟଙ୍କା ବେସ୍ ପ୍ରାଇସ୍ ଥିବା ପ୍ରିୟାଂଶକୁ ଶେଷରେ ପଞ୍ଜାବ ୩.୮ କୋଟି ଟଙ୍କାରେ କିଣି ଦଳରେ ସାମିଲ କରିଥିଲା।

ପ୍ରିୟାଂଶ ଇତିମଧ୍ୟରେ ୬ଟି ଆଇପିଏଲ୍ ମ୍ୟାଚ ଖେଳି ସାରିଛନ୍ତି। ଭାରତ ପାଇଁ ଖେଳିବାର ସ୍ୱପ୍ନ ଦେଖୁଥିବା ଏହି ଯୁବ ଓପନର ଚେନ୍ନାଇ ବିପକ୍ଷରେ ଯେଉଁ ପ୍ରଦର୍ଶନ କରିଛନ୍ତି ତାକୁ କେବେହେଲେ ଭୁଲି ହେବ ନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଏକାକୀ ଲଢ଼ିବା ସହିତ ୩୯ବଲରେ ଶତକ ହାସଲ କରି ଦଳକୁ ବିପଦମୁକ୍ତ କରାଇଥିଲେ। ମାତ୍ର ୮୩ରନ୍‌ରେ ୫ ଉଇକେଟ ହରାଇ ବିପଦରେ ପଡିଥିଲା ପଞ୍ଜାବ ଦଳ। ଏ ପରିସ୍ଥିତିରେ ଲଢ଼ୁଆ ବ୍ୟାଟିଂ କରି ସେ ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଚେନ୍ନାଇର ଷ୍ଟାର ବୋଲର ମଥିଶା ପାଥିରାଣାଙ୍କୁ ଗୋଟିଏ ଓଭରରେ କ୍ରମାଗତ ହାଟ୍ରିକ ଛକା ମାରିବା ସହିତ ଟି୨୦ରେ ପ୍ରଥମ ଶତକ ହାସଲ କରିଥିଲେ ଏହି ପ୍ରତିଭାସମ୍ପନ୍ନ ବ୍ୟାଟର। ଅନ୍‌କ୍ୟାପଡ ପ୍ରିୟଂଶ ୨୦୨୩-୨୪ ଆଇପିଏଲ ସଂସ୍କରଣରେ ଅନ୍ ସୋଲଡ୍ ରହିଥିଲେ। କୌଣସି ଫ୍ରାଞ୍ଚାଇଜ ତାଙ୍କୁ କିଣି ନ ଥିଲେ। ମାତ୍ର ସେ ଭାଙ୍ଗି ପଡି ନ ଥିଲେ। ନିଜର କଠିନ ପରିଶ୍ରମ ମାଧ୍ୟମରେ ଆଇପିଏଲରେ କମ୍ ବ୍ୟାକ୍ କରିବାକୁ ସକ୍ଷମ ହୋଇଥିଲେ। ୟୁସୁଫ ପଠାନ, ଇଶାନ କିଶନ ଓ ମୟଙ୍କ ଅଗ୍ରୱାଲଙ୍କ ପରେ ୪ର୍ଥ ଖେଳାଳି ଭାବେ ଦ୍ରୁତତମ ଶତକ ହାସଲ କରି ରେକର୍ଡ ବୁକ୍‌ରେ ନିଜର ନାମ ସାମିଲ କଲେ। ଚଳିତ ଆଇପିଏଲ୍‌ରେ ତାଙ୍କର ବ୍ୟକ୍ତିଗତ ସ୍କୋର ଗୁଜରାଟ ବିପକ୍ଷରେ ୪୭, ଲକ୍ଷ୍ନୌ ବିପକ୍ଷରେ ୮, ରାଜସ୍ଥାନ ବିପକ୍ଷରେ ୦, ଚେନ୍ନାଇ ବିପକ୍ଷରେ ୧୦୩, ହାଇଦ୍ରାବାଦ ବିପକ୍ଷରେ ୩୬ ଓ କୋଲକାତା ବିପକ୍ଷରେ ୨୨ ରନ୍ ରହିଛି। ମୁସ୍ତାକ ଅଲ୍ଲୀ ଟ୍ରଫିରେ ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚରେ ମାତ୍ର ୪୩ ବଲରେ ୧୦୨ ରନ୍ କରି ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଦକ୍ଷତା ପ୍ରଦର୍ଶନ କରିଥିଲେ।

ଏପରି ଇନିଂସ ବହୁତ କମ୍ ଦେଖିବାକୁ ମିଳିଥାଏ। ନିଜର ବିସ୍ଫୋରକ ଇନିଂସ ମାଧ୍ୟମରେ ପଞ୍ଜାବ ପାଇଁ ବିଜୟ ସୁଯୋଗ ସୃଷ୍ଟି କରିବା ସହିତ ଚେନ୍ନାଇକୁ କ୍ରମାଗତ ୪ର୍ଥ ପରାଜୟ ଭେଟି ଦେଇଥିଲେ ଏହି ଯୁବ ବ୍ୟାଟର। ଜଣେ ସ୍ୱତନ୍ତ୍ର ଖେଳାଳିର ପରିଚୟ ଦେବା ସହିତ ସୌରଭ ଗାଙ୍ଗୁଲି, କ୍ରିସ୍ ଗେଲ ଓ ଗୌତମ ଗମ୍ଭୀରଙ୍କୁ ବ୍ୟାଟିଂ ଆଦର୍ଶ ରୂପେ ନେଇ ନିଜକୁ ଗଢି ତୋଳିଛନ୍ତି। ଆଇପିଏଲ୍‌ରେ ଶତକୀୟ ଇନିଂସ ମାଧ୍ୟମରେ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିବାକୁ ସକ୍ଷମ ହୋଇଛନ୍ତି। ନୂଆ କରି ଆଇପିଏଲରେ ପାଦ ଦେଇଥିବା ପ୍ରିୟାଂଶଙ୍କର ଏହି ସ୍ମରଣୀୟ ଇନିଂସ ଅନେକ ଦିନ ପାଇଁ ମନେରହିବ। ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ନ ଥିବା ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ଶତକ ହାସଲ କରିଛନ୍ତି। ଆଇପିଏଲ ଇତିହାସରେ ଚତୁର୍ଥ ଦ୍ରୁତତମ ଶତକ ଅର୍ଜନ କରିଛନ୍ତି ପ୍ରିୟାଂଶ। ପୂର୍ବରୁ କେବଳ କ୍ରିସ୍ ଗେଲ ୩୦, ୟୁସୁଫ ପଠାନ ୩୭ ଏବଂ ଡେଭିଡ ମିଲର ମାତ୍ର ୩୮ ବଲରେ ଶତକ ପୂରଣ କରିଥିବାର ରେକର୍ଡ ରହିଛି। ତାଙ୍କ ପୂର୍ବରୁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ନ ଥିବା ପଲ ଭାଲଥାଟି ଅନ୍‌କ୍ୟାପେଡ ଖେଳାଳିଭାବେ ଆଇପିଏଲ୍ ଶତକ ହାସଲ କରିଥିଲେ। ଭାଲଥାଟି ହିମାଚଳ ପ୍ରଦେଶ ଓ ମୁମ୍ବାଇ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଓ ୨୦୦୨ରେ ୧୯ ବର୍ଷରୁ କମ୍ ବିଶ୍ୱକପ ଖେଳିଥିଲେ। ୨୦୧୧ ସିଜନରେ ସେ ମଧ୍ୟ ପଞ୍ଜାବ କିଙ୍ଗସ୍ ପକ୍ଷରୁ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଶତକ ହାସଲ କରିଥିଲେ। ଚେନ୍ନାଇ ବିପକ୍ଷରେ ୩୯ ବଲରେ ଶତକ ପୂରଣ କରିଥିଲେ ପ୍ରିୟାଂଶ। ଏଥିସହ ସେ ଅଷ୍ଟ୍ରେଲିଆର ଆକ୍ରମଣାତ୍ମକ ବ୍ୟାଟର ଟ୍ରାଭିସ ହେଡ୍‌ଙ୍କ ସହ ଯୁଗ୍ମ ୪ର୍ଥ ବ୍ୟାଟର୍ସ ଭାବେ ଏପରି ଦମ୍‌ଦାର ଇନିଂସ ଖେଳିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାୱାର ପ୍ଲେ ସରିବା ପୂର୍ବରୁ ମାତ୍ର ୧୯ଟି ବଲରେ ଅର୍ଦ୍ଧଶତକ ହାସଲ କରିବା ସହିତ ଆଇପିଏଲ୍‌ରେ ପାଦ ଦେଇ ପ୍ରଥମ ବଲକୁ ଛକା ମାରିବାରେ ସେ ହେଉଛନ୍ତି ଚତୁର୍ଥ ବ୍ୟାଟର। ଏହା ପୂର୍ବରୁ ଅନିକେଶ ଚୌଧୁରୀ, ସମୀର ରିଜଭି ଓ ସିଦ୍ଧେଶ ଲାଡ୍ ଏହି ସଫଳତା ପାଇଥିଲେ।



ପ୍ରିୟାଂଶ ଆର୍ଯ୍ୟ

ଏହା ନିଶ୍ଚିତ ଯେ ତାଙ୍କ ନିକଟରେ ଅସାଧାରଣ ବ୍ୟାଟିଂ ଦକ୍ଷତା ରହିଛି। ଜଣେ ସ୍ୱତନ୍ତ୍ର ଖେଳାଳି ଭାବରେ ନିଜକୁ ପ୍ରମାଣିତ କରିଥିବା ଏହି ଯୁବ ବାମହାତୀ ବ୍ୟାଟର ପଞ୍ଜାବ ଆଇପିଏଲ ଟିମ୍ ପାଇଁ କିଛି ସ୍ୱତନ୍ତ୍ର କରି ଦେଖାଇବାର ଦକ୍ଷତା ରଖିଛନ୍ତି। ଟିମ୍ ରନ୍ ଚେଜ୍ କରିବା ସମୟରେ ତାଙ୍କର ପ୍ରଦର୍ଶନ ଉପରେ ନିଶ୍ଚିତ ସମସ୍ତଙ୍କର ନଜର ରହିବ। କୋଚ ରିକି ପଣ୍ଟିଂ ଆଇପିଏଲ ଆରମ୍ଭରୁ ଏହି ଖେଳାଳିଙ୍କ ବହୁତ ପ୍ରଶଂସା କରିଥିଲେ। ବାସ୍ତବରେ ତାହା ସତ ହୋଇଛି। ସ୍ପିନ ପ୍ରତି ଥିବା ଦୁର୍ବଳତାକୁ ଯଦି ସୁଧାରିବାକୁ ସକ୍ଷମ ହୁଅନ୍ତି ଆଉ ଜଣେ ବାମହାତୀ ଯୁବ ବ୍ୟାଟର ଭାବେ ସେ ଭାରତୀୟ ଦଳରେ ସାମିଲ ହେବା ସମ୍ଭାବନା ସୃଷ୍ଟି କରିପାରିବେ। ପଞ୍ଜାବ କିଙ୍ଗ୍ସ ମାଲିକ ପ୍ରୀତି ଜିଣ୍ଟା ମଧ୍ୟ ଏହି ଯୁବ ଓପନରଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ଏଥିସହିତ ଏହି ଯୁବ ବ୍ୟାଟରଙ୍କୁ ଅଧିକ ସୁଯୋଗ ଦେବାକୁ ସେ ଅଧିନାୟକ ଶ୍ରେୟସ ଆୟରଙ୍କୁ ପରାମର୍ଶ ଦେଇଛନ୍ତି। ୮ ବର୍ଷ ବୟସରୁ ରବି ଶାସ୍ତ୍ରୀ କ୍ଲବରେ ଯୋଗଦେଇ କ୍ରିକେଟ ଆରମ୍ଭ କରିଥିଲେ ପ୍ରିୟାଂଶ। ଯୁବରାଜ ସିଂ ଓ ଗୌତମ ଗମ୍ଭୀରଙ୍କ ବ୍ୟାଟିଂକୁ ଫଲୋ କରୁଥିବା ଏହି ଯୁବ ବ୍ୟାଟର ଛୋଟ ବୟସରୁ ତାଙ୍କ ପରି ବ୍ୟାଟିଂ କରିବାର ଆଶା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ହେବା ପରେ ନିଜର ପୁରସ୍କାରକୁ ମାଲିକାଣୀ ପ୍ରୀତି ଜିଣ୍ଟାଙ୍କୁ ଦେଇ ସମସ୍ତଙ୍କର ହୃଦୟ ଜିତିବାକୁ ସକ୍ଷମ ହୋଇପାରିଛନ୍ତି।

## ନିଶା

ଦୁଃସାହସିକ କ୍ରୀଡ଼ା ପାଇଁ ପୁରସ୍କୃତ
ଆର୍ମି ୱିଙ୍ଗ୍ କମାଣ୍ଡର
ଦେବୀଦତ୍ତ ପଣ୍ଡା ବିଭିନ୍ନ ପର୍ବତ
ଚଢ଼ିଛି ବାଇଶି ଥର
ମାଉଣ୍ଟ ଏଭରେଷ୍ଟ ଛାର
ଶେରପାଙ୍କ ବିନା ପର୍ବତ ଚଢ଼ିବାରେ
ଦେବୀଦତ୍ତ ଧୁରନ୍ଧର।

ଜର୍ମାନୀର ଅଲିମ୍ପିକ୍ ଚାମ୍ପିୟନ
ତେଇଶି ବର୍ଷ ଦେଖ ରଙ୍ଗ
ପୁରୁଷ ଚାରିଶ ମିଟର ଫ୍ରିଷ୍ଟାଇଲ
ରେକର୍ଡ କରିଛି ଭଙ୍ଗ
ଲୁକାଶ ମାର୍ଟେନ୍ସ ଢଙ୍ଗ
ତିନି ମିନିଟ ଚାଳିଶ
ସେକେଣ୍ଡରେ ଟୋକା
ସଳଖି ନେଲା ତା ମଙ୍ଗ।



କ୍ରିକେଟ ଖେଳିବା ଦେଖିବାରେ ଆମେ
ରେକର୍ଡ କରୁଛେ ଏଠି
ଅର୍ଥହାନି ଦେହପୀଡ଼ା ହୁଏ ପୁଣି
ଡେଲି ଯାଇ ମଦ ଭାଟି
ମନେ ରଖ ବେଟା ବେଟୀ
ମଦ, ମୋବାଇଲ ନିଶା ପାଇଁ ଆଜି
ଯୁବଶକ୍ତି ହୁଏ ମାଟି।

-ସୁବାସ ଚନ୍ଦ୍ର ପ୍ରଧାନ

## ଏମ୍‌ପିଙ୍କ ଜିଲା ପ୍ରତିନିଧି ହେଲେ ପ୍ରଭାତ

ଅନୁଗୋଳ,(ମାନସ ବିଶ୍ୱାଳ): ଅନୁଗୋଳ ବ୍ଲକ କୁମୁରିସିଂହା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନଙ୍କୁ ଜିଲା ପ୍ରତିନିଧି ଭାବେ ନିଯୁକ୍ତି ଦେଇଛନ୍ତି ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି। ଏମ୍‌ପିଙ୍କ ପକ୍ଷରୁ ଏ ନେଇ ଅନୁଗୋଳ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏମ୍‌ପିଙ୍କ ଅନୁପସ୍ଥିତିରେ ଜିଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟରେ ପ୍ରଭାତ କାର୍ଯ୍ୟ ବୁଝିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ପ୍ରଭାତ ଏହା ପୂର୍ବରୁ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଭାବେ ନିଯୁକ୍ତ ଥିଲେ।

# ମା' ବାୟାଣୀ ପୀଠର ହେବ ରୂପାନ୍ତରୀକରଣ

ଛେଣ୍ଡିପଦା,୧୭।୪(ଅଜିତ ଧଳ)



ଉନ୍ନତୀକରଣ କାର୍ଯ୍ୟ ପୂର୍ବରୁ ସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଧାୟକ ଓ ଅଧିକାରୀମାନେ।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାଠାରେ ଥିବା ପର୍ଯ୍ୟଟନସ୍ଥଳୀ ମା' ବାୟାଣୀ ପୀଠର ରୂପାନ୍ତରୀକରଣ କରାଯିବ। ଏଥିପାଇଁ ଗୁରୁବାର ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଏମ୍‌ଡିସି ପ୍ରୋଜେକ୍ଟ ମୁଖ୍ୟ ବ୍ରିଗେଡିୟର ମନୁ ମେହେରୋତ୍ରା, ବିଏନ୍‌ବି କମ୍ପାନୀ ମୁଖ୍ୟ ମହେଶ୍ୱର ପଟ୍ଟନାୟକ, ରୋମାଞ୍ଚଳ ଖମାରୀ, ଛେଣ୍ଡିପଦା ତହସିଲଦାର ମାନସ ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରାଙ୍କ ସମେତ ଆର୍କିଟେକ ଟିମ୍ ପାତ୍ରପଡ଼ାରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ପାତ୍ରପଡ଼ା ଗ୍ରାମ ସଭାପତି ଚକ୍ରଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ରୂପାନ୍ତରୀକରଣ ବିଗରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସିଏସ୍‌ଆର୍ ଫଣ୍ଡରୁ ପ୍ରାୟ ୫୦ କୋଟିରୁ ଅଧିକ ଟଙ୍କା ଏଥିପାଇଁ ବ୍ୟୟ କରାଯାଇ ମା' ବାୟାଣୀଙ୍କ ନୂତନ ଭବ୍ୟ ମନ୍ଦିର, ଭୋଗ ମଣ୍ଡପ, ରୋଷଶାଳା, ପିକ୍‌ନିକ୍ ସ୍ପଟ୍ ସାମ୍ପ୍ରସାରଣ, ବୋଟିଂ ସ୍ଥାନର ସାମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକଙ୍କ ନିମନ୍ତେ ୫ଟି ଆଶ୍ରୟସ୍ଥଳ, ବାଘଦରୀ ମଠ ପୁନରୁଦ୍ଧାର, ଗୁମ୍ଫାକୁ ଯିବା ପାଇଁ ନଦୀ ଉପରେ ପୋଲ, କୃତ୍ରିମ ଜଳ ପ୍ରପାତର ସୌନ୍ଦର୍ଯ୍ୟକରଣ, ଜଗନ୍ନାଥ ମନ୍ଦିରର ସମ୍ପୂର୍ଣ୍ଣ କରିବା, ମାତା ମଠଠାରୁ ଗିରି ଗୋବର୍ଦ୍ଧନ ପୀଠ ଯାଏ ହିଲ ଟ୍ରାକ୍ ନିର୍ମାଣ କରାଯିବ। ଏଥିପାଇଁ ଆସିଥିବା ଟିମ୍ ସ୍ଥାନ ବୁଲି ଦେଖିଥିଲେ। ପୀଠର ଉନ୍ନତି ପାଇଁ ସମ୍ବଲପୁର ଏମ୍‌ପି ଓ ବିକାଶ ଫାଉଣ୍ଡେଶନ ପକ୍ଷରୁ ଉଦ୍ୟମ କରାଯାଉଥିବାରୁ ଗ୍ରାମବାସୀ ଧନ୍ୟବାଦ ଜଣାଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଲୋକନାଥ ସାହୁ, ଗାଁ ସଭପତି ଚକ୍ରଧର ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ସାହୁ, ବାସୁଦେବ ସାହୁ, ଘାସିରାମ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ସମିତି ସଭ୍ୟ ଦୀପକ ସାହୁ, ଯୁଗଳ କିଶୋର ସାହଳ ମା ବାୟାଣୀ କମିଟିର ସମସ୍ତ ସଦସ୍ୟଙ୍କ ସମେତ ଗ୍ରାମ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଏହାପରେ ଉକ୍ତ ଟିମ୍ ଛେଣ୍ଡିପଦା ସଦର ମହକୁମାରେ ଥିବା ଜଗନ୍ନାଥ ମନ୍ଦିର ବୁଲି ଦେଖିବା ସହିତ ଉନ୍ନତୀକରଣ ନିମନ୍ତେ ଯୋଜନା କରିଥିଲେ।

## ଆଠମଲ୍ଲିକ ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

### ଭିଜିଲାନ୍ସ ଚଢ଼ାଉ ମାମଲା

ଢେଙ୍କାନାଳ,୧୭।୪(ରତନ ନାୟାର)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ ଗୁରୁବାର ଓଡିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ କଟକ ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଅଦାଲତରେ କୋର୍ଟ ଚାଲାଣ ହୋଇଛନ୍ତି। କଟକ ଭିଜିଲାନ୍ସ ଥାନା କେସ୍ ନଂ-୧୦/୧୭।୦୪।୨୦୨୫ରେ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ବୁଧବାର ତାଙ୍କ ଢେଙ୍କାନାଳ ସହର ଗାୟତ୍ରୀ ନଗରସ୍ଥିତ ବାସଭବନ, ସଦର ବ୍ଲକ ବଣସିଂହସ୍ଥିତ ପୈତୃକ ଗ୍ରାମ ଘର ଓ ଗଁଦିଆ ବ୍ଲକ କରମୁଳସ୍ଥିତ ଶ୍ୱଶୁର ଘର ସମେତ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ସରକାରୀ ବାସଭବନ ଆଦି ପ୍ରାୟ ୯ଟି ଜାଗାରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢାଉ ସମୟରେ ଅଧିକ ମୂଲ୍ୟଥିବା ୨୨ଟି ପ୍ଲଟ, ୭୭.୨୧ ଲକ୍ଷ ଟଙ୍କାର ଘରୋଇ ଉପକରଣ ଆଦି ଜବତ କରାଯାଇଥିଲା।

# ସାଧନା ସରଗମ୍‌ଙ୍କ ସଙ୍ଗୀତରେ ଦର୍ଶକ ମନ୍ତ୍ରମୁଗ୍ଧ

ତାଳଚେର,୧୭।୪(ମନୋଜ ନନ୍ଦ)




କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲାପାଳ ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳର ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଏବଂ ବୈଷୟିକ ନିର୍ଦ୍ଦେଶକ ସଞ୍ଜୟ କୁମାର ଝା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ, ତାଳଚେର ହେଉଛି ବୀର ମାଟି। ମା' ହିଙ୍ଗୁଳାଙ୍କ କୃପାରୁ ତାଳଚେର ରତ୍ନଗର୍ଭା ହୋଇଛି। ମା'ଙ୍କ ଅସୀମ ଦୟାରୁ ତାଳଚେର ଏକ ସମୃଦ୍ଧ ଅଞ୍ଚଳ ହୋଇପାରିଛି। ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ ରାଓ ମା' ହିଙ୍ଗୁଳାଙ୍କ ଦୟାରୁ ଏମ୍‌ସିଏଲ୍ ନିରନ୍ତର ପ୍ରଗତି କରି ଚାଲିଛି ଓ ପୀଠର ଉନ୍ନତି ପାଇଁ ସଦାସର୍ବଦା ସହଯୋଗ କରିବ ବୋଲି କହିଥିଲେ। ଏହି ଅବସରରେ ବଲିଉଡ୍ ଗାୟିକା ସାଧନା ସରଗମ୍ ଭଜନ ଗାନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ସୁନନ୍ଦା ନାୟକ ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ମାନସ ମୋହନ ସେଠ, ସହକାରୀ ଜିଲାପାଳ ନାରାୟଣ ସେଠୀ, ନିବେଦିତା ନାୟକ, ପୁଷ୍ପିତା ମଧୁମତୀ ଦେହୁରୀଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମର୍ପଣ ଏକାଡେମୀର ତୃତୀୟ କ୍ୟାମ୍ପସ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଅନୁଗୋଳ,୧୭।୪(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳର ଶିକ୍ଷାନୁଷ୍ଠାନ 'ସମର୍ପଣ ଏକାଡେମୀ'ର ତୃତୀୟ କ୍ୟାମ୍ପସ ଗୁରୁବାର ଅନୁଗୋଳ ସହର ମାଟିଆସାହିରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଶିଷ୍ଟ ସମାଜସେବୀ ତଥା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ଓ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଅନୁଗୋଳ ଶାଖା ମୁଖ୍ୟ ପ୍ରବନ୍ଧକ ଜଗଦୀଶ ପରିଡ଼ା, ସ୍ଥାନୀୟ କାଉନସିଲର ଚୁନି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ୟାମ୍ପସ୍‌ର ଉଦ୍‌ଘାଟନ କରିଥିଲେ। ପ୍ଲସ୍‌ଟୁ, ଖଲାରୀ, ମିଶ୍ରପଡ଼ା, କଲେଜ ଛକ ଓ ମାଟିଆସାହି ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନୂତନ କ୍ୟାମ୍ପସ ଖୋଲାଯାଇଥିବା ଅନୁଷ୍ଠାନ ଅଧ୍ୟକ୍ଷ ବୈଷ୍ଣବୀ ଦେଓ ପ୍ରକାଶ କରିଥିଲେ। ଏଥି ସହ ପରିଚାଳକ ପାର୍ଥସାରଥୀ ରାଉତ, ଏକାଡେମିକ କୋଅର୍ଡିନେଟର ଭବାନୀ ଶଙ୍କର ସାହୁ, ନୀତିଶ କୁମାର ବେହେରା, କ୍ୟାମ୍ପସ କୋଅର୍ଡିନେଟର ଆଦ୍ୟାଶକ୍ତି ମିଶ୍ର, ମୋନାଲିସା ଗାଇଟିଆ, ବିରେନ ପ୍ରଧାନ, ରୋଜାଲିନ ସାହୁ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

### ଓଡ଼ିଶା ଗୋ-ହତ୍ୟା ନିଷେଧ ଓ ଗୋ-ସଂରକ୍ଷଣ ବିଲ୍ ପାସ୍ କରାଯାଉ

ଅନୁଗୋଳ,୧୭।୪(ମାନସ ବିଶ୍ୱାଳ)



ଅନୁଗୋଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଓଡ଼ିଶା ଗୋ-ହତ୍ୟା ନିଷେଧ ଓ ଗୋ-ସଂରକ୍ଷଣ ବିଲ୍ ୨୦୨୪କୁ ତୁରନ୍ତ ପାରିତ କରିବାକୁ ଅନୁଗୋଳ ଆନିମଲ ୱେଲଫେୟାର ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉକ୍ତ ବିଲ୍ ତୁରନ୍ତ ପାରିତ କରିବା ସହ ଶ୍ରୀ ଜଗନ୍ନାଥଙ୍କ ଓଡ଼ିଶା ମାଟିକୁ ଗୋରକ୍ତର କଳଙ୍କରୁ ମୁକ୍ତ କରିବା, ମହାରାଷ୍ଟ୍ର ଭଳି ଓଡ଼ିଶାରେ ଗୋମାତାଙ୍କୁ ରାଜ୍ୟ ମାତାର ମାନ୍ୟତା ପ୍ରଦାନ, ଗୋଚର ଜମିକୁ ଜବରଦଖଲମୁକ୍ତ କରି ନିରାଶ୍ରିତ, ଅସହାୟ ଓ ବୁଲା ଗୋ-ବଂଶଙ୍କ ପାଇଁ ଗୋ-ଅଭୟାରଣ୍ୟ ଗଠନ କରାଯିବାକୁ ଦାବି କରାଯାଇଛି। ସଭାପତି ରାଜେଶ ରୋଷଣ ଦାସ ଉଲ୍ଲେଖ କରିଛନ୍ତି, ପ୍ରକୃତି, ପରିବେଶ ଓ ପର୍ଯ୍ୟାବରଣର ବିଶୋଧନ ଏବଂ ସନ୍ତୁଳନ କ୍ଷେତ୍ରରେ ଗୋବଂଶର ଅବଦାନ ଅତୁଳନୀୟ। ତେଣୁ ଓଡ଼ିଶା ବିଧାନ ସଭାରେ ଆଗତ ଓଡ଼ିଶା ଗୋ-ହତ୍ୟା ନିଷେଧ ଓ ଗୋ-ସଂରକ୍ଷଣ ବିଲ୍ ୨୦୨୪କୁ ତୁରନ୍ତ ପାରିତ କରିବାର ସମୟ ଆସିଛି। ଦାବିପତ୍ର ପ୍ରଦାନ ସମୟରେ ସୋମ ପ୍ରସାଦ ଦାସ, ମହେଶ କୁମାର ସାହୁ, ଅନୁପ ସମିତ ପଟ୍ଟନାୟକ, ଅଜୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ବଇଣ୍ଡା,୧୭।୪(ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଷ୍ଣୁରୁ କର୍ଣ୍ଣେଲ ବାବା ବେଦାନ୍ତ ମଠ ଠାରେ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଥମେ କିଶୋରନଗର ବ୍ଲକ ନାକଚି ଓ ଆଠମଲ୍ଲିକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କେନାପୁଞ୍ଜି ମଠଠାରେ ତିଳ ତର୍ପଣ କାର୍ଯ୍ୟ ଓ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଆଶା କୁମାରୀ ସାହୁ, କିଶୋରନଗର ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଆଠମଲ୍ଲିକ ବିଜୁ ଜନତା ଦଳ ବ୍ଲକ ସଭାପତି ମହେଶ୍ୱର ଦେହୁରୀ, ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଏନଏସି ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଯୁବ ନେତା ମହେନ୍ଦ୍ର ସାହୁ, ଦୁଃଖୀଶ୍ୟାମ ରାଉଳ, ନିରଞ୍ଜନ ସାହୁ, କୈଳାଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ମହାକୁଡ଼, ଅରୁପା ଚାନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିରଞ୍ଜନ କର୍ଣ୍ଣ, ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରଧୀର କୁମାର ସେଠୀ, ଲୁଣାହାଣ୍ଡି ସରପଞ୍ଚ ଅରୁପା ନନ୍ଦ ଚାନ୍ଦ, ନିରୋଜ କାନ୍ତ ସାହୁ, ଜୟନ୍ତ କୁମାର ସାହୁ, କୈଳାସଚନ୍ଦ୍ର ସାହୁ, କାଶୀନାଥ ସାହୁ, ସମସ୍ତ ଜୋନ୍‌ର ଜିଲା ପରିଷଦ ସଭ୍ୟସଭ୍ୟା, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟା, ବିଜୁ ଜନତା ଦଳ ଛାତ୍ର ସଂଗଠନର କର୍ମକର୍ତ୍ତା, ବିଜୁ ଯୁବ ଛାତ୍ର ଓ ମହିଳା ଜନତା ଦଳ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଶିକ୍ଷା ଓ ଭାଷା ଜ୍ଞାନ ସମ୍ପର୍କରେ ପ୍ରଶିକ୍ଷଣ



ଅନୁଗୋଳ,୧୭।୪(ମାନସ ବିଶ୍ୱାଳ)

ଭାରତୀୟ ପୌଢ଼ ଶିକ୍ଷା ସଂଘର ସର୍ବଭାରତୀୟ ଅଧ୍ୟକ୍ଷ ପ୍ରଫେସର ଏଲ୍. ରାଜା ଅନୁଗୋଳ ଗସ୍ତରେ ଆସିଛନ୍ତି। ଏହି ଅବସରରେ ବାଜି ରାଉତ ଛାତ୍ରାବାସ ପରିସରରେ ଆୟୋଜିତ ଏକ ପ୍ରଶିକ୍ଷଣ ଶିବିରରେ ଅଧ୍ୟକ୍ଷ ରାଜା ଯୋଗଦେଇଥିଲେ। ମୋବାଇଲ ଶିକ୍ଷା, ବ୍ୟାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାରିବାରିକ ଶିକ୍ଷା ମାଧ୍ୟମ ଆଦି ବିଷୟରେ ୬ ମାସ ଧରି ପ୍ରଶିକ୍ଷଣ ଦିଆଯାଇ ସିର୍ଟିଫିକେଟ ପ୍ରଦାନ କରାଯିବ। ପୌଢ଼ ଶିକ୍ଷା ସଂଘ ଓ ୟୁନିୟନ ବ୍ୟାଙ୍କ ମିଳିତ ପ୍ରୟାସରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଛାତ୍ରାବାସ ସଭାପତି ତଥା ଜନଶିକ୍ଷଣ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ବରାଳ, ବରିଷ୍ଠ ଆୟୁର୍ବେଦିକ ଚିକିତ୍ସକ ସତ୍ୟନାରାୟଣ ସିଂହ ସାମନ୍ତ, ଅନ୍ତର୍ଯ୍ୟାମୀ ରଥ ଯୋଗଦେଇ ଶିକ୍ଷା ଓ ଭାଷା ଜ୍ଞାନ ଆବଶ୍ୟକତା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ପ୍ରଫେସର୍ ଆର. କଳ୍ପନା, ଲିପିକା ମହାପାତ୍ର, ସୂର୍ଯ୍ୟ ନାରାୟଣ ନାଥ, ଲାଲକୃଷ୍ଣ ଓ ଚନ୍ଦନ ନାଏକ ସହଯୋଗ କରିଥିଲେ।

# ଜିଲାପରିଷଦର ପୂର୍ବତନ ସଦସ୍ୟଙ୍କ ପରଲୋକ

ବଇଣ୍ଡା,୧୭।୩(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକର ପୂର୍ବତନ ଜିଲା ପରିଷଦ ସଦସ୍ୟ, ପୂର୍ବତନ ସରପଞ୍ଚ ତଥା କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଓ ଯୁକ୍ତ ୨ ମହାବିଦ୍ୟାଳୟର ପ୍ରତିଷ୍ଠାତା ଜବାହରଲାଲ ପ୍ରଧାନଙ୍କ ଧଉରାପାଲିସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଏହା ଜଣାପଡ଼ିବା ପରେ ବହୁ ଲୋକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ବୁଧବାର ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ କିଶୋରନଗର ବଡ଼ପଡ଼ିଆ ନିକଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଥିଲା। ଖବରପାଇ ସମ୍ବଲପୁର ଏମ୍‌ପି, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ମନ୍ତ୍ରୀ ଅମର ପ୍ରଧାନ, ବିଜେଡି ନେତା ଭାଗୀରଥି ପ୍ରଧାନ, ଆଠମଲ୍ଲିକ ଓକିଲ ସଂଘ ସଭପତି ସୁଶାନ୍ତ ମହାପାତ୍ର ଶୋକ ପ୍ରକାଶ କରିଛନ୍ତି।

# ଟାଙ୍ଗିଆ ଚୋଟରେ ଗୁରୁତର ପୁଅ ମୃତ

କାମାକ୍ଷାନଗର,୧୭।୪(ସୁଧୀର କୁମାର ପରିଡ଼ା)

କଙ୍କଡାହାଡ଼ ଥାନା ରାଇବୋଲ ପଞ୍ଚାୟତ ହରିଡ଼ାପଦା ଗ୍ରାମରେ ଗତ ୧୧ ତାରିଖ ରାତିରେ ବାପା ଓ ମା'ଙ୍କ ଟାଙ୍ଗିଆ ଚୋଟରେ ଗୁରୁତର ହୋଇ କଟକରେ ଚିକିତ୍ସାଧୀନ ଥିବା ପୁଅ ରଞ୍ଜନ କୁମାର ମହାନ୍ତ(୩୦)ଙ୍କ ଗୁରୁବାର ମୃତ୍ୟୁ ହୋଇଛି। ଏ ନେଇ ରଞ୍ଜନଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ମା ଓ ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ଼ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2025-26/02, ତା.15.04.2025ରିଖ
01. ଟେଣ୍ଡର ନଂ. 04252409 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 25 KW, 110/130V DC ବ୍ରଶଲେସ ଅଲ୍ଟରନେଟର, ପରିମାଣ : 54 ଗୋଟି
02. ଟେଣ୍ଡର ନଂ. 03251794 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଂ ହାଇଡ୍ରୋଲିକ୍ ସକ୍ ଅବ୍‌ଜର୍ବର, ପରିମାଣ : 1365 ଗୋଟି
03. ଟେଣ୍ଡର ନଂ. 03253928 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ ପ୍ୟାଡ୍ ସେଟ୍, ପରିମାଣ : 20725 ସେଟ୍
04. ଟେଣ୍ଡର ନଂ. 03253794 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫିଟିଙ୍ଗ ଆକ୍ସେଲ ବକ୍ସ ପାଇଭଟ ବୁଶ, ପରିମାଣ : 5515 ଗୋଟି
05. ଟେଣ୍ଡର ନଂ. 04245133 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଜଏଣ୍ଟ ଲେସ୍ ଗ୍ରୁଭଡ଼ କପର କଣ୍ଟାକ୍ଟ ୱାୟର, 107 Sq.mm., ପରିମାଣ : T.S. ଅନୁସାରେ
06. ଟେଣ୍ଡର ନଂ. 03251138 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫିଡ୍ ପାଇପ ପାଇଁ ହୋସ କପ୍ଲିଙ୍ଗ, ପରିମାଣ : T.S. ଅନୁସାରେ
07. ଟେଣ୍ଡର ନଂ. 06245370 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନିୟୁ ଡିଜାଇନ ଥିକ ୱେବ ସ୍ୱିଚ୍ ଏକ୍ସପାନସନ ଜଏଣ୍ଟ, ପରିମାଣ : T.S. ଅନୁସାରେ
08. ଟେଣ୍ଡର ନଂ. 03251043 : ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲିଭର ଆସେମ୍ବଲି, ପରିମାଣ : 3971 ଗୋଟି
ଟେଣ୍ଡର ଖୋଲାଯିବା ତାରିଖ : 25.04.2025 (କ୍ରମ ସଂ. 02 ପାଇଁ), 28.04.2025 (କ୍ରମ ସଂ. 03 ରୁ 07 ପାଇଁ), 05.05.2025 (କ୍ରମ ସଂ. 01 ଏବଂ 08 ପାଇଁ)।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର
PR-49/Q/25-26

## कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल,हजारीबाग।
शुद्धि पत्र /सूचना

एतद् द्वारा सूचित किया जाता है कि ई–प्रोक्योरमेंट निविदा आमंत्रण सूचना संख्या– BCD/EE/ HAZARIBAG/ 74 /2024-25 ,PR संख्या– 349010 Building (24-25).D द्वारा प्रकाशित निविदा कार्य का नाम– Proposed Construction of 50 Beded S.T. Girl's Hostel in Picchdi Jati Balika Awasiya Uccha Vidyalaya, Matwari, Dist-Hazaribagh For The Year 2024-2025 को अपरिहार्य कारणवश रद्द की जाती है।
कार्यपालक अभियंता, भवन प्रमण्डल, हजारीबाग।
PR 350578 Building(25-26)D

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर
लापता: आवश्यक सूचना



गुमशुदा पुरूष राजेन्द्र सिंह, उम्र–करीब 55 वर्ष।

सर्व साधारण को सूचित किया जाता है कि आवेदिका सह पत्नी तरंजीत कौर के द्वारा अपने गुमशुदा पति–राजेन्द्र सिंह, उम्र–करीब 55 वर्ष के गुमशुदगी के संबंध में संबंधित थाना चाकुलिया में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा राजेन्द्र सिंह, उम्र–करीब 55 वर्ष, पिता–स्व0 स्वर्ण सिंह, पता–नियर स्टेट बैंक, नया बाजार चाकुलिया, जिला–पूर्वी सिंहभूम, जमशेदपुर जो दिनांक–19.03.2025 को अपने घर चाकुलिया से दिल्ली निजी काम से गये थे। दिनांक–21.03.2025 को रात करीब 10:00 बजे अपने घर बात करने के बाद उनका फोन बंद हो गया है और उनसे सम्पर्क नहीं हो पा रहा है। वह अभी तक अपने घर वापस नहीं आये हैं। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा व्यक्ति का हुलिया निम्न प्रकार है:– उम्र–55 वर्ष, कद–05 फीट 10 इंच, रंग–गोरा, पहनावा–सफेद पैंट शर्ट, जूता–ब्लू रंग का, भाषा–बंगाली, हिन्दी और पंजाबी।
अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक (ग्रामीण), पूर्वी सिंहभूम, जमशेदपुर | : 9470199228 |
| अनु0पु0पदा0 घाटशिला | : 9431706485 |
| थाना प्रभारी, चाकुलिया | : 9431706520 |

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 350534 Police (25-26)_D

See Career Appointment on every Wednesday & Saturday

## Department of Environmental Science
Fakir Mohan University
Vyasavihar, Nuapadhi, Balasore, Odisha-756089
Website : www.fmuniversity.nic.in
No.FMU/OHEPEE/CoE/04/2025 2810 Date : 17.04.2025

**Indicative Notice Inviting Tender**

Sealed quotations are invited from interested Dealers, Suppliers and Manufacturers with valid GSTIN certificate, PAN card and authorised dealer certificate for supply of **Lab Equipment/Instruments** for Fakir Mohan University, Balasore. The last date for submission of quotations by Regd./Speed Post is **09.05.2025 by 04:00 P.M.** For details please visit the University website www.fmuniversity.nic.in.
Sd./- (Registrar)

## ସର୍ବସାଧାରଣ ଅଧିସୂଚନା

ଦକ୍ଷିଣ ପୂର୍ବ ରେଳପଥର ନିମ୍ନ-ଦର୍ଶିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ରେଳ ଧାରଣା ଓ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ସମ୍ପୃକ୍ତ ସେକ୍ସନରେ ନିର୍ଦ୍ଧାରିତ ତାରିଖ ଓ ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ଓୟାରରେ ଶକ୍ତି ସରବରାହ ଆରମ୍ଭ ହୋଇଯିବ। ସେହି ତାରିଖ ଦିନ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କଥିତ ଓଭରହେଡ୍ ଲାଇନ୍‌ର ନିକଟ ପରିସରରେ କୌଣସି ଅଣପ୍ରାଧିକୃତ ବ୍ୟକ୍ତି ଆସିପାରିବେ ନାହିଁ କିମ୍ବା କାମ କରିପାରିବେ ନାହିଁ। **ସେକ୍ସନ; କିମି/ଚେନେଜ୍; ଶକ୍ତି ସରବରାହ ଆରମ୍ଭ ତାରିଖ :** ● ସୋରୋରୁ ରାଣିତାଲ (ଏକ୍ସ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍; **ଠାରୁ:** କିମି ୨୬୧/୧୫ଏ (ସିଏଚ୍: ୨୬୧/୪୪୩.୦୦) **ପର୍ଯ୍ୟନ୍ତ:** କିମି ୨୮୪/୯ଏ/୧ (ସିଏଚ୍: ୨୮୪/୩୫୫.୦୦); **୧୫।୦୫।୨୦୨୫**। ● ସୋରୋ/ଏସ୍‌ପି; **ଠାରୁ** : ୨୬୨/୭ଏ (ସିଏଚ୍: ୨୬୨/୧୭୯.୫୦) **ପର୍ଯ୍ୟନ୍ତ:** ୨୬୨/୯ଏ (ସିଏଚ୍: ୨୬୨/୨୩୮.୦୦); **୩୦।୦୪।୨୦୨୫**। ● ଫିଡର୍ ଲାଇନ୍; ୧. **ଠାରୁ:** ଏସ୍‌ଏଫ୍‌ଓ/ଏଫ୍-୧୩ (ସିଏଚ୍: ୨୬୧/୬୯୫.୦୦) **ପର୍ଯ୍ୟନ୍ତ:** ୨୬୨/୭ଏ (ସିଏଚ୍: ୨୬୨/୧୭୯.୫୦); **୩୦।୦୪।୨୦୨୫**। ୨. **ଠାରୁ:** ଏସ୍‌ଏଫ୍‌ଓ/ଏଫ୍-୧୨ (ସିଏଚ୍: ୨୬୧/୬୮୨.୦୦) **ପର୍ଯ୍ୟନ୍ତ:** ଏସ୍‌ଏଫ୍‌ଓ/ଜି-୧୩ (ସିଏଚ୍: ୨୬୨/୧୯୮.୦୦); **୩୦।୦୪।୨୦୨୫**

## "ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଖଡ଼୍‌ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ସୋରୋରୁ ରାଣିତାଲ (ଏକ୍ସ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍ ସେକ୍ସନ ଉପରେ ୨୫କେଭି ଏସି ବୈଦ୍ୟୁତିକ ଟ୍ରାକ୍ସନ ପ୍ରଚଳନ ସଂକ୍ରାନ୍ତରେ, ଅତ୍ୟଧିକ ଉଚ୍ଚତାବିଶିଷ୍ଟ ଭାରକୁ ଜୀବନ୍ତ ଟ୍ରାକ୍ସନ୍ ତାର **(କଣ୍ଟାକ୍ଟ ଓୟାର୍)**ର ସଂସ୍ପର୍ଶ କିମ୍ବା ବିପଜ୍ଜନକ ପରିସରରେ ଆସିବାରୁ ପ୍ରତିରୋଧ କରିବା ଲାଗି ସମସ୍ତ ଲେଭଲ କ୍ରସିଂରେ ସଡ଼କ ସ୍ତରରୁ **ସର୍ବାଧିକ ୪.୬୮ ମିଟରର ସ୍ପଷ୍ଟ** ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, **ଯାହା ଲେଭଲ କ୍ରସିଂଗୁଡ଼ିକରେ ରେଳ ସ୍ତରର ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ।** ଜନସାଧାରଣଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ଯାନବାହନରେ ଭାର ବୋଝେଇ କରିବା ସମୟରେ ଉପରୋକ୍ତ ନିର୍ଦ୍ଧାରିତ ଉଚ୍ଚତାକୁ ଧ୍ୟାନରେ ରଖନ୍ତୁ ଏବଂ ସଡ଼କ ଯାନରେ ପରିବହନ କରାଯାଉଥିବା ଭାର ଯେପରି ଉପରୋକ୍ତ ଉଚ୍ଚତା ଗେଜ୍‌କୁ କୌଣସି ପରିସ୍ଥିତିରେ ମଧ୍ୟ ଉଲ୍ଲଂଘନ ନ କରେ ଏଥିପ୍ରତି ଯତ୍ନବାନ୍ ରୁହନ୍ତୁ। ଅତ୍ୟଧିକ ଉଚ୍ଚତାର ଭାରର ବିପଦ ନିମ୍ନ ଅନୁଯାୟୀ ଅଟେ: (i) ଉଚ୍ଚତା ଗେଜ୍ ପ୍ରତି ବିପଦ ତଥା ତାହାର ପରିଣାମସ୍ୱରୂପ ରାସ୍ତା ଓ ରେଳ ଧାରଣା ଅବରୋଧ ହେବା। (ii) ବାହନରେ ବୋଝେଇ ହୋଇଥିବା ସାମଗ୍ରୀ କିମ୍ବା ଉପକରଣ ପ୍ରତି ବିପଦ। (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ମଧ୍ୟରେ ଆସି ଅଗ୍ନିକାଣ୍ଡର ଆଶଙ୍କା କିମ୍ବା ଜୀବନ ପ୍ରତି ବିପଦ।

(PR-58) ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ଗାର୍ଡେନ୍ ରିଚ୍

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## e-Procurement Cell
OFFICE OF THE EXECUTIVE ENGINEER,
BUILDING CONSTRUCTION DEPARTMENT
BUILDING DIVISION GUMLA

Short Notice Tender Inviting
Tender Reference No.-02BCD/GUMLA/2025-26

| क्र. सं. | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1 | COMPREHENSIVE RENOVATION INCLUDING TOILET, DILAPIDATED CLASSROOM, FLOOR, WINDOW, KITCHEN, DOOR, ROOF FAN ETC AND ELECTRIFICATION WORK AT KRISHNA HOSTEL GUMLA | 99,89,600.00 | 9 माह |
| i | वेबसाईट पर निविदा प्रकाशन की तिथि | 02.05.2025 | |
| ii | बिड प्राप्ति के लिए अन्तिम तिथि/समय | 08.05.2025 को अपराह्न 3.00 बजे। | |
| iii | निविदा खोलने की तिथि/समय | 09.05.2025 को अपराह्न 3.00 बजे। | |
| iv | निविदा प्रकाशित करने वाले कार्यालय का नाम एवं पता | Office of the Executive Engineer, Building Construction Department Building Division, Gumla | |
| v | प्रोक्योरमेंट पदाधिकारी का सम्पर्क संख्या | 8709489994 | |
| vi | ई–प्रोक्योरमेंट सेल का हेल्पलाईन संख्या | 9990708350 | |

• इस निविदा/कोटेशन से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.inij किया जा सकता है।
Note : New Updated UCAN Registration is mandatory for all Bidders.
Nodal Officer, e-Procurement Cell, Office of the Executive Engineer, Building Construction Department, Building Division, Gumla
PR 350552 (Building) 25-26 (D)

## ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ
INDIAN INSTITUTE OF FOREIGN TRADE
ଡିମ୍‌ଡ ଟୁ ବି ୟୁନିଭର୍ସିଟି
(ବାଣିଜ୍ୟ ବିଭାଗ, ଭାରତ ସରକାର)
ଏନ୍‌ଏଏସି ଦ୍ୱାରା "A+ ଗ୍ରେଡ୍" ମାନ୍ୟତାପ୍ରାପ୍ତ
AACSB ACCREDITED


### ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଇଣ୍ଟରନ୍ୟାସନାଲ ବିଜନେସ୍) କାର୍ଯ୍ୟକ୍ରମ ୨୦୨୫-୩୦ ରେ ନାମଲେଖା ଘୋଷଣା କରାଯାଉଛି

ବାଣିଜ୍ୟ ବିଭାଗ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ (ଆଇଆଇଏଫ୍‌ଟି) **କାକିନାଡା କ୍ୟାମ୍ପସ (ଆନ୍ଧ୍ରପ୍ରଦେଶ)**ଠାରେ ପ୍ରଦାନ କରାଯାଉଥିବା ଆବାସିକ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ (ବିବିଏ-ବିଜନେସ୍ ଆନାଲିଟିକ୍ସ ଆଣ୍ଡ ଏମ୍‌ବିଏ-ଇଣ୍ଟରନ୍ୟାସନାଲ ବିଜନେସ୍) ୨୦୨୫-୩୦ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଛି।
**ଯୋଗ୍ୟତା:** (୧) ପ୍ରାର୍ଥୀ ବର୍ଷ ୨୦୨୩, ୨୦୨୪ କିମ୍ବା ୨୦୨୫ରେ ଦେଇଥିବା ପରୀକ୍ଷାରେ କଳା/ବାଣିଜ୍ୟ/ବିଜ୍ଞାନ ଶୃଙ୍ଖଳା କିମ୍ବା ସମତୁଲ୍ୟ ଶୃଙ୍ଖଳାରେ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦+୨/XII/ଏଚ୍‌ଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। (୨) ପ୍ରାର୍ଥୀ ବର୍ଷ ୨୦୨୧ ପୂର୍ବରୁ ୬୦% (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟଲିଙ୍ଗୀ ପ୍ରାର୍ଥୀଙ୍କ ପାଇଁ ୫୫%) କିମ୍ବା ତଦୂର୍ଦ୍ଧ୍ୱ ମାର୍କ ସହ ୧୦ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। (୩) +୨ ସ୍ତରରେ ଗଣିତ/ବ୍ୟବସାୟ ଗଣିତ/ପ୍ରାୟୋଗିକ ଗଣିତ/ପରିସଂଖ୍ୟାନ/ବ୍ୟବସାୟ ପରିସଂଖ୍ୟାନ ଏକ ବିଷୟ ରହିଥିବା ବାଧ୍ୟତାମୂଳକ।
**ନାମଲେଖା ପଦ୍ଧତି:** ଚୟନ ଆଇପିଏମ୍‌ଏଟି ୨୦୨୫ ସ୍କୋର୍ (ଯାହା ଆଇଆଇଏମ୍-ଇନ୍ଦୋର ଦ୍ୱାରା ସଞ୍ଚାଳିତ ହେବ), ୧୦ମ ଶ୍ରେଣୀର ଶିକ୍ଷାଗତ ପ୍ରୋଫାଇଲ ତଥା ଲିଙ୍ଗ ବିବିଧତା ଆଧାରରେ କରାଯିବ।
**ଦ୍ରଷ୍ଟବ୍ୟ:** ପ୍ରାର୍ଥୀ ଆଇପିଏମ୍‌ଏଟି ବିଜ୍ଞାପନ ଏବଂ ଆଇପିଏମ୍ ୨୦୨୫-୩୦ ପାଇଁ ନାମଲେଖା ପଦ୍ଧତିକୁ ଅନୁସରଣ କରିବା ଉଚିତ, ଯାହା ଆଇଆଇଏମ୍ ଇନ୍ଦୋର ୱେବସାଇଟ୍‌ରେ ଉପଲବ୍ଧ। ଆଇଆଇଏଫ୍‌ଟି ଏହାର ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଣ୍ଟ ନିମନ୍ତେ ପ୍ରାର୍ଥୀଙ୍କ ଶର୍ଟଲିଷ୍ଟିଂ / ଚୟନ ଲାଗି ଆଇପିଏମ୍‌ଏଟି ୨୦୨୫ ସ୍କୋର୍ ବ୍ୟବହାର କରିବ। ଚୟନ ପ୍ରକ୍ରିୟା କିମ୍ବା କାର୍ଯ୍ୟକ୍ରମ ସଞ୍ଚାଳନରେ ଆଇଆଇଏମ୍ ଇନ୍ଦୋରର କୌଣସି ଭୂମିକା ନାହିଁ।
**କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆଇଆଇଏଫ୍‌ଟି ୱେବସାଇଟ୍ www.iift.ac.in ଦେଖନ୍ତୁ**

| ଗୁରୁତ୍ୱପୂର୍ଣ୍ଣ ତାରିଖ | |
|---|---|
| ଆଇଆଇଏଫ୍‌ଟିର ଆଇପିଏମ୍ ୨୦୨୫-୩୦ ପାଇଁ ଅନଲାଇନ ଆବେଦନର ଶେଷ ତାରିଖ | ୩୦ ଏପ୍ରିଲ ୨୦୨୫ |
| ଆଇପିଏମ୍‌ଏଟି ୨୦୨୫ (ଆଇଆଇଏମ୍ ଇନ୍ଦୋର ଦ୍ୱାରା ସଞ୍ଚାଳନ କରାଯିବ)ର ତାରିଖ | ୧୨ ମେ ୨୦୨୫ |

କୌଣସି ପ୍ରଶ୍ନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଅମିତ କୁମାର ଚନପୁରିଆ, ଉପ ନିବନ୍ଧକ (ଶିକ୍ଷାଗତ)
ଭାରତୀୟ ବିଦେଶ ବ୍ୟାପାର ଅନୁଷ୍ଠାନ, ବି-୨୧, କୁତବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ନୂଆଦିଲ୍ଲୀ-୧୧୦୦୧୬
ଟେଲି. ୦୧୧-୩୯୧୪୭୨୧୩; ଇ-ମେଲ୍: ipm@iift.edu; ୱେବସାଇଟ୍: www.iift.ac.in
CBC 05103/12/0001/2526 ଶ୍ରୀ ଗୌରବ ଗୁଲାଟି, ନିବନ୍ଧକ

## ‘ମା’ବାପାଙ୍କ ଇଚ୍ଛା ବିରୋଧରେ ବିବାହ କରିଥିବା ଯୋଡ଼ି ପୋଲିସ ସୁରକ୍ଷା ଦାବି କରିପାରିବେନି’




ପ୍ରୟାଗରାଜ, ୧୭।୪ (ପି.ଟି.)

ଆଲ୍ଲାହାବାଦ ହାଇକୋର୍ଟ ଗୁରୁବାର ଏକ ମାମଲାର ଶୁଣାଣି କରି କହିଛନ୍ତି, ମା’ବାପାଙ୍କ ଇଚ୍ଛା ବିରୋଧରେ ଯାଇ ବିବାହ କରୁଥିବା ପ୍ରେମୀ ଯୁଗଳ ପୋଲିସ ସୁରକ୍ଷା ନେଇ ଦାବି କରିପାରିବେ ନାହିଁ। ଯେପର୍ଯ୍ୟନ୍ତ ସେମାନଙ୍କ ଜୀବନ କିମ୍ବା ସ୍ୱାଧୀନତା ପ୍ରତି ଗୁରୁତର ବିପଦ ନ ଆସେ, ସେଯାଏ ସେମାନେ ପୋଲିସ ସୁରକ୍ଷା ଦାବି କରିପାରିବେ ନାହିଁ। ଏକ ପ୍ରେମୀ ଯୁଗଳଙ୍କ ପକ୍ଷରୁ ସୁରକ୍ଷା ଦାବି ପାଇଁ କରାଯାଇଥିବା ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ସୌରଭ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ କହିଛନ୍ତି, ପରିବାରର ଇଚ୍ଛା ବିରୋଧରେ ଯାଇ ବିବାହ କରୁଥିବା ପ୍ରେମୀ ଯୁଗଳଙ୍କର ପୋଲିସ ସୁରକ୍ଷା ପାଇବାର ଅଧିକାର ନାହିଁ। କେବଳ ସେମାନଙ୍କ ଜୀବନ ବିପଦରେ ଥିବା ସମୟରେ କିମ୍ବା ସେମାନଙ୍କ ସ୍ୱାଧୀନତା ପ୍ରତି ବିପଦ ଥିବା ସମୟରେ ହିଁ ପ୍ରେମୀ ଯୁଗଳମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇ ପାରିବ। ପରିବାର ବିରୋଧରେ ଯାଇ ବିବାହ କରିଥିବା ପ୍ରେମୀ ଯୁଗଳମାନେ ପରସ୍ପର ସହ ଦୃଢ଼ ଭାବେ ଠିଆ ହେବା ସହ ସମାଜକୁ କିପରି ସାମ୍ନା କରାଯିବ ତାହା ଶିଖିବା ଉଚିତ। ବିଭିନ୍ନ ଦଲିଲ ଏବଂ ବୟାନକୁ ଯାଞ୍ଚ କରିବା ପରେ ଆବେଦନକାରୀ ପ୍ରେମୀ ଯୁଗଳଙ୍କୁ କୌଣସି ଗୁରୁତର ବିପଦ ନ ଥିବା ନେଇ କୋର୍ଟ ଅନୁଭବ କରିଥିଲେ। ତେଣୁ ଉଚ୍ଚ ଅଦାଲତ ଏହି ଆବେଦନକୁ ଖାରଜ କରି ଦେଇଛନ୍ତି।

## ମହାରାଷ୍ଟ୍ରରେ ହିନ୍ଦୀ ବାଧ୍ୟତାମୂଳକ

# ରାଜ୍ ଠାକ୍‌ରେଙ୍କ ବିରୋଧ

ମୁମ୍ବାଇ, ୧୭।୪

ହିନ୍ଦୀ ଭାଷାକୁ ଅଣହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଜବରଦସ୍ତ ଲଦିଦିଆଯାଉଥିବା ଅଭିଯୋଗ ହୋଇଆସୁଥିଲାବେଳେ ତାମିଲନାଡୁ ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଏହାର ପ୍ରବଳ ବିରୋଧ କରୁଛନ୍ତି। ଏହାସତ୍ତ୍ୱେ ମହାରାଷ୍ଟ୍ରର ମରାଠୀ ଏବଂ ଇଂଲିଶ ମାଧ୍ୟମ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ହିନ୍ଦୀକୁ ବାଧ୍ୟତାମୂଳକ ତୃତୀୟ ଭାଷା ଭାବେ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଂଗ୍ରେସ ଏବଂ ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଦୃଢ଼ ବିରୋଧ କରିଛନ୍ତି।



ରାଜ୍ ଠାକ୍‌ରେ

ଗୁରୁବାରର ଏହି ନିର୍ଦ୍ଦେଶନାମା ଏବଂ କେନ୍ଦ୍ର ସରକାରଙ୍କ ତ୍ରିଭାଷୀ ନୀତିକୁ ରାଜ୍ ଠାକ୍‌ରେ ସମାଲୋଚନା କରିଛନ୍ତି। ଏମ୍‌ଏନ୍‌ଏସ୍ ‘ମରାଠୀ ପ୍ରଥମ’ ନୀତି ଚାହୁଁଥିଲାବେଳେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଉଦାହରଣକୁ ମହାରାଷ୍ଟ୍ର ଅନୁସରଣ କରିବା ଉଚିତ ବୋଲି ସେ କହିଛନ୍ତି। କେନ୍ଦ୍ରକୁ ସମାଲୋଚନା କରି ରାଜ୍ କହିଛନ୍ତି, ତ୍ରିଭାଷୀ ସୂତ୍ର କେବଳ ସରକାରୀ ବ୍ୟାପାରରେ ସୀମିତ ରହୁ, ଏହାକୁ ଶିକ୍ଷା ବ୍ୟବସ୍ଥା ମଧ୍ୟକୁ ଅଣା ନ ଯାଏ। ସବୁକିଛିର ହିନ୍ଦୀକରଣ ପାଇଁ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ମହାରାଷ୍ଟ୍ରରେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଏମ୍‌ଏନ୍‌ଏସ୍ ମୁଖ୍ୟ କହିଛନ୍ତି। ସେ ଆହୁରି କହିଛନ୍ତି, ଆମେ ହିନ୍ଦୁ, ହିନ୍ଦୀ ନୋହୁଁ। ଯଦି ମହାରାଷ୍ଟ୍ରକୁ ହିନ୍ଦୀର ରଙ୍ଗ ଦେବାକୁ ଉଦ୍ୟମ କରାଯାଏ, ତେବେ ନିଶ୍ଚୟ ଏଠାରେ ସଂଘର୍ଷ ହେବ। ସରକାର ଆଗାମୀ ନିର୍ବାଚନରୁ ଫାଇଦା ଉଠାଇବା ପାଇଁ ଜାଣିଶୁଣି ମରାଠୀ ଏବଂ ଅଣମରାଠୀଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରାଇବାକୁ ଉଦ୍ୟମ କରୁଥିବା ରାଜ୍ କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଭାଷାନୀତିକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ପଦକ୍ଷେପ ଯଥାର୍ଥ ବୋଲି କହିଛନ୍ତି। ଯଦି କେହି ଇଂଲିଶ ପଢ଼ିବାକୁ ଚାହୁଁଛନ୍ତି, ସେ ତାହା ପଢ଼ିପାରିବେ। ଯଦି କେହି ଅନ୍ୟ ଭାଷାରେ ଶିକ୍ଷାଲାଭ କରିବାକୁ ଚାହାନ୍ତି, ସେଥିରେ କୌଣସି ପ୍ରତିବନ୍ଧକ ନାହିଁ। ପ୍ରତ୍ୟେକ ମରାଠୀ ଜାଣିବା ଆବଶ୍ୟକ। ଏଥିସହିତ ଦେଶର ଅନ୍ୟାନ୍ୟ ଭାଷା ମଧ୍ୟ ଶିଖିବା ଦରକାର। କେନ୍ଦ୍ର ସରକାର ତାହା ହିଁ ଚାହାନ୍ତି। ସାରା ଦେଶରେ ଯୋଗାଯୋଗର ଏକ ଭାଷା ହେବା ଆବଶ୍ୟକ। ସେଥିପାଇଁ ଏଭଳି ଉଦ୍ୟମ ହୋଇଥିବା ଫଡ୍‌ନବିସ୍ କହିଛନ୍ତି।

## ସାନି ନିଯୁକ୍ତି ପର୍ଯ୍ୟନ୍ତ ପଦବୀରେ ରହିବେ ପଶ୍ଚିମବଙ୍ଗର ବହିଷ୍କୃତ ଶିକ୍ଷକ

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ପଶ୍ଚିମବଙ୍ଗ ସ୍କୁଲ୍ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ବହିଷ୍କୃତ ହୋଇଥିବା ଶିକ୍ଷକମାନଙ୍କୁ ଗୁରୁବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଯେଉଁ ଶିକ୍ଷକମାନେ ଜାଲିଆତିରେ ସମ୍ପୃକ୍ତ ଥିବାର ପ୍ରମାଣ ନାହିଁ, ସାନି ନିଯୁକ୍ତି ପର୍ଯ୍ୟନ୍ତ ଅର୍ଥାତ୍ ଡିସେମ୍ବର ୩୧ ଯାଏ ସେମାନେ ପଦବୀରେ ରହିବେ। ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଦୁର୍ନୀତିପୂର୍ଣ୍ଣ ଓ ଅସ୍ୱଚ୍ଛ ଦର୍ଶାଇ ସୁପ୍ରିମକୋର୍ଟ ଗତ ୩ ତାରିଖ ରାୟରେ ୨୫,୭୫୩ ଶିକ୍ଷକ ଓ ସ୍କୁଲ୍ କର୍ମଚାରୀଙ୍କୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁ ରାଜ୍ୟର ବିଭିନ୍ନ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲର ପାଠପଢ଼ା ବ୍ୟାଘାତ ହେବ ବୋଲି ପଶ୍ଚିମବଙ୍ଗ ସରକାର ଅଦାଲତରେ ଯୁକ୍ତି ଉପସ୍ଥାପନ କରିବା ସହ ସାନି ନିଯୁକ୍ତି ପାଇଁ ସମୟ ଲାଗିବ ବୋଲି କହିଥିଲେ। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ତାହାକୁ ବିଚାରକୁ ନେଇ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକର ଗ୍ରେଡ୍ ସି ଏବଂ ଡି କର୍ମଚାରୀମାନଙ୍କ ପାଇଁ ଏହା ଲାଗୁ ହେବ ନାହିଁ। ସାନି ନିଯୁକ୍ତି ନେଇ ମେ’ ୩୧ ସୁଦ୍ଧା ବିଜ୍ଞାପନ ପ୍ରକାଶ କରିବା ସହ ଡିସେମ୍ବର ୩୧ ମଧ୍ୟରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ପ୍ରଧାନ ବିଚାରପତି ସର୍ତ୍ତ ରଖିଛନ୍ତି। ମେ’ ୩୧ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ନେଇ ରାଜ୍ୟ ସରକାର ଏବଂ ପଶ୍ଚିମବଙ୍ଗ ସ୍କୁଲ୍ ସର୍ଭିସ୍ କମିଶନ ଏକ ଅନୁପାଳନ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ ବହିଷ୍କାର ନିର୍ଦ୍ଦେଶ ଦେବା ପରେ ପଶ୍ଚିମବଙ୍ଗର ବିଭିନ୍ନ ଜିଲାରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏହା ବିରୋଧରେ ବିକ୍ଷୋଭ ଜାରି ରଖିଛନ୍ତି।

# ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ୨୩ ମୃତ

ଗାଜାଷ୍ଟ୍ରିପ୍, ୧୭।୪

ଗାଜା ଉପରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ ଯୋଗୁ ଗୋଟିଏ ପରିବାରର ୧୦ ଜଣଙ୍କ ସମେତ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରୁ ଏହି ଆକ୍ରମଣ ଜାରି ରହିଥିଲା। ଗାଜାକୁ ୬ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଯୋଗାଣ ଅବରୋଧ କରିବାକୁ ଇସ୍ରାଏଲ୍‌ର ଘୋଷଣା ପରେ ଜାତିସଂଘ ଏହାର ପରିଣାମକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି।

ଜାନୁଆରୀ ୧୯ରୁ ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଅସ୍ତ୍ରବିରତି ଆରମ୍ଭ ହୋଇଥିବାବେଳେ ଗତ ମାସରେ ଜେରୁଜେଲମ୍ ଏଥିରୁ ଓହରିଯାଇଥିଲା। ଅସ୍ତ୍ରବିରତି ଚୁକ୍ତିନାମାରେ ପରିବର୍ତ୍ତନକୁ ହମାସ୍ ଆତଙ୍କବାଦୀ ମାନିନେବା ନିମନ୍ତେ ଚାପ ପକାଇବା ପାଇଁ ଇସ୍ରାଏଲୀ ସୈନ୍ୟମାନେ ଗାଜା ଉପରେ ଆକ୍ରମଣ ଜାରି ରଖିଛନ୍ତି। ଦକ୍ଷିଣ ଭାଗରେ ଥିବା ଖାନ୍ ୟୁନିସ୍ ସହରରେ ଇସ୍ରାଏଲ୍‌ର ବୋମାମାଡ଼ ଯୋଗୁ ଗୋଟିଏ ପରିବାରର ୫ ଶିଶୁ, ୪ ମହିଳା ଓ ଜଣେ ପୁରୁଷଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ଉତ୍ତର ଗାଜାରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ୯ ଛୋଟ ପିଲାଙ୍କ ସମେତ ୧୩ ଜଣ ପ୍ରାଣ ହରାଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ଗାଜାର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଖାଦ୍ୟ ପାଇଁ ସଂଘର୍ଷ କରୁଥିବାବେଳେ ଦାତବ୍ୟ ସଂସ୍ଥାଗୁଡ଼ିକରେ ଦୈନିକ ୧୦ ନିୟୁତଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଛି। ଯୋଗାଣ ବନ୍ଦ ଯୋଗୁ ଅନ୍ୟାନ୍ୟ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ଜାତିସଂଘ ଓ ଅନ୍ୟ ସଂଗଠନଗୁଡ଼ିକ ସେମାନଙ୍କ ଗଚ୍ଛିତ ସାମଗ୍ରୀକୁ ଦାତବ୍ୟ ରୋଷଶାଳାକୁ ପଠାଇଦେଇଛନ୍ତି। ଖାଦ୍ୟ ସଂଗ୍ରହର ଏକମାତ୍ର ଅନ୍ୟ ଉପାୟ ହେଉଛି ବଜାରରୁ କ୍ରୟ କରିବା। ଯୋଗାଣ ଅଭାବ ଯୋଗୁ ଏହିସବୁ ସାମଗ୍ରୀ ଏତେ ମହଙ୍ଗା ହୋଇଛି ଯେ, ଲୋକେ କିଣିବା ଅବସ୍ଥାରେ ନ ଥିବା ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ କୁହାଯାଇଛି।



ଗାଜାଷ୍ଟ୍ରିପ୍‌ର ଖାନ୍ ୟୁନିସ୍ ସହରରେ ବୁଧବାର ରାତିରେ ଇସ୍ରାଏଲ୍ ବୋମାମାଡ଼ରେ ପ୍ରାଣ ହରାଇଥିବା ୧ ବର୍ଷର ଝିଅାରୀଙ୍କ ମୃତଦେହକୁ ଜଣେ ପାଲେଷ୍ଟିନୀୟ ହସ୍ପିଟାଲ ନେଉଛନ୍ତି।

## ଆପ୍ ନେତା ଦୁର୍ଗେଶ ପାଠକଙ୍କ ଘରେ ସିବିଆଇ ରେଡ୍

### ବିଦେଶୀ ଫଣ୍ଡିଂ ମାମଲା

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଦୁର୍ଗେଶ ପାଠକଙ୍କ ଘରେ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରେଡ୍ କରିଛି। ବିଦେଶ ଫଣ୍ଡିଂ (ଏଫ୍‌ସିଆର୍‌ଏ) ସହ ଜଡ଼ିତ ଏକ ମାମଲାରେ ସିବିଆଇ ଏହି ଚଢ଼ାଉ କରିଛି। ବୁଧବାର ଏହି ମାମଲାକୁ ନେଇ ସିବିଆଇ ଦୁର୍ଗେଶ ଓ ଆପ୍ ପଦାଧିକାରୀ କପିଲ ଭରଦ୍ୱାଜଙ୍କ ନାମରେ ଏଫ୍‌ଆଇଆର ରୁଜୁ କରିଥିଲା। ଆପ୍‌ର କେତେଜଣ ନେତାଙ୍କ ବିରୋଧରେ ବିଦେଶୀ ଫଣ୍ଡିଂ ମାମଲା ସାମ୍ନାକୁ ଆସିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶରେ ସିବିଆଇ ଏହି ମାମଲାରେ ଏଫ୍‌ଆଇଆର୍ ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଏହାପୂର୍ବରୁ ଇଡି ମଧ୍ୟ ଏହି ମାମଲାରେ ମନି ଲଣ୍ଡରିଂ ଆକ୍ଟ ଅନୁଯାୟୀ, ତଦନ୍ତ କରିବା ସହ ଏହାର ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପ୍ରଦାନ କରିଥିଲା।

## ଶେଷାନ ସ୍ୱରାଷ୍ଟ୍ର ମନ୍ତ୍ରୀ ହେବାକୁ ଚାହିଁଥିଲେ

### ଗୋପାଳକୃଷ୍ଣ ଗାନ୍ଧୀଙ୍କ ପୁସ୍ତକରେ ଦାବି

ନୂଆଦିଲ୍ଲୀ, ୧୭।୪ (ପି.ଟି.)

୧୯୯୧ ମେ’ ୨୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନିଧନ ପରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ତୁରନ୍ତ ବନ୍ଦ ରଖିବାକୁ ତତ୍କାଳୀନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଟି.ଏନ୍. ଶେଷାନ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ପଦରେ ରହିବାକୁ ଚାହୁଁଥିଲେ ବୋଲି ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଗୋପାଳକୃଷ୍ଣ ଗାନ୍ଧୀଙ୍କ ଲିଖିତ ନୂତନ ପୁସ୍ତକରେ ଦାବି କରାଯାଇଛି।

ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଆତ୍ମଘାତୀ ବିସ୍ଫୋରଣରେ ରାଜୀବଙ୍କ ନିଧନ ବେଳେ ଗୋପାଳ ଗାନ୍ଧୀ ତତ୍କାଳୀନ ରାଷ୍ଟ୍ରପତି ଆର୍. ଭେଙ୍କଟରମଣଙ୍କ ଯୁଗ୍ମ ସଚିବ ଥିଲେ। ‘ଦି ଉନ୍‌ଡାଇଂ ଲାଇଟ୍: ଏ ପର୍ସନାଲ ହିଷ୍ଟ୍ରି ଅଫ୍ ଇଣ୍ଡିପେଣ୍ଡେଣ୍ଟ ଇଣ୍ଡିଆ’ରେ ଗୋପାଳକୃଷ୍ଣ ଲେଖିଛନ୍ତି, ରାଜୀବଙ୍କ ମୃତ୍ୟୁ ଖବର ନେଇ ଶେଷାନ ସେଦିନ ରାତିରେ ରାଷ୍ଟ୍ରପତି ଭବନ ଯାଇଥିଲେ। ଯଦି ରାଷ୍ଟ୍ରପତି ଉପଯୁକ୍ତ ଅନୁଭବ କରନ୍ତି, ତେବେ ସିଇସି କାର୍ଯ୍ୟାଳୟ ବାହାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କାର୍ଯ୍ୟ କରିପାରିବେ ବୋଲି ସେ ଜଣାଇଥିଲେ। ସୂଚନାଯୋଗ୍ୟ, କଂଗ୍ରେସ ୧୯୯୧ ପ୍ରଥମ ଭାଗରେ ଚନ୍ଦ୍ରଶେଖର ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେବାରୁ ସାନି ନିର୍ବାଚନ ଘୋଷଣା ହୋଇଥିଲା।



ଟି.ଏନ୍. ଶେଷାନ

## ୱାର୍ଲ୍ଡ ପ୍ରେସ୍ ଫଟୋ ଅଫ୍ ଦି ଇୟର

ଦି ହଗ୍, ୧୭।୪

ଗାଜାରେ ଇସ୍ରାଏଲର ଆକ୍ରମଣରେ ୨ ହାତ ହରାଇଥିବା ପାଲେଷ୍ଟିନୀୟ ବାଳକଙ୍କ ଫଟୋକୁ ୨୦୨୫ ବର୍ଷ ପାଇଁ ୱାର୍ଲ୍ଡ ପ୍ରେସ୍ ଫଟୋ ଅଫ୍ ଦି ଇୟର ଭାବେ ସମ୍ମାନିତ କରାଯାଇଛି। ଚିତ୍ରରେ ସ୍ଥାନିତ ବାଳକ ଜଣକ ହେଉଛନ୍ତି ମହମୁଦ ଅଜ୍ଜୌର (୯)। ନ୍ୟୁୟର୍କ ଟାଇମ୍ସ ପାଇଁ କାତାରରେ ରହୁଥିବା ପାଲେଷ୍ଟିନୀୟ ଫଟୋ ଜର୍ନାଲିଷ୍ଟ ସମର ଅବୁ ଏଲୌଫ୍ ଏହି ଫଟୋ ଉଠାଇଥିଲେ। ମହମୁଦ ଅଜ୍ଜୌର ଓ ତାଙ୍କ ମା’ଙ୍କୁ ଭେଟି ସେ ଭାବବିହ୍ୱଳ ହୋଇଯାଇଥିଲେ ବୋଲି ଅବୁ କହିଛନ୍ତି। ମହମୁଦ ଯେତେବେଳେ ୨ ହାତ ହରାଇବା ଅନୁଭବ କଲେ, ତାଙ୍କର ପ୍ରଥମ ବାକ୍ୟ ଥିଲା ‘‘ମା’ ବିନା ହାତରେ ମୁଁ ତୁମକୁ କିପରି କୁଣ୍ଢାଇବି’’।



## ନିର୍ବାଚନ ନିୟମ ବିବାଦ: ଜବାବ ଦାଖଲ ଲାଗି ଇସିଙ୍କୁ ଆଉ ୩ ସପ୍ତାହ

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ନିର୍ବାଚନ ନିୟମାବଳୀ ୧୯୬୧ରେ ସଂଶୋଧନକୁ ବିରୋଧକରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ଜବାବ ଦାଖଲ ଲାଗି ଅଦାଲତ ଗୁରୁବାର ନିର୍ବାଚନ କମିଶନ (ଇସି)ଙ୍କୁ ଆଉ ୩ ସପ୍ତାହ ସମୟ ଦେଇଛନ୍ତି। ଜାନୁଆରୀ ୧୫ରେ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଇସିଙ୍କୁ ଜବାବ ମାଗିଥିଲେ। ଇସି ଏପର୍ଯ୍ୟନ୍ତ ଜବାବ ଦାଖଲ କରି ନ ଥିବାବେଳେ ଏହା ତରଫରୁ ବରିଷ୍ଠ ଆଇନଜୀବୀ ମନିନ୍ଦର ସିଂ ଅଦାଲତଙ୍କୁ ଅଧିକ ୩ ସପ୍ତାହ ସମୟ ମାଗିଥିଲେ। ଜୟରାମଙ୍କ ବ୍ୟତୀତ ଶ୍ୟାମଲାଲ୍ ପାଲ୍ ଏବଂ ଅଞ୍ଜଳି ଭରଦ୍ୱାଜ ପିଆଇଏଲ୍ ଦାଏର କରିଥିଲେ।

## ୪ ବର୍ଷରେ ଅଲିଭ୍ ରିଡ୍‌ଲେର ୩,୬୦୦ କି.ମି. ଯାତ୍ରା

କେନ୍ଦ୍ରାପଡ଼ା/ରତ୍ନଗିରି, ୧୭।୪ (ପି.ଟି.)

ଏକ ଅଲିଭ୍ ରିଡ୍‌ଲେ କଇଁଛ ୪ ବର୍ଷ ମଧ୍ୟରେ ଓଡ଼ିଶାର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରୁ ୩,୬୦୦ କି.ମି. ପହଁରି ମହାରାଷ୍ଟ୍ର ରତ୍ନଗିରିସ୍ଥିତ ଗୁହାଗର ବେଳାଭୂମିରେ ପହଞ୍ଚିଛି। ଏହି ଘଟଣା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜେଡ୍‌ଏସ୍‌ଆଇ)ର ବରିଷ୍ଠ ବୈଜ୍ଞାନିକ ବାସୁଦେବ ତ୍ରିପାଠୀ ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସାଧାରଣତଃ ଓଡ଼ିଶାରେ ଟ୍ୟାଗ୍ ହେଉଥିବା ଅଲିଭ୍ ରିଡ୍‌ଲେଗୁଡ଼ିକ ବେଶି ଦୂରକୁ ନ ଯିବାର ନଜିର ରହିଛି। ଅଳ୍ପ କିଛି ଅଲିଭ୍ ରିଡ୍‌ଲେ ବସା ବାନ୍ଧିବା ପାଇଁ ଶ୍ରୀଲଙ୍କା ଉପକୂଳକୁ ଯାଇଥାନ୍ତି। ତେବେ ପ୍ରଥମଥର ପାଇଁ ଓଡ଼ିଶାରେ ଟ୍ୟାଗ୍ ହୋଇଥିବା ଏକ ଅଲିଭ୍ ରିଡ୍‌ଲେ ଆରବସାଗର ଯାଇ ମହାରାଷ୍ଟ୍ର ରତ୍ନଗିରିସ୍ଥିତ ଗୁହାଗର ବେଳାଭୂମିରେ ପହଞ୍ଚିଛି। ଏହି ଘଟଣା ବୈଜ୍ଞାନିକଙ୍କ ଥିଓରିକୁ ଭୁଲ୍ ପ୍ରମାଣିତ କରୁଛି। ଭାରତରେ ପୂର୍ବ ଏବଂ ପଶ୍ଚିମ ଉପକୂଳରେ ଦେଖାଯାଉଥିବା କଇଁଛଗୁଡ଼ିକ ଭିନ୍ନ ପ୍ରଜାତିର ହୋଇଥିବା ସହ ସେମାନଙ୍କ ମଧ୍ୟରେ କୌଣସି ସମ୍ପର୍କ ନ ଥିବା ନେଇ ବୈଜ୍ଞାନିକମାନଙ୍କର ଧାରଣା ରହିଥିଲା। ଏହି ଘଟଣା ଉକ୍ତ ଧାରଣାକୁ ମଧ୍ୟ ବଦଳାଇଛି।



୩,୬୦୦ କି.ମି. ଯାତ୍ରା କରିଥିବା ଏହି ଅଲିଭ୍ ରିଡ୍‌ଲେ କଇଁଛଟିକୁ ୨୦୨୧ ମାର୍ଚ୍ଚ ୧୮ରେ ଓଡ଼ିଶାର ଗହୀରମଥା ବେଳାଭୂମିରେ ୦୩୨୩୩ ନମ୍ବର ସହ ଟ୍ୟାଗ୍ କରାଯାଇଥିଲା। ଗତ ଜାନୁଆରୀ ୩୧ରେ ଗୁହାଗର ବେଳାଭୂମିରେ ସ୍ଥାନୀୟ ମେଗ୍ରୋଭ ଫାଉଣ୍ଡେଶନର କେତେଜଣ ସ୍ୱେଚ୍ଛାସେବୀ ଏହି କଇଁଛଟିକୁ ଦେଖିଥିଲେ। ସେମାନେ କଇଁଛ ନିକଟକୁ ଆସି ଏହା ଉପରେ ଲାଗିଥିବା ଟ୍ୟାଗ୍‌କୁ ଦେଖିଥିଲେ। କଇଁଛଟି ଓଡ଼ିଶାରୁ ଆସିଥିବା ଜାଣି ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଏବେ ସୁଦ୍ଧା ଏହି କଇଁଛ ଗୁହାଗର ବେଳାଭୂମିରେ ୧୨୦ଟି ଅଣ୍ଡା ଦେଇଛି ବୋଲି ମେଗ୍ରୋଭ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ୧୯୯୯ ମସିହାରେ ପ୍ରଥମ ଥର ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ କଇଁଛଗୁଡ଼ିକୁ ଚିହ୍ନଟ କରିବା ପାଇଁ ସେମାନଙ୍କୁ ଟ୍ୟାଗ୍ କରିଥିଲା। ଏପରି ଟ୍ୟାଗ୍ ଦ୍ୱାରା ବୈଜ୍ଞାନିକମାନେ କଇଁଛଗୁଡ଼ିକୁ ଟ୍ୟାଗ୍ କରାଯିବାର ତାରିଖ, ସ୍ଥାନ ଏବଂ ଟ୍ୟାଗ ଲଗାଇଥିବା ବ୍ୟକ୍ତିଙ୍କୁ ଜାଣିପାରନ୍ତି। ଓଡ଼ିଶା ଉପକୂଳରେ ଗତ ୩ ବର୍ଷ ମଧ୍ୟରେ ୧୨ ହଜାର କଇଁଛଙ୍କୁ ଟ୍ୟାଗ୍ କରାଯାଇଛି।

## ଫୁର୍‌ସତ୍

# ସବୁଠୁ ବଡ଼ ପାଟି

### ଗିନିଜ୍ ୱାର୍ଲ୍ଡ ରେକର୍ଡ୍‌ସରେ ସ୍ଥାନ ପାଇଲେ ଆମେରିକୀୟ ମହିଳା

ୱାଶିଂଟନ୍

ଆମେରିକାର ମେରି ପର୍ଲ ଜେଲମର୍ ରବିନ୍‌ସନ୍ ବିଶ୍ୱର ସବୁଠାରୁ ବଡ଼ ପାଟି ଥିବା ମହିଳା ଭାବେ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଛି। ସମ୍ପ୍ରତି ମେରି ନିଜ ପାଟି ଖୋଲା କରିବା ସମୟରେ ତାଙ୍କ ୨ ଓଠ ମଧ୍ୟରେ ଥିବା ଲମ୍ବ ୭.୬୨ ସେ.ମି. ରହୁଛି, ଯାହା ସମଗ୍ର ବିଶ୍ୱରେ ମହିଳାଙ୍କ କ୍ଷେତ୍ରରେ ସର୍ବାଧିକ ହୋଇଥିବା ଜିଡବ୍ଲ୍ୟୁଆର୍ କହିଛି। ପୂର୍ବରୁ ୨୦୨୧ରେ ସାମନ୍ଥା ରାମ୍‌ସଡେଲ ନାମ୍ନୀ ଜଣେ ଆମେରିକୀୟ ମହିଳା ଏହି ରେକର୍ଡକୁ ହାସଲ କରିଥିଲେ। ସାମନ୍ଥା ପାଟି ଖୋଲିବା ସମୟରେ ତାଙ୍କ ୨ ଓଠ ମଧ୍ୟରେ ଥିବା ଲମ୍ବ ୨.୫୬ ଇଞ୍ଚ (ପ୍ରାୟ ୬.୫୨ ସେ.ମି.) ରହିଥିଲା। ତେବେ ୨୦୨୫ରେ ମେରି ସାମନ୍ଥାଙ୍କ ଉକ୍ତ ରେକର୍ଡକୁ ଭାଙ୍ଗି ପାରିଛନ୍ତି।



ମେରି ପର୍ଲ ଜେଲମର୍ ରବିନ୍‌ସନ୍



ସବୁଠୁ ବଡ଼ ପାଟି ପାଇଁ ଜିଡବ୍ଲ୍ୟୁଆର୍ ପକ୍ଷରୁ ପରିଚୟ ମିଳିଥିବାରୁ ମେରି ଖୁସିବ୍ୟକ୍ତ କରିଛନ୍ତି। କିଛିଦିନ ତଳେ ସ୍ଥାନୀୟ ଦନ୍ତ ଚିକିତ୍ସକ ମେରିଙ୍କ ପାଟିକୁ ଯାଞ୍ଚ କରିବା ସମୟରେ ତାଙ୍କ ପାଟିର ଖୋଲା ଅଂଶ ଜଣେ ସାଧାରଣ ମହିଳାଙ୍କ ତୁଳନାରେ ବହୁତ ବଡ଼ ହୋଇଥିବା କହିଥିଲେ। ଜିଡବ୍ଲ୍ୟୁଆର୍‌ରେ ଏହି ଶ୍ରେଣୀରେ ସେ ନୂତନ ରେକର୍ଡ ହାସଲ କରିପାରନ୍ତି ବୋଲି ଉକ୍ତ ଦନ୍ତ ଚିକିତ୍ସକ ମେରିଙ୍କୁ ପରାମର୍ଶ ଦେଇଥିଲେ। ଫଳରେ ମେରି ଜିଡବ୍ଲ୍ୟୁଆର୍ ଅଧିକାରୀଙ୍କ ସହ ସମ୍ପର୍କ କରିଥିଲେ।

ଜିଡବ୍ଲ୍ୟୁଆର୍ ଅଧିକାରୀଙ୍କ ସହ ଭେଟରେ କିଛିଦିନ ପୂର୍ବରୁ ମେରି ସବୁଠୁ ବଡ଼ ପାଟି ପାଇଁ ପୁରୁଷ ଏବଂ ମହିଳା ରେକର୍ଡଧାରୀଙ୍କ ଏକ ଭିଡିଓକୁ ଅନ୍‌ଲାଇନରେ ଦେଖିଥିଲେ। ସେତେବେଳେ ଏହି ଭିଡିଓ ତାଙ୍କୁ ଉତ୍ସାହିତ କରିଥିବା ମେରି କହିଛନ୍ତି। ତାଙ୍କ ଶରୀର ତୁଳନାରେ ପାଟି ବଡ଼ ହୋଇଥିବା ନେଇ ସେ ପିଲାବେଳୁ ଜାଣି ସାରିଥିଲେ। ପିଲାବେଳେ ପାଟିକୁ ଖୋଲା କରିବା ସମୟରେ ତାଙ୍କ ଉପର ଏବଂ ତଳ ଦାନ୍ତଗୁଡ଼ିକ ମଧ୍ୟରେ ସର୍ବଦା ଏକ ବଡ଼ ବ୍ୟବଧାନ ରହୁଥିବା ନେଇ ସେ ଅନୁଭବ କରିଥିଲେ। ସେଥିପାଇଁ ସେ ଅତ୍ୟଧିକ କଥାବାର୍ତ୍ତା କରନ୍ତି ବୋଲି ମେରି କହିଛନ୍ତି। ତେବେ ଏହାଦ୍ୱାରା ଦିନେ ସେ ଜିଡବ୍ଲ୍ୟୁଆର୍ ରେକର୍ଡର ଅଧିକାରୀ ହୋଇପାରିବେ ବୋଲି କେବେ ମଧ୍ୟ ଭାବି ନ ଥିଲେ। ଜିଡବ୍ଲ୍ୟୁଆର୍ ଅଧିକାରୀଙ୍କ ସମ୍ମୁଖରେ ଏହି ରେକର୍ଡ ହାସଲ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାରର ଖାଦ୍ୟ ଏବଂ ବସ୍ତୁକୁ ଏକାଥରକେ ସେ ତାଙ୍କ ପାଟି ମଧ୍ୟରେ ସଫଳତାର ସହ ପ୍ରବେଶ କରାଇ ପାରିଥିଲେ ବୋଲି ମେରି କହିଛନ୍ତି।



ଭୂମି ପେଡ୍‌ନେକର

# ‘ଦି ରୟାଲ୍ସ’ରେ ରାଜମହଲର ପ୍ରେମ କାହାଣୀ

### ମେ ୯ରେ ରିଲିଜ୍

ମୁମ୍ବାଇ

ଅଭିନେତ୍ରୀ ଭୂମି ପେଡ୍‌ନେକର ଓ ଅଭିନେତା ଇଶାନ ଖଟ୍ଟର ଖୁବ୍‌ଶୀଘ୍ର ୱେବ୍ ସିରିଜ୍ ‘ଦି ରୟାଲ୍ସ’ରେ ପରସ୍ପର ସହ ରୋମାନ୍ସ କରୁଥିବାର ନଜରକୁ ଆସିବେ। କିଛିଦିନ ତଳେ ଏହି ସିରିଜ୍‌ର ଟ୍ରେଲରକୁ ଜାରି କରାଯାଇଥିଲା। ଗୁରୁବାର ନିର୍ମାତାଙ୍କ ପକ୍ଷରୁ ‘ଦି ରୟାଲ୍ସ’ର ନୂତନ ପୋଷ୍ଟରକୁ ଜାରି କରାଯାଇଥିବା ସହ ଏହାର ରିଲିଜ୍ ତାରିଖ ଉପରୁ ମଧ୍ୟ ପରଦା ଉଠାଯାଇଛି। ଆସନ୍ତା ମେ ୯ରୁ ଏହି ଫିଲ୍ମ ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ ବୋଲି ନିର୍ମାତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରିୟଙ୍କା ଘୋଷ ଏବଂ ନୂପୁର ଅସ୍ଥାନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସିରିଜ୍‌ରେ ଇଶାନ ଓ ଭୂମିଙ୍କ ବ୍ୟତୀତ ଅଭିନେତ୍ରୀ ସାକ୍ଷୀ ତନ୍‌ୱର, ନୋରା ଫତେହି, ଅଭିନେତା ଡିନୋ ମୋରେଆ, ମିଲିନ୍ଦ ସୋମନ, ଚଙ୍କି ପାଣ୍ଡେ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ନିର୍ମାତା ରଙ୍ଗିତା ପ୍ରୀତିଶ ନନ୍ଦୀ ଏବଂ ଇତିଶା ପ୍ରୀତିଶ ନନ୍ଦୀ କହିଛନ୍ତି, ‘ଦି ରୟାଲ୍ସ’ ସିରିଜ୍‌ରେ ଏକ ରାଜମହଲରେ ଚାଲିଥିବା ପ୍ରେମ କାହାଣୀକୁ ଦେଖିବାକୁ ମିଳିବ। ଏହି ସିରିଜ୍‌ରେ ଉଭୟ ଇଶାନ ଏବଂ ଭୂମି ରାଜମହଲର ବିଭିନ୍ନ କଟକଣା ଏବଂ ପ୍ରତିକୂଳ ପରିବେଶରେ ମଧ୍ୟ ପରସ୍ପର ପ୍ରତି ଆକର୍ଷିତ ହେବା ସହ ପରସ୍ପରକୁ ପ୍ରେମ କରୁଥିବାର ନଜରକୁ ଆସିବେ।

# ଅଧାରେ ରହିଗଲା ପୁନର୍ମିଳନ

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ସନ୍ଦେହ

**ଯୁବାବସ୍ଥାରେ ପରସ୍ପରକୁ ଭଲ ପାଉଥିଲେ। ବିବାହ ଭଳି ପବିତ୍ର ବନ୍ଧନରେ ବାନ୍ଧି ହେବା ପାଇଁ ପରସ୍ପରକୁ କଥା ଦେଇଥିଲେ। ତେବେ ହଠାତ୍ ଏଥିରେ ଛିଟା ପଡ଼ିଥିଲା। ପରସ୍ପର ଅଲଗା ହୋଇ ଅନ୍ୟତ୍ର ବିବାହ କରିଥିଲେ। ତେବେ ଭାଗ୍ୟର ବିଡ଼ମ୍ବନାରୁ କିଛିବର୍ଷ ପରେ ପୁଣି ଉଭୟଙ୍କ ମଧ୍ୟରେ ସାକ୍ଷାତ୍ ହୋଇଥିଲା। ପୁଣି ଏକାଠି ହୋଇ ଉଭୟେ ରହିବାର ନିଷ୍ପତ୍ତି ନେଇଥିଲେ। ଏନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ଗୁରୁବାର ଆଲୋଚନା ହେବାର ସ୍ଥିର ହୋଇଥିଲା। କିନ୍ତୁ ଏହା ପୂର୍ବରୁ ଘଟିଯାଇଛି ବଡ଼ ଅଘଟଣ। ଉଭୟେ ଗୋଟିଏ ଓଢ଼ଣିରେ ଝୁଲି ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ଅଧାରେ ରହିଯାଇଛି ସେମାନଙ୍କ ପୁନଃମିଳନ। ବାସ୍ତବରେ ସେମାନଙ୍କ ପକ୍ଷେ କ'ଣ ଘଟିଲା, ତାହା ସ୍ପଷ୍ଟ ହୋଇପାରିନାହିଁ। ଏହା ଆତ୍ମହତ୍ୟା ନା ଆଉ କିଛି, ତାହା ସନ୍ଦେହଘେରରେ। ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହେବା ସହ କେତେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ୨ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମୃତ୍ୟୁର ପ୍ରକୃତ କାରଣ ଖୋଜୁଛି।**



ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଗହଳି।

ଖୋର୍ଦ୍ଧା/ବେଗୁନିଆ,୧୭।୪
(ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୌଡ଼ପାଟଣା ନିକଟ ଖୁଣ୍ଟବନ୍ଧ ଗ୍ରାମର ଏକ ବିଲରେ ଥିବା ଗଛ ଡାଳରେ ଗୋଟିଏ ଓଢ଼ଣିରେ ଝୁଲୁଥିବା ଅବସ୍ଥାରେ ୨ଟି ମୃତଦେହକୁ ଗୁରୁବାର ପୋଲିସ ଜବତ କରିଛି। ମୃତକମାନେ ହେଲେ ରାଜସୁନାଖଳା ଗୋପୀନାଥପୁର ସାହିର ଅଜୟ କୁମାର ପ୍ରଧାନ (୪୩) ଏବଂ ଶାନ୍ତିଲତା ମହାପାତ୍ର। ଘଟଣାସ୍ଥଳ ନିକଟରୁ ପୋଲିସ ଏକ ସ୍କୁଟି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ସେମାନେ ଆତ୍ମହତ୍ୟା କରିଛନ୍ତି ନା ହତ୍ୟାପରେ ଏଠାରେ ସେମାନଙ୍କୁ ଟାଙ୍ଗି ଦିଆଯାଇଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଜସୁନାଖଳାରେ ଅଜୟଙ୍କ ଏକ ଗ୍ୟାରେଜ ରହିଥିବା ବେଳେ ଶାନ୍ତିଲତା ଏକ ବିୟୁଟି ପାର୍ଲର କରିଛନ୍ତି। ପୋଲିସ ମୃତକଙ୍କ ପରିବାରଙ୍କ ଅଭିଯୋଗକ୍ରମେ ପୃଥକ୍‌ଭାବେ ଦୁଇଟି ଅପମୃତ୍ୟୁ ମାମଲା (ନଂ.୮ ଏବଂ ୯/୨୫) ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ କିଛି ବର୍ଷ ତଳେ ଅଜୟ ଓ ଶାନ୍ତିଲତା ପରସ୍ପରକୁ ଭଲ ପାଉଥିଲେ। ଏପରିକି ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ସମ୍ପର୍କ ଛିନ୍ନ ହୋଇଥିଲା। ପରେ ଉଭୟ ଅନ୍ୟତ୍ର ବିବାହ କରିଥିଲେ। ଉଭୟଙ୍କ ପୁଅଝିଅ ମଧ୍ୟ ଅଛନ୍ତି। ପରବର୍ତ୍ତୀ ସମୟରେ କୌଣସି କାରଣରୁ ଶାନ୍ତିଲତା ତାଙ୍କ ସ୍ୱାମୀଙ୍କୁ ଛାଡ଼ି ଆସି ଗ୍ରାମରେ ରହିଥିଲେ। ଏହା ପରେ ପୁଣି ଅଜୟ ଓ ଶାନ୍ତିଲତାଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଧୀରେ ଧୀରେ ପୂର୍ବ ସ୍ମୃତିକୁ ମନେପକାଇ ପରସ୍ପର ପ୍ରତି ଆକର୍ଷିତ ହୋଇଥିଲେ। ଏନେଇ ଉଭୟ ପରିବାରରେ ଅସନ୍ତୋଷ ଲାଗି ରହିଥିଲା। ସିକୋ ଫାଣ୍ଡିରେ ଏହାର ସମାଧାନ ପାଇଁ ଗୁରୁବାରକୁ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ଲୋକଲଜ୍ଜା, ମାନସିକ ସ୍ତରରେ ଭାରସାମ୍ୟ ହରାଇ ବୁଧବାର ରାତିରେ ଉଭୟ ଏକ ସ୍କୁଟିରେ ଉକ୍ତ ସ୍ଥାନକୁ ଆସି ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟାର ରୂପ ଦିଆଯାଇଛି, ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଉଭୟଙ୍କ ଗୋଡ଼ ଭୂଇଁକୁ ଲାଗି ରହିଥିବାବେଳେ ଏକ ସରୁ ଗଛ ଡାଳରେ ଉଭୟଙ୍କ ମୃତଦେହ ଝୁଲିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି। ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା, ଜଙ୍କିଆ ଥାନାଧିକାରୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ପହଞ୍ଚି ସ୍କୁଟି ଏବଂ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ସାପ କାମୁଡ଼ା କହି ସ୍ୱାମୀଙ୍କୁ ହତ୍ୟା

## ପ୍ରେମିକଙ୍କ ସହ ଜେଲ ଗଲେ ମହିଳା

**ପରକିୟା ପ୍ରୀତି ଧରାପଡ଼ିଯିବା ପରେ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କ ତଣ୍ଟି ଚିପି ହତ୍ୟା କଲେ। ପରେ ଏହାକୁ ସାପ କାମୁଡ଼ାଜନିତ ମୃତ୍ୟୁ ବୋଲି ଦର୍ଶାଇବା ପାଇଁ ଏକ ନାଟକ ରଚିଲେ। ହଜାରେ ଟଙ୍କାରେ ଏକ ସାପ କିଣି ସ୍ୱାମୀଙ୍କ ମୃତ ଶରୀର ଉପରେ ପକାଇ ଦେଲେ। ସାପ କାମୁଡ଼ାରେ ମୃତ୍ୟୁ ହୋଇଛି ବୋଲି ପୋଲିସକୁ କହିଲେ। ହେଲେ ବ୍ୟବଚ୍ଛେଦ ରିପୋର୍ଟ ସତ ଧରା ପକାଇଦେଲା। ବ୍ୟବଚ୍ଛେଦ ରିପୋର୍ଟରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ପୋଲିସ ମୃତକଙ୍କ ସ୍ତ୍ରୀଙ୍କୁ ପଚରାଉଚରା କରିବା ପରେ ସେ ସ୍ୱାମୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପରେ ଉକ୍ତ ମହିଳା ଏବଂ ତାଙ୍କ ପ୍ରେମିକଙ୍କୁ ଉତ୍ତରପ୍ରଦେଶ ମିରଟ ଜିଲା ଭଇଁଶୁଆ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିବାବେଳେ ଏଥିରେ ଅନ୍ୟ କାହାରି ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ତଦନ୍ତ ଜାରି ରଖିଛି।**

ମିରଟ(ଉତ୍ତରପ୍ରଦେଶ),୧୭।୪

ନୌସେନାରେ ଚାକିରି କରିଥିବା ସ୍ୱାମୀଙ୍କୁ ପ୍ରେମିକଙ୍କ ସହ ମିଶି ହତ୍ୟା ପରେ ମୃତଦେହକୁ ଏକ ଡ୍ରମ୍‌ରେ ରଖି ତା' ଉପରେ ସିମେଣ୍ଟ ପ୍ଲାଷ୍ଟର କରି ଲୁଚାଇବା ଘଟଣାର ମାସେ ନ ପୂରୁଣୁ ଉତ୍ତରପ୍ରଦେଶ ମିରଟ ଅଞ୍ଚଳରେ ଆଉ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭଇଁଶୁଆ ଥାନା ଆକବରପୁରରେ ଅମିତ କାଶ୍ୟପ ନାମକ ଜଣେ ଯୁବକଙ୍କୁ ତାଙ୍କ ସ୍ତ୍ରୀ ରବିଆ ପ୍ରେମିକ ଅମରଦୀପଙ୍କ ସହ ମିଶି ତଣ୍ଟିଚିପି ହତ୍ୟା କରିଛନ୍ତି।

ଗତ ମାର୍ଚ୍ଚ ୨୫ତାରିଖରେ ଅମିତଙ୍କୁ ସାପ କାମୁଡ଼ିଥିବା ନେଇ ତାଙ୍କୁ ସ୍ତ୍ରୀ ରବିଆ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଅମିତଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷରେ ମୃତ ଅମିତଙ୍କ ସ୍ତ୍ରୀ ରବିଆ କରିଥିବା ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା। ଉକ୍ତ ଭିଡିଓରେ ଅମିତଙ୍କ ଶରୀର ଉପରେ ଏକ ସାପ ରହିଥିବା ଦେଖିବାକୁ ମିଳିଥିଲା। ତେଣୁ ଅମିତଙ୍କ ମୃତ୍ୟୁ ସାପ କାମୁଡ଼ାରୁ ହୋଇଥିବା ସମସ୍ତେ ବିଶ୍ୱାସ କରିଥିଲେ। ହେଲେ ବ୍ୟବଚ୍ଛେଦ ରିପୋର୍ଟରେ ଅମିତଙ୍କ ମୃତ୍ୟୁ ସାପ କାମୁଡ଼ା ନୁହେଁ ବରଂ ତଣ୍ଟିଚିପି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ପୋଲିସ ରବିଆଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ସେ ସବୁ ସତକଥା ମାନି ଯାଇଥିଲେ। ଘଟଣା ରାତିରେ ସ୍ୱାମୀ ଅମିତ ଶୋଇଥିବାବେଳେ ପ୍ରେମିକ ଅମରଦୀପଙ୍କ ସଙ୍ଗେ ମିଶି ତଣ୍ଟି ଚିପି ହତ୍ୟା କରିବା ପରେ ଏକ ସାପକୁ ଶରୀର ଉପରେ ପକାଇ ଦେଇଥିଲେ। ଏହାର ଭିଡିଓ ମଧ୍ୟ ଉତ୍ତୋଳିତ କରିଥିଲେ। ପରେ ସ୍ୱାମୀଙ୍କୁ ସାପ କାମୁଡ଼ିଥିବା କହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ଉଭୟ ରବିଆ ଏବଂ ପ୍ରେମିକ ଅମରଦୀପଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।



ଅମିତଙ୍କ ଶରୀର ଉପରେ ସାପ ପଡ଼ିଥିବାର ଦୃଶ୍ୟ।

# ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ିଲେ ଆଈ, ନାତି

ଭୋଗରାଇ, ୧୭।୪(ପ୍ରଦୀପ ଦାସ)



ଗିରଫ ଆଈ ଓ ନାତି।

■ ମାଡ଼ିବସିଲା ସୀମାନ୍ତ ପୋଲିସ
■ ୨୧କି.ଗ୍ରା. ୧ଶହ ଗ୍ରାମ୍ ଗଞ୍ଜେଇ ଜବତ

ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ବେଳେ ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସାହାବାଜିପୁରଠାରେ ଗୁରୁବାର ସକାଳେ ଧରାପଡିଛନ୍ତି ଆଈ, ନାତି। ତାଳସାରୀ ମେରାଇନ ଥାନା ପୋଲିସ ଅଚାନକ ଚଢାଉ କରି ସେମାନଙ୍କଠାରୁ ଏକ ଅଖାରେ ଭର୍ତ୍ତି ହୋଇଥିବା ୨୧କି.ଗ୍ରା. ୧ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ୨ଜଣଙ୍କ ବିରୋଧରେ ଏକ ମାମଲା(ନଂ.୩୭/୨୫) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗିରଫ ଆଈ ନାତି ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲାର। ନାତି ମନ୍ତେଶ୍ୱର ଥାନା କରଞ୍ଜି ଅଞ୍ଚଳର ତାପସ ଦାସ(୨୫) ହୋଇଥିବା ବେଳେ ଆଈ ହେଲେ କଞ୍ଚରୀ ଥାନା ବିଜୟରାମ ହରିନାରଣପୁର ଗ୍ରାମର ମରି ଦାସ (୬୦)। ଉକ୍ତ ଗଞ୍ଜେଇ ବସ୍ତା ଯାଜପୁର ଅଞ୍ଚଳରୁ ରାତି ଗାଡ଼ିରେ ଆସି ଚନ୍ଦନେଶ୍ୱରରେ ଓହ୍ଲାଇଥିଲା। ଏକ ଅଟୋରେ ଆଈ ନାତି ଆଣୁଥିବା ବେଳେ ହାବୁଡରେ ପଡିଥିଲେ ବୋଲି ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ କହିଛନ୍ତି ।

# ସାଇବର ଠକଙ୍କୁ ସହଯୋଗ ଅଭିଯୋଗରେ ୩ ଗିରଫ

କେନ୍ଦୁଝର,୧୭।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ପାଟଣା ଥାନା ସାହାରପଡ଼ାରୁ ସାଇବର ଠକଙ୍କୁ ସିମ୍‌କାର୍ଡ ବିକିବା ଅଭିଯୋଗରେ ୩ ଜଣଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ମିଟୁଆଣି ଗ୍ରାମର ସତ୍ୟଜିତ୍ ସିଦ୍ଧାର୍ଥ ବାରିକ (୨୧), ଆନନ୍ଦପୁର ଥାନା କଞ୍ଚାସାହିର ଜ୍ଞାନଦୀପ ମହାପାତ୍ର (୨୨) ଓ ଘଷିପୁରା ଥାନାର ଖଡ଼ିବିଲର ତପନ ଜେନା (୩୧)।

ସୂଚନା ମୁତାବକ, ସେମାନେ ଧୀରଜ କୁମାର ମହାନ୍ତଙ୍କ ନାମରେ ବହୁ ସଂଖ୍ୟାରେ ମୋବାଇଲ ସିମ୍ କାର୍ଡ ବାହାର କରିଥିଲେ। ସେସବୁ ସାଇବର ସମ୍ପର୍କିତ ଠକେଇ ପାଇଁ ସାଇବର ଅପରାଧୀଙ୍କୁ ସହାୟତା କରିଥିଲେ। ସମୁଦାୟ ୧୧୪ଟି ସିମ୍ କାର୍ଡ ଧୀରଜ କୁମାର ମହାନ୍ତଙ୍କ ନାମରେ ସକ୍ରିୟ କରାଯାଇଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ମୁଖ୍ୟ ନିର୍ବାହୀ ଅଧିକାରୀ ଇଣ୍ଡିଆନ ସାଇବର କ୍ରାଇମ କୋ ଅର୍ଡିନେଶନରୁ ଗତ ମାର୍ଚ୍ଚ ୨୩ରେ କେନ୍ଦୁଝର ପୋଲିସ ଏ ସଂକ୍ରାନ୍ତରେ ସୂଚନା ପାଇଥିଲା। ଏହାର ଯାଞ୍ଚକରି କେନ୍ଦୁଝର ସାଇବର ଅପରାଧ ଶାଖା ଥାନାରେ ଏକ ମାମଲା(ନଂ. ୧୦/୨୦୨୫) ରୁଜୁକରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସେମାନଙ୍କ ନିକଟରୁ ସତ୍ୟଜିତ୍ ସିଦ୍ଧାର୍ଥ ଓ ଜ୍ଞାନଦୀପ ନାମରେ ଆଧାର କାର୍ଡର ଜେରକ୍ସ କପି, ୩ ମୋବାଇଲ, ଫିଙ୍ଗର ପ୍ରିଣ୍ଟ ସ୍କାନର, ଜବତକରି ଅଧିକ ତଦନ୍ତ କରୁଛି।

# ରାଜନୈତିକ ଶତ୍ରୁତାରୁ ବୋମାମାଡ଼

ଭଦ୍ରକ/ତିହିଡ଼ି,୧୭।୪
(ସନାତନ ରାଉତ/ସଞ୍ଜିତ ବଳ)



ତଳକାଁପଡ଼ା ଗ୍ରାମରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଅନୁଧ୍ୟାନ କରୁଛନ୍ତି।

**ବିଜେଡି-ଭାଜପା ଗୋଷ୍ଠୀସଂଘର୍ଷ**
■ ଉଭୟ ପକ୍ଷରୁ ୧୪ ଆହତ, ୮ ଗୁରୁତର
■ ତଳକାଁପଡ଼ାରେ ଉତ୍ତେଜନା

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତର ତଳକାଁପଡ଼ା ଗ୍ରାମରେ ବୁଧବାର ରାତି ୧୦ଟା ବେଳେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ ସହ ବୋମାମାଡ଼ କରାଯାଇଛି। ବିଜେଡି ଓ ଭାଜପା ମଧ୍ୟରେ ସଂଘର୍ଷ ଘଟିଥିବା ବେଳେ ଉଭୟ ପକ୍ଷରୁ ୧୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଗୁରୁତର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ତଳକାଁପଡ଼ା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଏସ୍‌ପିଙ୍କ ସହ ଚାନ୍ଦବାଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଉପସ୍ଥିତ ଥିଲେ। ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଆସି ତଦନ୍ତ କରିଛି। ଏଏସ୍‌ଆଇ ଚିତ୍ତରଞ୍ଜନ ବାରିକଙ୍କ ଅଭିଯୋଗକ୍ରମେ ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା (ନଂ.୧୪୫/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ତଳକାଁପଡ଼ା ଗ୍ରାମରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। କିଛିଦିନ ପୂର୍ବେ ପଞ୍ଚାୟତର ସରପଞ୍ଚ କୁନ୍ତଳା ମଲିକ ଏବଂ ତାଙ୍କ ସ୍ୱାମୀ ଶିକ୍ଷକ ଅଶୋକ ମଲିକଙ୍କୁ ହତ୍ୟା ଧମକ ଦିଆଯାଇଥିବା ସରପଞ୍ଚ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ସରପଞ୍ଚ ଏବଂ ତାଙ୍କ ସ୍ୱାମୀଙ୍କ ନାଁରେ ମଧ୍ୟ ପ୍ରତିପକ୍ଷ ଅଭିଯୋଗ କରିଥିଲେ। ଏହି ଘଟଣାରେ ୨ଟି ମାମଲା ରୁଜୁ ହୋଇଥିଲା। ବୁଧବାର ସନ୍ଧ୍ୟାରେ ଏହି ଶତ୍ରୁତାକୁ ନେଇ ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା ଏବଂ ରାତି ପ୍ରାୟ ୧୦ଟା ବେଳେ ଉଭୟ ପକ୍ଷ ବାଡ଼ି, ଠେଙ୍ଗା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣ କରିଥିଲେ। ଏହି ସମୟରେ ହଠାତ୍ ବୋମାମାଡ଼ ହୋଇଥିଲା। ଉଭୟ ପକ୍ଷର ଆହତମାନଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବଳରାମ ମଲିକ(୭୦), ରମେଶ ମଲିକ(୫୫), ଭାରତୀ ଦାସ (୫୬) ଓ ରଶ୍ମିତା ଦାସ(୩୦) ୪ ଜଣଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବଳରାମଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଗୁରୁବାର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମାମା ମଲିକ(୧୬), ଅଚ୍ୟୁତ ମଲିକ(୧୯), ସୁବାସ ଦାସ(୪୦), ମୁକ୍ତିକାନ୍ତ ଦାସ(୬୫)ଙ୍କ ସମେତ ଅନ୍ୟ ଆହତମାନେ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଗୁରୁବାର ସକାଳେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ନେତା ସଞ୍ଜୟ ଦାସ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ। ସେହିପରି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଗଣ୍ଡଗୋଳ ସମ୍ପର୍କରେ ଆହତମାନଙ୍କୁ ପଚାରି ବୁଝିଥିଲେ। ଖବର ପାଇ ତିହିଡ଼ି ଥାନା ଆଇଆଇସି ସଦଳବଳ ଘଟଣାସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ କେଉଁ ଗୋଷ୍ଠୀ ପକ୍ଷରୁ ବୋମାମାଡ଼ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ଚାଲିଛି, ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡିପିଓ ସେଠୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପୁଅ ମୁଣ୍ଡରେ ହାତ
ତେଲ ଘଡ଼ିରେ ହାତେ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଣି ପିଇବ ଛାଣି
ପଇସା ନବ ଗଣି।**

ପାଣିକୁ ଛାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ସେହିପରି ଟଙ୍କା ପଇସା କାରବାରରେ କାହାକୁ ବିଶ୍ୱାସ କରିବା ଉଚିତ ହୋଇ ନ ଥାଏ। ଟଙ୍କା ପଇସା ଗଣିକରି ନେଲେ ମନରୁ ସବୁ ସନ୍ଦେହ ଦୂର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୬ ବର୍ଷୀୟ ଶିଶୁକନ୍ୟାଙ୍କୁ ବଳାତ୍କାର, ଯୁବକ ଗିରଫ

ଫୁଲବାଣୀ,୧୭।୪
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଛାପଡ଼ା ଥାନା ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅନନ୍ତ କୁଦେଇ। ଗତ ବୁଧବାର ଅପରାହ୍ନରେ ଶିଶୁକନ୍ୟା ଘରେ ଥିଲେ। ଅନନ୍ତ ସେଠାରେ ପହଞ୍ଚି ତାଙ୍କୁ ବିସ୍କୁଟ ଖାଇବାକୁ ଦେବାକୁ କହି ନେଇ ଯାଇଥିଲେ। ଏପଟେ ଝିଅ ଆସିବା ବିଳମ୍ବ ହେବାରୁ ତାଙ୍କ ମା' ଖୋଜାଖୋଜି କରିଥିଲେ। ଗ୍ରାମର ଜଣେ ଯୁବକ ଝିଅକୁ ଅନନ୍ତ ଗାଡ଼ିରେ ନିକଟସ୍ଥ ଜଙ୍ଗଲକୁ ନେଇ ଯାଇଥିବା ମା'ଙ୍କୁ କହିଥିଲେ। ଅନନ୍ତ ଝିଅକୁ ଏକ ନାଳ ପାଖରେ ବଳାତ୍କାର କରୁଥିବା ଦେଖି ମା' ପାଟି କରିବାରୁ ସେ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଶିଶୁକନ୍ୟାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୮୮/୨୫ରେ ମାମଲା ରୁଜୁ କରିଛି। ଅନନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଚିରଞ୍ଜୀବୀ ବେହେରା ସୂଚନା ଦେଇଛନ୍ତି।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404

No. 1123// Dt. 11.04.2025

**2nd Corrigendum to Bid Identification No. Building Online-AGL-26/2024-25**

**No.O-55** : Due to some unavoidable circumstances the last date of Online for bidding and opening of the date has been modified as follows in respect of the tender for Building work invited vide Tender Call Notice Bid Identification No. Building Online-AGL-26/2024-25 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 24.03.2025 at 10.00 A.M. | 30.04.2025 upto 5.00 P.M. | 01.05.2025 at 09.00 A.M. |

All other terms and conditions remain unchanged.
OIPR-25180/11/0049/2526 Sd./- Chief Construction Engineer

**OFFICE OF THE PRINCIPAL,**
**BHADRAK AUTONOMOUS COLLEGE, BHADRAK**
**Advertisement**

**No.CAD-135** : Applications are invited for the position of **Project Assistant** (01) in the Department of Mathematics, Bhadrak Autonomous College, Bhadrak for the project entitled **"Generalized numerical radius of operators and its applications"** under the Mukhyamantri Research and Innovation Program (MRIP)-2024(Mathematics 24EM/MT/94) by the Odisha Higher Education Council, Govt. of Odisha under the Principal Investigator(PI) Dr. Nirmal Chandra Rout, Assistant Professor of Mathematics. Interested candidates are advised to visit the website www.bhadrakcollege.ac.in for further details.

Sd./- Principal Investigator, Bhadrak Autonomous College
Sd./- Principal, Bhadrak Autonomous College
OIPR-11028/11/0008/2526

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER,**
**PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-Procurement

No.C-117 **Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP and Laying of RWRM and CWRM with ancillary works for Sorada NAC under AMRUT 2.0, SWAP-III | Identification No. ACEPHCBAM 01/2025-26 Dt.08.04.2025 | **684.70** | 12 (Twelve) Calendar Months | 11.00 Hrs. of 19.04.2025 | 17.30 Hrs. of 05.05.2025 | Additional Chief Engineer, P.H. Circle, Berhampur |
| 2 | Laying of Clear Water Rising Main Pipe Line in connection with " Sharing of Drinking Water from RWSS" for Water Supply to Buguda NAC under BASUDHA 2024-25 | Identification No. ACEPHCBAM 02/2025-26 Dt.08.04.2025 | **187.18** | 09 (Nine) Calendar Months | 11.00 Hrs. of 19.04.2025 | 17.30 Hrs. of 05.05.2025 | Additional Chief Engineer, P.H. Circle, Berhampur |

**The technical bid shall be opened on dt.09.05.2025 at 12.30 P.M.**
**Further details can be seen from the e-Procurement portal http://tendersodisha.gov.in**
OIPR-13004/11/0014/2526 SD./- ADDITIONAL CHIEF ENGINEER (PH)

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**
**WORKS DEPARTMENT**
**Short Tender Call Notice**
E-mail : eerbpuri@yahoo.co.in
**Bid Identification No. SE (R&B) Puri-02/2025-26**

**No.B-32** : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double Cover** system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways :

1. Nature of Work : Civil Work
2. No. of Work : 3 Nos.
3. Tender Cost : Rs. 10000.00/ each (On-Line)
4. Class of bidders : 'B' Class
5. Available of Bid document in the Website : From 10.00 A.M. of Dt. 19.04.2025 to 03.00 P.M. of Dt. 25.04.2025
6. Last Date of receipt of tender : Dt. 25.04.2025 up to 03.00 P.M.
7. Date of opening of Bid : Dt. 25.04.2025 at 04:00 P.M.
8. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Superintending Engineer, Puri (R&B) Division, Puri
OIPR-34064/11/0025/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲିଜି
ପରିବାରବର୍ଗ


ସ୍ୱରାଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୨ମାଓବାଦୀ ଗିରଫ, ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି,୧୭।୪ (ଦୁର୍ଯ୍ୟୋଧନ ପାତ୍ର/ ନୃସିଂହ ଚରଣ ମହାନ୍ତି) ଛତିଶଗଡ଼ ବିଜାପୁର ଜିଲା ଉସୁର ଥାନା, ଜଙ୍ଗଲା ଥାନା ଓ ନେଲସନାର ଥାନା ଅଞ୍ଚଳରୁ ଗୁରୁବାର ୨୨ ହାର୍ଡକୋର ମାଓବାଦୀଙ୍କୁ ଗିରଫ ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ପୂର୍ବରୁ ଛତିଶଗଡ ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହା ସହ ଏମାନଙ୍କଠାରୁ ଟିଫିନ୍ ବୋମା, କୋଡେକ୍ସ ତାର, ଜିଲୋଟିନ୍ ଷ୍ଟିକ୍, ଡିଟୋନିଟର, ବ୍ୟାଟେର ଓ ବିଦ୍ୟୁତ୍ ତାର ସହ ମାଟି ଖୋଳିବା ଯନ୍ତ୍ରାଂଶ ଜବତ ହୋଇଛି । ଉସୁର, ଜଙ୍ଗଲା ଓ ନେଲସନାର ଥାନା ଡିଆର୍‌ଜି ବାହିନୀ ସହ କୋବ୍ରା ୨୦୫, ୨୦୬, ୨୧୦ ବାଟାଲିୟନର ଯବାନଙ୍କ ମିଳିତ କୋମ୍ବିଂ ବେଳେ ସୁରକ୍ଷା କର୍ମୀ ହାତରେ ମାଓବାଦୀମାନେ ଧରାପଡିଛନ୍ତି। ଗିରଫଙ୍କ ବିରୋଧରେ ଉସୁର, ଜଙ୍ଗଲା ଏବଂ ନେଲସନାର ଥାନାରେ ପୂର୍ବରୁ ଅନେକ ମାମଲା ରହିଥିବା ବେଳେ ଗିରଫ ପରେ କାର୍ଯ୍ୟାନୁଷ୍ଠାନ ଲାଗି ସେମାନଙ୍କୁ ବିଜାପୁର ବିଚାରବିଭାଗୀୟ କୋର୍ଟରେ ହାଜର କରାଯାଇଛି ।

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**କୁମାର ସ୍ୱରାଜ ପ୍ରଧାନ**

ଗ୍ରାମ: ପାକିଗାଲୁ, ତଗାନାଲୁ, ରାଇକିଆ, କନ୍ଧମାଳ।

ଆଜି ତୋର ଚତୁର୍ଥ ଜନ୍ମଦିନ ଉପଲକ୍ଷେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅଶେଷ କରୁଣା ତୋ ଉପରେ ଝରିପଡୁ, ତୋତେ ଦୀର୍ଘାୟୁ କରିବା ସହ ତୋର ଚଲାପଥ କୁସୁମିତ କରନ୍ତୁ ଏତିକି ମହାପ୍ରଭୁଙ୍କ ଚରଣରେ ପ୍ରାର୍ଥନା।

-:ଶୁଭେଚ୍ଛାସହ:-

ବର୍ଷା, ମେଘା,ରାଜନନ୍ଦିନୀ(ଛୋଟୀ), ବାପା, ମା ଓ ବଡ଼ବାପା, ବଡ଼ମା, ବନ୍ଧୁ ଓ ପରିବାରବର୍ଗ ।

ଧ-୧୯୯

# Classified Everyday

**0674-2580101, 9692975378**

## REAL ESTATE



**SALE**

**Duplex sale with gated Society near Aiims Hospital, Bhubaneswar. 9777433701.** D-76256

ହସ୍‌ପାଲରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200




Positively health benefited SPA by expert female therapist, Bapujinagar. 8328803811. D-76909

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by experience therapist with homely atmosphere. 9114559860. D-76910

Newly open Jyoti SPA positively health benefits (Expert therapist). 8458067955. D-76908

## AFFIDAVIT



By virtue of an affidavit before Executive Magistrate, Jagatsinghpur, dt 13.08.2024, State that I Geetanjali Choudhury, W/o- Fakir Charan Choudhury, At- Mangalabag Biswakarmasahi, P.O.- Buxibazar, P.S.- Mangalabag, Dist.- Cuttack, my name is mentioned as Shantilata Choudhury, W/o- Fakir Charan Choudhury, in the ROR of Khata No.- 499/24, Mouza- Karmanga. Geetanjali Choudhury and Shantilata Choudhury, W/o- Fakir Charan Choudhury is one and same person i.e myself. D-211

By virtue of an affidavit sworn before Executive Magistrate, Khordha, Odisha, date- 16.04.2025, affidavit No.- 1166. I, Soumyajyoti Mishra, S/o- Prafulla Kumar Mishra, Address: At/ P.O.- Dadhimachhagadia, P.S.- Sadara Khordha, State- Odisha, Dist.- Khordha, PIN- 752056, declare that I have changed my son's name from SAMADARSHI SATYA SAMBHAB to SAMADARSHI SATYA SAMBHAB MISHRA. Henceforth, he shall be known as SAMADARSHI SATYA SAMBHAB MISHRA for all purposes.
Soumyajyoti Mishra D-212

By virtue of an affidavit before the Executive Magistrate, Jajpur No.- 1339/ 15.02.2025 (73AA865355). I, Sandhyarani Kantha, W/o- Ranjan Kumar Kantha of Vill- Palada, P.O.- Nahapada, P.S.- Dasrathpur, Dist.- Jajpur. Aadhar Card No.- xxxx xxxx 6930 have changed my name from Liza Panda to Sandhyarani Kantha. Henceforth, I should be known as Sandhyarani Kantha for all purpose. Sandhyarani Kantha DOB - 16.04.1998 to Liza Panda DOB- 16.04.2000 be Considered for the purpose of my Aadhaar. D-198

By virtue of an affidavit sworn before Executive Magistrate, Bhubaneswar, dated 17 Apr 2025, I Shankhali Naik, At/P.O.- Kusumi, P.S.- Mahulpalli, Dist.- Sambalpur, Odisha- 768227, declare that I have changed my daughter's name from Any Naik to Anu Naik. Henceforth, she shall be known as Anu Naik for all purposes.
Shankhali Naik D-197

By virtue of an affidavit sworn before Notary Public, dated 17th April 2025, I, Shibaram Jakaka, Address: At- Ambaguda, P.O.- Rayagada, Dist.- Rayagada, Odisha, 765002, declare that I have changed my daughter's name from Benate Jakaka to Binanti Jakaka. Henceforth, she shall be known as Binanti Jakaka for all purposes.
Shibaram Jakaka D-206

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhubaneswar, dated- 08.04.2025, I, Pranati Sahoo, E-302, Basantvilla, Bomikhal, P.O.- Rasulgarh, Bhubaneswar, Dist.- Khordha, Odisha, PIN- 751010, declare that I have changed my daughter's name from A.J. Prachi Pratishi to Prachi Pratyushee. Henceforth, she shall be known as Prachi Pratyushee.
Pranati Sahoo D-196

By virtue of an affidavit sworn before Notary Public, Sunabeda on dated- 16.04.2025, I Janardan Choudhury of Semiliguda to state that in the 10th class of my daughter S. Barsha Rani Choudhury is wrongly mentioned as S. Barasa Rani Choudhury instead of S. Barsha Rani Choudhury, that are same person.
S. Janardan Choudhury D-205

By virtue of an affidavit sworn before Executive Magistrate, Bhubaneswar, dated- 08.04.2025, I, Pranati Sahoo, E-302, Basantvilla, Bomikhal, P.O.- Rasulgarh, Bhubaneswar, Dist.- Khordha, Odisha, PIN- 751010, declare that I have changed my son's name from A.J. Partha Piyush to Partha Piyush. Henceforth, he shall be known as Partha Piyush.
Pranati Sahoo D-195

I, Pankajini Bishi, W/o- Santosh Bishi, R/o- Village/P.O.- Badhigaon, Dist.- Boudh declare that my daughter's name has been wrongly mentioned as Tiya Bishi instead of Riya Bishi in her Aadhaar card bearing No.- xxxx xxxx 4403. By this affidavit No.- 681 dated 16.04.2025 sworn before the Executive Magistrate, Boudh, I have changed her name from Tiya Bishi to Riya Bishi for all future purposes. D-209

ମୁଁ, ମମତା ରଥ, ବିବାହିତା ଦିବଙ୍ଗତ ପୂର୍ଣ୍ଣଚନ୍ଦ୍ର ରଥ, ବାସିନ୍ଦା ଇନ୍ଦିରା ନଗର, ଥାନା- ପାରଳାଖେମୁଣ୍ଡି, ଜିଲ୍ଲା- ଗଜପତି, ଓଡ଼ିଶା, ଏହି ଆଫିଡାଭିଟ୍ ନଂ- ୨୧୭୫୯, ତାରିଖ- ୧୬।୦୪।୨୦୨୫ ମାଧ୍ୟମରେ ଘୋଷଣା କରୁଛି ଯେ, ବର୍ତ୍ତମାନରୁ ଆଗାମୀ ସମସ୍ତ କାର୍ଯ୍ୟରେ ମୋ ନାମ ମମତା ମିଶ୍ର ବୋଲି ଜଣାଯିବ। ସମ୍ପୃକ୍ତ ସମସ୍ତଙ୍କୁ ଏହି ଘୋଷଣା ମାଧ୍ୟମରେ ଅବଗତ କରାଯାଉଛି। ଧ-୨୧୦

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LEGAL NOTICE

Letter No.- 631/ Dt.10.04.2025

ମାନ୍ୟବର ଆଡିଶନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ୍.(ଏସ୍.ଏସ୍)
ଆଡିଶନାଲ ରିଭିଜନ କୋର୍ଟ ନଂ. ୪ଙ୍କ ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ. ଏସ୍. ଏସ୍ କେସ୍ ନଂ.- ୧୭୩/୨୦୨୪

ସୁନନ୍ଦ କୁମାର ....ବାଦୀ/ଦରଖାସ୍ତକାରୀ

ବନାମ

ବ୍ରଜ ସୁନ୍ଦର ମହାରଣା ଓ ଅନ୍ୟମାନେ .... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ

୧)ବ୍ରଜ ସୁନ୍ଦର ମହାରଣା .... ପ୍ରତିବାଦୀ ନଂ.-୩, ୨) ଭଜମନ ମହାରଣା ....ପ୍ରତିବାଦୀ ନଂ-୪, ୩) ଗୁଣନିଧି ମହାରଣା .... ପ୍ରତିବାଦୀ ନଂ-୫,

କ୍ରମିକ ନଂ.-୧ରୁ ୩ଙ୍କ ପିତା: ଉଦୟନାଥ ମହାରଣା, ୪) ଦିଲୀପ କୁମାର ମହାରଣା, ପିତା: ପୂର୍ଣ୍ଣଚନ୍ଦ୍ର ମହାରଣା .... ପ୍ରତିବାଦୀ ନଂ.-୭, ୫) ଗଙ୍ଗାଧର ମହାରଣା, ପିତା: ରଥ ମହାରଣା .... ପ୍ରତିବାଦୀ ନଂ-୯, ୬) ବାଇନ ଓଝା, ପିତା: ୰ଭଜମନ ଓଝା ... ପ୍ରତିବାଦୀ ନଂ.-୧୦

ଏ ସମସ୍ତଙ୍କର ଠିକଣା: ସେମିଳି ପାଟଣା, ପୋଷ୍ଟ/ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭) ସ୍ମୃତି ରଞ୍ଜନ ଜେନା, ପିତା: ଆଦିକନ୍ଦ ଜେନା, ଠିକଣା: ଭଟଶିର, ବର୍ତ୍ତମାନ ଠିକଣା: ହାଉସ ନଂ.- ୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ-୧୬, ୮) ସୀମନ୍ତିନୀ ଦାଶ, ସ୍ୱା: ଅଶୋକ କୁମାର ଦାଶ .... ପ୍ରତିବାଦୀ ନଂ.-୧୮, ୯) ଅମିୟ କୁମାର ଦାଶ, ପିତା: ମୋହନ ଚରଣ ଦାଶ .... ପ୍ରତିବାଦୀ ନଂ.-୧୯

କ୍ରମିକ ନଂ.-୮ ଓ ୯ ଙ୍କ ଠିକଣା:ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ୧୦) ହାସମ ଖାନ, ପିତା: ମହମ୍ମଦ ୟୁସୁଫ ଖାନ, ଠିକଣା: ସରକାର ନଗର, ପୋଷ୍ଟ/ଥାନା/ଜିଲ୍ଲା- ଭଦ୍ରକ, ପିନ୍-୭୫୬୧୦୦ ... ପ୍ରତିବାଦୀ ନଂ.-୨୧, ୧୧), ଅଶୋକ କୁମାର ପଣ୍ଡା, ପିତା: ବନମାଳୀ ପଣ୍ଡା, ଠିକଣା: କୋଇଲିପିଙ୍ଗ, ପୋଷ୍ଟ/ଥାନା- ଭାପୁର, ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୧୫ .... ପ୍ରତିବାଦୀ ନଂ.-୨୭, ୧୨) ଶାନ୍ତିଲତା ତ୍ରିପାଠୀ, ସ୍ୱା: ଭାସ୍କର ତ୍ରିପାଠୀ, ଠିକଣା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ ... ପ୍ରତିବାଦୀ ନଂ.-୨୯,

୧୩) ନିନାରାଣୀ ଦାଶ, ସ୍ୱା: ମାଧବ ଚରଣ ଦାଶ, ଠିକଣା: ବରମୁଣ୍ଡା ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ.-୩୬, ୧୪) ଅମୂଲ୍ୟରତ୍ନ ପଣ୍ଡା, ପିତା: ବନମାଳୀ ପଣ୍ଡା, ଠିକଣା: କୋଇଲିପିଙ୍ଗ, ପୋଷ୍ଟ/ଥାନା- ଭାପୁର, ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୧୫ .... ପ୍ରତିବାଦୀ ନଂ.-୩୮, ୧୫) ପ୍ରଦୀପ୍ତ କିଶୋର ସାହୁ, ପିତା: ଦୁର୍ଯ୍ୟୋଧନ ସାହୁ, ଠିକଣା: ଗୋଡ଼ିପଡ଼ା, ପୋଷ୍ଟ/ଥାନା/ଜିଲ୍ଲା- ଜଗତ୍‌ସିଂହପୁର, ପିନ୍-୭୫୨୦୯୨ ... ପ୍ରତିବାଦୀ ନଂ.-୩୯, ୧୬) ସୌମେନ୍ଦ୍ର ରାଉତରାୟ, ପିତା: ଯଦୁମଣି ରାଉତରାୟ, ଠିକଣା: ଆନ୍ଦୋଳା, ପୋଷ୍ଟ/ଥାନା/ଜିଲ୍ଲା-ଯାଜପୁର, ବର୍ତ୍ତମାନ ଠିକଣା: ହାଉସ ନଂ.- ୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ.-୪୨, ୧୭) ଅରୁକର ଗାହଣ, ପିତା: ଦଧିବାମନ ଗାହଣ, ଠିକଣା: ବରଡ଼ିଆ, ପୋଷ୍ଟ/ଥାନା- ରାଜନଗର, ଜିଲ୍ଲା- କେନ୍ଦ୍ରାପଡ଼ା, ପିନ୍-୭୫୪୦୦୨ ....ପ୍ରତିବାଦୀ ନଂ.-୪୭, ୧୮) ବିରେନ ସାହୁ, ପିତା: ବୈଷ୍ଣବ ଚରଣ ସାହୁ, ଠିକଣା: ପାଟେଣୀ ଗାଁ, ବର୍ତ୍ତମାନ ଠିକଣା: ଜଗନ୍ନାଥ ବିହାର, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ ....ପ୍ରତିବାଦୀ ନଂ.-୪୮, ୧୯) ବିଶ୍ୱଜିତ ସାହୁ, ପିତା: ବୈଷ୍ଣବ ଚରଣ ସାହୁ, ଠିକଣା: ପାଟେଣୀ ଗାଁ, ଜଗନ୍ନାଥ ବିହାର, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ ...ପ୍ରତିବାଦୀ ନଂ.-୪୯, ୨୦) ସଞ୍ଜୟ ରାଉତ, ପିତା:ଉଦୟ ନାଥ ରାଉତ, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.-ଜି-୩୯୮, ସେକ୍ଟର-୭, ସିଡିଏ- କଟକ, ପିନ୍-୭୫୩୦୧୪/ହାଉସ ନଂ.- ୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ-୫୦, ୨୧) ସୁମିତ୍ରା ମିଶ୍ର, ସ୍ୱା: ବ୍ରଜ କିଶୋର ସାହୁ, ଠିକଣା: ମାଛୁଆ ବଜାର, ବକ୍ସି ବଜାର, କଟକ, ବର୍ତ୍ତମାନ ଠିକଣା: ଜଗନ୍ନାଥ ବିହାର, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ.-୫୧, ୨୨) ପ୍ରଶାନ୍ତ କୁମାର ନାୟକ, ପିତା: ବନମାଳି ନାୟକ, ଠିକଣା: ମାଟିଆ, ପୋଷ୍ଟ/ଥାନା: ରାଜ କନିକା, ଜିଲ୍ଲା- କେନ୍ଦ୍ରାପଡ଼ା, ପିନ୍-୭୫୪୨୨୦, ବର୍ତ୍ତମାନ ଠିକଣା: ଜଗନ୍ନାଥ ବିହାର, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ.-୫୨, ୨୩) କୃପାସିନ୍ଧୁ ବେହେରା, ପିତା: ପୂର୍ଣ୍ଣଚନ୍ଦ୍ର ବେହେରା, ଠିକଣା: ଗ୍ରାମ/ଥାନା: ପୁରୁଷୋତ୍ତମପୁର, ଜିଲ୍ଲା- ଭଦ୍ରକ, ପିନ୍-୭୫୬୧୦୦ ... ପ୍ରତିବାଦୀ ନଂ.-୫୩, ୨୪) ଗୀତାଞ୍ଜଳୀ ଦାସ, ସ୍ୱା: ଗଦାଧର ଦାସ, ଠିକଣା: ଗ୍ରାମ/ପୋଷ୍ଟ: ନୂଆପଟଣା, ଥାନା: ତିଗିରିଆ, ଜିଲ୍ଲା- କଟକ, ପିନ୍-୭୫୪୦୩୫ .... ପ୍ରତିବାଦୀ ନଂ.-୫୫, ୨୬) ଆଶା ଲତା ପଣ୍ଡା, ସ୍ୱା: ଦାମୋଦର ପଣ୍ଡା, ବର୍ତ୍ତମାନ ଠିକଣା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ.-୫୬, ୨୭) ସୁଶୀଲ କୁମାର ଅଗ୍ରୱାଲ, ପିତା: ବନବରୀ ଅଗ୍ରୱାଲ, ଠିକଣା: m/s ଉମଙ୍ଗ ଏଣ୍ଟେରପ୍ରାଇଜ, ଗ୍ରାମ/ପୋଷ୍ଟ ଥାନା/ଜିଲ୍ଲା- ନୟାଗଡ଼, ପିନ୍-୭୫୨୦୬୯ .... ପ୍ରତିବାଦୀ ନଂ.-୬୦, ୨୮) ସୁଲେମାନ ଇକକା, ପିତା: ଦୁରା ଇକକା, ଠିକଣା: ଗ୍ରାମ/ପୋଷ୍ଟ/ ଥାନା- ରାଉରକେଲା, ଜିଲ୍ଲା-ସୁନ୍ଦରଗଡ଼, ପିନ୍- ୭୬୯୦୦୧ ...ପ୍ରତିବାଦୀ ନଂ.-୬୨, ୨୯) ଅମୂଲ୍ୟ କୁମାର ପଣ୍ଡା, ପିତା: ଦାମୋଦର ପଣ୍ଡା, ବର୍ତ୍ତମାନ ଠିକଣା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ ...ପ୍ରତିବାଦୀ ନଂ.-୬୩, ୩୦) ସୁଦୀପ ସିଂହ, ପିତା: ପ୍ରଦୀପ ସିଂ, ଠିକଣା: ଶୈଳଶ୍ରୀ ବିହାର, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୧ ...ପ୍ରତିବାଦୀ ନଂ.-୬୪, ୩୧) ଜିତେଶ କୁମାର ପଣ୍ଡା, ପିତା: ଜୟ କୃଷ୍ଣ ପଣ୍ଡା, ଠିକଣା: କୋଇଲି ପିଙ୍ଗ, ପୋଷ୍ଟ/ଥାନା/ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୯୦୧୫ ....ପ୍ରତିବାଦୀ ନଂ.-୬୫, ୩୨) ଇନ୍ଦ୍ରମଣି ସାହୁ, ପିତା: ମାୟାଧର ସାହୁ, ଠିକଣା: ବ୍ରାହ୍ମଣ ବେଡ଼ିଆ, ଥାନା: ପର୍ଜଙ୍ଗ, ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୨୦.... ପ୍ରତିବାଦୀ ନଂ.-୬୬, ୩୩) ମନୋଜ କୁମାର ପୁହାଣ, ପିତା: କୃଷ୍ଣ ଚନ୍ଦ୍ର ପୁହାଣ, ଠିକଣା: ଗୋବିନ୍ଦପୁର, ପୋଷ୍ଟ/ ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ପିନ୍-୭୫୫୦୬୧ .... ପ୍ରତିବାଦୀ ନଂ.-୬୭, ୩୪) ସୌଭାଗ୍ୟ ପ୍ରସାଦ ରାୟ, ପିତା: ସହଦେବ ରାୟ, ବର୍ତ୍ତମାନ ଠିକଣା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ.-୬୮, ୩୫) କାଳୀ ଚରଣ ପଟ୍ଟନାୟକ, ପିତା: କେଶରାମ ପଟ୍ଟନାୟକ, ବର୍ତ୍ତମାନ ଠିକଣା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ .... ପ୍ରତିବାଦୀ ନଂ.-୭୦, ୩୬) ମନସେଜ ସାମଲ, ପିତା: ପର୍ଶୁରାମ ସାମଲ, ଠିକଣା: ଗ୍ରାମ/ପୋଷ୍ଟ-ମହଣପୁର, ଥାନା: ଧର୍ମଶାଳା, ଜିଲ୍ଲା- ଯାଜପୁର, ପିନ୍-୭୫୫୦୦୮ .... ପ୍ରତିବାଦୀ ନଂ.-୭୩, ୩୭) ବିଭୂତି ଭୂଷଣ କର, ପିତା: ମହେଶ୍ୱର କର, ଠିକଣା: ଗ୍ରାମ/ପୋଷ୍ଟ- ସଉଦା, ଥାନା:ସୋର, ଜିଲ୍ଲା- ବାଲେଶ୍ୱର, ପିନ୍-୭୫୬୦୪୨ ....ପ୍ରତିବାଦୀ ନଂ.-୭୪, ୩୮) ଦିନେଶ ଚନ୍ଦ୍ର ମହାପାତ୍ର, ପିତା: ବିକ୍ରମ ମହାପାତ୍ର, ଠିକଣା: ଗ୍ରାମ/ପୋଷ୍ଟ- ବଳଭଦ୍ରପୁର ଶାସନ, ଥାନା/ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୧୩ .... ପ୍ରତିବାଦୀ ନଂ.-୮୦, ୩୯) ଅଜୟ କୁମାର ଦାସ, ପିତା: ମୋହନ ଚରଣ ଦାସ, ବର୍ତ୍ତମାନ ଠିକଣା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩ ....ପ୍ରତିବାଦୀ ନଂ.-୮୧।

### ନୋଟିସ

ସିପିସି ଅର୍ଡର- ୫, ରୁଲ୍ -୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା -୧୫(ଖ) ମୁତାବକ ମାନ୍ୟବର ଆଡିଶନାଲ କମିଶନର, ଆଡିଶନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ ସୁନନ୍ଦ କୁମାର ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.- ୧୦,୧୬,୧୭,୧୮,୧୯,୨୧,୨୯,୩୬,୩୮,୩୯,୪୨,୪୭,୪୮,୪୯,୫୦,୫୧,୫୨,୫୩,୫୫,୫୬,୬୦,୬୨,୬୩,୬୪,୬୫,୬୬, ୬୭,୬୮,୭୦,୭୩,୭୪ ଏବଂ ୮୧ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ଠିକଣା ଠିକ୍ ଥିବା ସତ୍ତ୍ୱେ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା ଏବଂ ପ୍ରତିବାଦୀ ନଂ.-୩, ୪, ୫, ୭, ୮, ୯, ୨୭ ଏବଂ ୮୦ ମୃତ ଅଟନ୍ତି।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ସମସ୍ତ ପ୍ରତିବାଦୀ ନଂ. ୧୦,୧୬,୧୭,୧୮,୧୯,୨୧,୨୯,୩୬,୩୮,୩୯,୪୨,୪୭,୪୮,୪୯,୫୦,୫୧,୫୨,୫୩,୫୫,୫୬,୬୦,୬୨,୬୩,୬୪,୬୫,୬୬,୬୭,୬୮,୭୦,୭୩,୭୪ ଏବଂ ୮୧ମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିଶନାଲ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୯।୦୫।୨୦୨୫ରିଖ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରିକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

### ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର,ମୌଜା- ସେମିଳିପାଟଣା, ଥାନା- ଚନ୍ଦକା (ଥାନା ନଂ.- ୩୦) ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.-୧୯୬, ହାଲ୍ ପ୍ଲଟ୍ ନଂ.-୨୪୨, ସବ୍-ପ୍ଲଟ୍ ନଂ.-୧୧୬ ଏବଂ ସବ୍-ପ୍ଲଟ୍ ନଂ.-୧୧୭, ମୋଟ୍ ଏରିଆ ଏ୨.୦୩୯୦ ସ୍ୱଧରୁ, ଏରିଆ ଏ୦.୧୦୮ ଡିସିମିଲ, ଡିସିମିଲ, ଶାବକ ପ୍ଲଟ୍-୭୨, ଶାବକ ଖାତା- ୫୮, ଏରିଆ ଏ୨.୮୫୫ ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୩, ୪, ୫, ୭, ୮, ୯, ୨୭ ଏବଂ ୮୦ ମୃତ ପ୍ରତିବାଦୀ ହୋଇଥିଲେ ଔରୋଷମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./- ଆଡିଶନାଲ ରିଭିଜନ କୋର୍ଟ ନଂ.-୪,
ଭୁବନେଶ୍ୱରଙ୍କ ଆଦେଶ କ୍ରମେ କୋର୍ଟ ଅଫିସର
Dt. 10.04.2025
D-176

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଈଶ୍ୱର ଚନ୍ଦ୍ର ସାହୁ**

ଭୁବନ, ବଡ଼ହାଟ

ଆବିର୍ଭାବ: ୧୯।୧୦।୧୯୩୦
ତିରୋଧାନ: ୨୯।୦୪।୨୦୨୪

ବାପା, ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା । ଆମକୁ ପାରକରି ଆମ ଠାରୁ ଅନେକ ଦୂରକୁ ଚାଲିଗଲ । ତୁମେ ଯେଉଁଠି ଥାଅ ଭଲରେ ଥାଅ । ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ ଜୀବନରେ ପାଥେୟ ହେଉ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସର୍ବଦା ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ତୁମର ଶୋକସନ୍ତପ୍ତ: ପୁତ୍ର, କନ୍ୟା, ପୁତ୍ରବଧୂ, ନାତି ଓ ନାତୁଣୀମାନେ ।

ଧ-୨୦୪

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା ଶ୍ରୀମତୀ ନଳିନୀ ସାହୁ**

ନଳିନୀ ବିହାର, ମେନ ରୋଡ୍, ଗୋଷାଣୀ ନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ

ଆବିର୍ଭାବ-୨୬।୦୧।୧୯୫୩
ତିରୋଧାନ- ୦୭।୦୪।୨୦୨୫

ଚାହୁଁ ଚାହୁଁ ବାରଦିନ ବିତିଗଲା, ତଥାପି ତୁମେ ଆମ ସଙ୍ଗେ ଥିଲା ପରି ଅନୁଭବ କରୁଛୁ, ଆପଣଙ୍କର କର୍ତ୍ତବ୍ୟ ପରାୟଣତା, ମୂଲ୍ୟବୋଧତା, ସମୟାନୁବର୍ତ୍ତିତା, ନିଃସ୍ୱାର୍ଥପରତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସରଳତା ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ହୋଇ ରହୁ। ତୁମ ପବିତ୍ର ଆତ୍ମା ଚିର ଶାନ୍ତି ଲାଭ କରୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ଏତିକି ବିନତି।

ଶୋକସନ୍ତପ୍ତ- ପ୍ରଭାତ ରଞ୍ଜନ, ବିଦ୍ୟୁଲତା, ପ୍ରତିଭା, ପ୍ରତ୍ୟୁଷା, ପ୍ରିୟଦର୍ଶିନୀ ପୂର୍ଣ୍ଣିମା, ରାଜ, ତୁହିନା, ଇସାନ, ଇକ୍ଷିତା, ଆୟୁଷ, ଆରମ୍ଭ, ଆରଭ, ସିଟ୍ ପ୍ରୋଫାଇଲ କମ୍ପାନୀ ଏବଂ ରଞ୍ଜନ ଟ୍ରାନ୍ସପୋର୍ଟ।

ଧ-୧୧୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ବାଉଧର ଶିଅଳ**

ବାଟୀ, ସିମୁଳିଆ, ବାଲେଶ୍ୱର

ଆବିର୍ଭାବ: ୨୨.୦୮.୧୯୪୫
ତିରୋଧାନ:୦୮.୦୪.୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଶୀର୍ବାଦ, ଆଦର୍ଶ, ଆମ ହୃଦୟରେ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ଭାଇ-ଜଗବନ୍ଧୁ, ପୁଅ-ହରେକୃଷ୍ଣ, କରୁଣାକର, ଶଶିକାନ୍ତ, ସୁଶିଲ, ସରୋଜ, ମନୋଜ, ବୋହୂ-ନୀରୁ, ରଶ୍ମିତା, ସାବିତ୍ରୀ, ଅନିତା, ଝୁନା, ସୁକାନ୍ତୀ, ସରସ୍ୱତୀ, ଝିଅ-ପାର୍ବତୀ, ସାବିତ୍ରୀ, ଜ୍ୱାଇଁ-ସୁରେନ୍ଦ୍ର, ରାଜେଶ, ନାତି-ଗୁଡୁଲୁ, ଲଟୁସ, ଗୁଡୁ, ଜ୍ଞାନ, ଟୁଟୁ, ପିଣ୍ଟୁ, ନାତୁଣୀ-ପ୍ରଚୀ, ସନ୍ଧ୍ୟା, ଖୁସି ଓ ଶୁଭାଞ୍ଜଳି।

ଧ-୨୦୩

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଜନପଥରେ ଗୁରୁବାର ଭାଜପା ମହିଳାକର୍ମୀମାନେ କଂଗ୍ରେସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପୋଲିସ ଅଗଣତାନ୍ତ୍ରିକ ନୀତି ଧରିଛି: ଭକ୍ତ

## ଛାତ୍ର ନେତାଙ୍କୁ ଜେଲରେ ଭେଟିଲେ

ଭୁବନେଶ୍ୱର,୧୭।୪(ରବିନାରାୟଣ ଜେନା)

ନାରୀ ପାଇଁ ନ୍ୟାୟ ଲାଗି ମାର୍ଚ୍ଚ ୨୭ରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ବେଳେ ପୋଲିସ ଦ୍ୱାରା ଗିରଫ ହୋଇ ଝାରପଡ଼ା ଜେଲରେ ଥିବା କଂଗ୍ରେସ କର୍ମୀ ଓ ଛାତ୍ର ନେତାଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ଗୁରୁବାର ପୂର୍ବାହ୍ନରେ ଭେଟିଛନ୍ତି।

ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି, ପୋଲିସ ପକ୍ଷରୁ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଥିବା ଛାତ୍ର ଏବଂ କଂଗ୍ରେସ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଆସିଥିଲୁ। ଛାତ୍ର କଂଗ୍ରେସକୁ ଦୁର୍ବଳ କରିବାକୁ ଏଭଳି ଷଡ଼ଯନ୍ତ୍ର କରାଯାଇ ଛାତ୍ରଙ୍କୁ ଗିରଫ କରାଯାଇଛି । ପୋଲିସର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି। ଯେଉଁମାନେ ଗଣ୍ଡଗୋଳ କରିଛନ୍ତି, ସେମାନେ ନାହାନ୍ତି କିନ୍ତୁ ଯେଉଁମାନେ କରିନାହାନ୍ତି ଏବଂ ନିର୍ଦ୍ଦୋଷ ସେମାନଙ୍କୁ ଆଣି ଜେଲରେ ରଖିଛନ୍ତି। ରାଜ୍ୟରେ ଅନେକ ସମସ୍ୟା ଅଛି, ତାକୁ ନେଇ ଯେତେବେଳେ ଗଣବିପ୍ଳବ ହେବ, ଲକ୍ଷାଧିକ ଲୋକ ଆସି ସାମିଲ ହେବେ, ସେତେବେଳେ ଜେଲରେ ଜାଗା ରହିବ ନାହିଁ।

ଏହି ଅବସରରେ ପିପିଲିରେ ଶିଶୁ ନିଖୋଜ ପ୍ରସଙ୍ଗରେ ଭକ୍ତ କହିଥିଲେ, କେବଳ ପିପିଲିରେ ନୁହେଁ, ସମଗ୍ର ରାଜ୍ୟରେ ୬୪ ହଜାର ମହିଳା ନିଖୋଜ ଅଛନ୍ତି। ରାଜ୍ୟରେ ଏହାକୁ ନେଇ ଭୟଙ୍କର ବେପାର ଚାଲିଛି। ସରକାର ପୋଲିସ ବଳକୁ ବ୍ୟବହାର କରି ଏସବୁ ରୋକିବା କଥା କିନ୍ତୁ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଏହାକୁ ରୋକୁନାହିଁ। ୬୪ ହଜାର ନିଖୋଜଙ୍କ ମଧ୍ୟରୁ ଯଦି ପୋଲିସ ୧୦ ହଜାର ନିଖୋଜ ମହିଳା ଏବଂ ଶିଶୁଙ୍କୁ ଖୋଜି ଆଣିବେ ତେବେ ପୋଲିସଙ୍କୁ ଆମେ ସମ୍ମାନ କରିବୁ। ଯଦି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାମମନ୍ଦିର ଶିଶୁ ଚୋର ଧରାପଡ଼ିଲା ବୋଲି କୁହାଯାଉଛି ତେବେ ମନିଟରିଂ କରି ୧୦ ହଜାର ନିଖୋଜଙ୍କୁ ଉଦ୍ଧାର କରାଯାଉ ବୋଲି ଭକ୍ତ କହିଛନ୍ତି।

ଜେଲ ପରିଦର୍ଶନ ସମୟରେ ଭକ୍ତଙ୍କ ସହିତ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଦଳୀୟ ନେତା ଗୁରୁବାର ଝାରପଡ଼ା ଜେଲରେ ଥିବା କଂଗ୍ରେସ କର୍ମୀ ଓ ଛାତ୍ର ନେତାଙ୍କୁ ଭେଟି ଫେରୁଛନ୍ତି।

# ପୁଣି ବିଜେଡି ସଭାପତି ହେବେ ନବୀନ


ବିଜେଡି ସଭାପତି ପଦ ଲାଗି ନବୀନ ପଟ୍ଟନାୟକ ଗୁରୁବାର ଶଙ୍ଖଭବନଠାରେ ନାମାଙ୍କନ ଦାଖଲ କରୁଛନ୍ତି।

ଭୁବନେଶ୍ୱର, ୧୭।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ପଦ ପାଇଁ ନବୀନ ପଟ୍ଟନାୟକ ଗୁରୁବାର ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧଦିବସ ଅବସରରେ ରାଜଧାନୀର ଶଙ୍ଖ ଭବନଠାରେ ଦଳର ନିର୍ବାଚନ ରିଟର୍ନିଂ ଅଫିସର ପ୍ରତାପ ଦେବଙ୍କ ନିକଟରେ ସେ ନିଜର ନାମାଙ୍କନପତ୍ର ଭରିଛନ୍ତି। ଏକମାତ୍ର ପ୍ରାର୍ଥୀ ଭାବେ ନବୀନ ନିଜର ନାମାଙ୍କନ ଭରିଛନ୍ତି। ଏ ପର୍ଯ୍ୟନ୍ତ ଦଳରୁ ଅନ୍ୟ କେହି ନାମାଙ୍କନପତ୍ର ଦେଇନାହାନ୍ତି। ଏଥିପାଇଁ ନବୀନ ବିଜେଡିର ସଭାପତି ହେବା ଏକ ପ୍ରକାର ନିଶ୍ଚିତ ବୋଲି ସ୍ପଷ୍ଟ ହେଉଛି। ନବୀନ ନାମାଙ୍କନ ଦାଖଲ କରିବା ସମୟରେ ବିଜେଡିର ଅନେକ ଆଗଧାଡ଼ିର ନେତା ଉପସ୍ଥିତ ଥିଲେ। ଆସନ୍ତା ୧୯ ତାରିଖରେ ବିଜେଡି ସଭାପତିଙ୍କ ନାମ ଘୋଷଣା କରିବ। ନବୀନ ୯ମ ଥର ଲାଗି ସଭାପତି ପଦ ପାଇଁ ନିଜର ନାମାଙ୍କନ ଦାଖଲ କରିଛନ୍ତି। ନବୀନ ପ୍ରଥମେ ଫରେଷ୍ଟ ପାର୍କଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ସେଠାରୁ ଶଙ୍ଖ ଭବନ ଆସିଥିଲେ। ତାଙ୍କ ସାଙ୍ଗରେ ଦଳର ବହୁ ବରିଷ୍ଠ ନେତା ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ,ଦିନକ ତଳେ ବିଜେଡି ୧୮ଟି ସାଙ୍ଗଠନିକ ଜିଲା ସଭାପତିଙ୍କ ନାଁ ଘୋଷଣା କରିଥିଲା। ଏହି ତାଲିକାରେ ବରିଷ୍ଠ ତଥା ଅଭିଜ୍ଞ ନେତାଙ୍କୁ ଗୁରୁତ୍ୱ ଦିଆଯାଇଛି। ହେଲେ ବାକି ୧୫ଟି ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା ଦଳ ପକ୍ଷରୁ କରାଯାଇପାରିନାହିଁ। ଏହି ଜିଲାଗୁଡ଼ିକରେ ଦଳୀୟ ବିବାଦ ନ ତୁଟୁଥିବାରୁ ଏହା ସମ୍ଭବ ହୋଇପାରିନାହିଁ ବୋଲି ଚର୍ଚ୍ଚା ହେଉଛି।

# ସୋନିଆ, ରାହୁଲଙ୍କ କୁଶ ପୁତ୍ତଳିକା ଦାହ କଲା ଭାଜପା ଯୁବମୋର୍ଚ୍ଚା

ନୂଆପଡ଼ା,୧୭।୪ (ମକାରୁ ବେମାଲ)

ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ପକ୍ଷରୁ ଅଭିଯୋଗ ଫର୍ଦ୍ଦ ଦାଖଲକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହାକୁ ନେଇ ଦେଶ ବ୍ୟାପୀ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ଭୁବନେଶ୍ୱର ଇଡି କାର୍ଯ୍ୟାଳୟ ସମ୍ମୁଖରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ବୁଧବାର ଧାରଣ ଦିଆଯାଇଥିଲା। ଏହି ଘଟଣାକୁ ନେଇ ଭାଜପା ପାଲଟା ଆକ୍ରମଣ କରିଛି। ଗୁରୁବାର ସନ୍ଧ୍ୟାରେ ନୂଆପଡ଼ା ଜିଲା ସଦର ମହକୁମା ଏକତା ଛକଠାରେ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡାଙ୍କ ଆହ୍ୱାନ କ୍ରମେ କର୍ମକର୍ତ୍ତାମାନେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏଥିରେ ଜିଲା ଭାଜପା ସଭାପତି କମଲେଶ ଦୀକ୍ଷିତ, ସୁଶାନ୍ତ ପତି, ତୁଳସ ପଟେଲ, ମୁନା ମହାପାତ୍ର, ସଦାନନ୍ଦ ଯୋଶୀ, ବିଜୟ ଚନ୍ଦ୍ରପର, ସନ୍ତୋଷ ଦଣ୍ଡସେନା, ଗୋବିନ୍ଦ ଦଣ୍ଡସେନା, ଜ୍ଞାନ ରଞ୍ଜନ ସାହୁ, ମଣିଷ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଏକତା ଛକଠାରେ କୁଶ ପୁତ୍ତଳିକା ଦାହ କରାଯାଉଛି।

## Business

# ନିବେଶକ ଯୋଡ଼ିଲେ ୪ ଲକ୍ଷ କୋଟିରୁ ଅଧିକ

ମୁମ୍ବାଇ,୧୭।୪ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ବୈଶ୍ୱିକ ବଜାରର କାରବାର ଏବଂ ଭୂ-ରାଜନୈତିକ ପରିସ୍ଥିତି ଓ ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ବାଣିଜ୍ୟ ନୀତି ସମେତ ନୂଆ ଟାରିଫ ଦରର ପ୍ରଭାବ ଭାରତୀୟ ପୁଞ୍ଜିବଜାର କାରବାରରେ ପଡୁଛି। ଚଳିତ ସପ୍ତାହ କାର୍ଯ୍ୟଦିବସର ତୃତୀୟ ଦିନର କାରବାରରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିବେଶକମାନେ ବେଶ୍ ଉତ୍ସାହିତ ଥିଲା ବେଳେ ଦିନକରେ



ଶେୟାର ବଜାରର ନିବେଶକମାନେ ୪ ଲକ୍ଷ କୋଟିରୁ (୪.୩୩ ଲକ୍ଷ କୋଟି) ଅଧିକ ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୧୫ ଲକ୍ଷ କୋଟିରୁ ଅଧିକ ଥିଲା। ଗୁରୁବାର କାର୍ଯ୍ୟଦିବସ ଶେଷ ସୁଦ୍ଧା ପୁଞ୍ଜିବଜାରର ନିବେଶକମାନେ ୪ ଲକ୍ଷ କୋଟିରୁ (୪.୩୩ ଲକ୍ଷ କୋଟି) ଅଧିକ ଟଙ୍କାର ନିବେଶ ପୁଞ୍ଜି ବଜାରରେ ଯୋଗକରିବାରୁ ବଜାର ପୁଞ୍ଜି ୪୧୯.୩୩ ଲକ୍ଷ କୋଟିରେ ପହଞ୍ଚିଛି। ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପର କାରବାର ପ୍ରାୟ ୧% ବୃଦ୍ଧି ପାଇଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ମଧ୍ୟ ୧% ବଢ଼ିଛି। ଅପରପକ୍ଷରେ ନିଫ୍ଟି ମିଡ୍‌କ୍ୟାପର କାରବାରରେ ୩୧୨.୨୫ ପଏଣ୍ଟ ବୃଦ୍ଧି ଘଟି ୫୨,୬୫୭.୮୦ ଅଙ୍କରେ ଶେଷ ହୋଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୦.୩୦% ବଢ଼ି ୭୯୦୭.୦୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ନିଫ୍ଟି ବ୍ୟାଙ୍କର କାରବାର ୨.୨୧% ବୃଦ୍ଧି ଘଟି ୫୪,୨୯୦.୨୦ ଅଙ୍କରେ ଶେଷ ହୋଇଥିଲା। ସେହିପରି ସେକ୍ଟରାଲ କ୍ଷେତ୍ରରେ ଆଇଟି, ମେଟାଲ, ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ବ୍ୟାଙ୍କିଙ୍ଗ୍, ଏଫ୍ଏମ୍‌ସିଜି, ଫାର୍ମା ଭଳି ପ୍ରମୁଖ ନିବେଶକଙ୍କ କାରବାରରେ ୨%ରୁ ଅଧିକ ବୃଦ୍ଧି ଘଟିଛି।

### ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୧୫୦୯ (୧୫୦୮.୯୧) ପଏଣ୍ଟ ବୃଦ୍ଧି ଘଟି ୭୮,୫୫୩ (୭୮,୫୫୩.୨୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୪୧୪ (୪୧୪.୪୫) ପଏଣ୍ଟ ବଢ଼ି ୨୩,୮୫୨ (୨୩,୮୫୧.୬୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ହରେକୃଷ୍ଣ ୟୁବିଆଇର ନୂଆ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୧୭।୪

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଭୁବନେଶ୍ୱର ଅଞ୍ଚଳର ନୂଆ ଆଞ୍ଚଳିକ ମୁଖ୍ୟ ଭାବେ ହରେକୃଷ୍ଣ ଦାସ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଦାସ ବ୍ୟାଙ୍କର ମୁମ୍ବାଇସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଗ୍ରାମ୍ୟ ଏବଂ ଅର୍ଦ୍ଧ ସହରାଞ୍ଚଳ (ରୁସୁ) ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଭାଗର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୯୫ ରେ ହରେକୃଷ୍ଣ ଦାସ ଗ୍ରାମ୍ୟ ବିକାଶ ଅଧିକାରୀ ଭାବେ ୟୁବିଆଇରେ ଯୋଗଦେଇଥିବା ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ସିକିମ୍, ହରିୟାଣା, ଗୁଜୁରାଟ, ଚଣ୍ଡିଗଡ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟରେ ତାଙ୍କର କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି। ସେହିଭଳି ଦୀର୍ଘ ୩୦ ବର୍ଷର ବ୍ୟାଙ୍କିଙ୍ଗ୍ ଅଭିଜ୍ଞତା ମଧ୍ୟରେ ସେ ୨୪ ବର୍ଷ ଶାଖା ସ୍ତରରେ ଏବଂ କ୍ଷୁଦ୍ର ଶାଖାଠାରୁ ଆରମ୍ଭକରି ଅଧିକ ବୃହତ୍ ଶାଖାର ଶାଖା ମୁଖ୍ୟ ଭାବେ ସେ ବଳକା ସମୟ କାର୍ଯ୍ୟ କରିଛନ୍ତି। ଅପରପକ୍ଷରେ ସେ ବ୍ୟାଙ୍କର ଚଣ୍ଡିଗଡ, ମେହସାନା ଏବଂ ଗାନ୍ଧୀନଗର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

ସେହିପରି ଅଭିଜ୍ଞ ବ୍ୟାଙ୍କର ଭାବେ ଦାସ ଉତ୍ତମ ଗ୍ରାହକ ସେବା ସହିତ ସରକାରୀ ଯୋଜନାରେ ଗ୍ରାହକମାନଙ୍କର ସର୍ବୋତ୍ତମ ଅଂଶଗ୍ରହଣ ସହ ଏମ୍ଏସ୍ଏମ୍ଇ, କୃଷି ଏବଂ ରିଟେଲ କ୍ଷେତ୍ରକୁ ଅଗ୍ରାଧିକାର ଦେବା ସହିତ ମୁଦ୍ରା ଏବଂ ଏସ୍ଏଚ୍‌ଜି ଫାଇନାନ୍ସକୁ ମଧ୍ୟ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାୟଗଡା ଏବଂ ବାଲେଶ୍ୱର ଭଳି ୬ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ୩୭୩ ଶାଖା ଏବଂ ୩୩୬ ଏଟିଏମ୍‌କୁ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ନିୟନ୍ତ୍ରଣ କରୁଛି।


ହରେକୃଷ୍ଣ ଦାସ

# ସନ୍ଦୀପ ଓଏଚ୍‌ପିସିର ନୂତନ ମାନବ ସମ୍ବଳ ନିର୍ଦ୍ଦେଶକ


ସନ୍ଦୀପ ପଟ୍ଟନାୟକ

ଭୁବନେଶ୍ୱର,୧୭।୪

ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି)ର ନୂତନ ମାନବ ସମ୍ବଳ ନିର୍ଦ୍ଦେଶକ ଭାବେ ସନ୍ଦୀପ ପଟ୍ଟନାୟକ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍(ହାଲ୍)ର ମାନବ ସମ୍ବଳ ଏବଂ ଦକ୍ଷତା ବିକାଶ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏପରିକି ମାନବ ସମ୍ବଳ ପରିଚାଳନା, ନେତୃତ୍ୱ, ଔଦ୍ୟୋଗିକ ବିକାଶ ଏବଂ ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ପଟ୍ଟନାୟକଙ୍କର ଦୀର୍ଘ ୩ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। କାର୍ଯ୍ୟ କ୍ଷେତ୍ରରେ ରଣନୀତିକ ପରିଚାଳନା, ସହଭାଗିତା ଏବଂ ଔଦ୍ୟୋଗିକ ସଂସ୍କୃତିର ଠିକ୍ ପରିଚାଳନା ଆଦି କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ଓଏଚ୍‌ପିସିରେ ଯୋଗଦେବା ପୂର୍ବରୁ ପଟ୍ଟନାୟକ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍‌ର ମାନବ ସମ୍ବଳ ଏବଂ ଦକ୍ଷତା ବିକାଶ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ସୁଚାରୁରୂପେ ନିଜ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ବଳରେ ହାଲ୍‌କୁ ଅନେକ ପ୍ରଶଂସନୀୟ ସ୍ୱୀକୃତି ମିଳିବା ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଆସୋଚାମ ସ୍ୱର୍ଣ୍ଣିମ ପୁରସ୍କାରରେ ସମ୍ମାନିତ କରାଯାଇଛି। ପଟ୍ଟନାୟକ ଏରୋସ୍ପେସ୍ ଏବଂ ଆଭିଏସନ ସେକ୍ଟର ସ୍କିଲ୍ କାଉନସିଲର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି। ପଟ୍ଟନାୟକଙ୍କର କର୍ମମୟ ଜୀବନ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ରେ ମ୍ୟାନେଜମେଣ୍ଟ ଟ୍ରେନି ଭାବରେ ଆରମ୍ଭ ହୋଇଥିଲା। ପଟ୍ଟନାୟକ ମାନବ ସମ୍ବଳ ପରିଚାଳନାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏତଦ୍‌ବ୍ୟତୀତ ପଟ୍ଟନାୟକ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଯେପରିକି ଆଇଆଇଏମ୍, ଅହମଦାବାଦ, ବେଙ୍ଗାଲୁରୁ, କୋଲକାତା ଏବଂ ଏକ୍ସଏଲ୍‌ଆର୍‌ଆଇରୁ ପ୍ରଶିକ୍ଷଣ ପ୍ରାପ୍ତ କରିଛନ୍ତି।

# ବଜାରରେ ଫ୍ରିଡମ୍ ଅଏଲର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୪

ଦେଶର ପ୍ରମୁଖ ଖାଇବାତେଲ ତଥା ଜେମିନୀ ଏଡିବେଲ୍ସ ଆଣ୍ଡ ଫାଟସ ଇଣ୍ଡିଆ ଲିମିଟେଡ୍ (ଜିଇଏଫ୍ ଇଣ୍ଡିଆ)ର ଅଗ୍ରଣୀ ବ୍ରାଣ୍ଡ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍ସର ନୂତନ ଉତ୍ପାଦ 'ନ୍ୟୁ ଫ୍ରିଡମ୍ ଗ୍ରାଉଣ୍ଡନଟ୍ ଅଏଲ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ନୂତନ ଡିଜିଟାଲ ପଦକ୍ଷେପର ମଧ୍ୟ ଅନାବରଣ କରାଯାଇଛି। ଏ ସମ୍ପର୍କରେ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲର ବରିଷ୍ଠ ଉପାଧ୍ୟକ୍ଷ ( ବିକ୍ରି ଓ ବିପଣନ) ପି.ଚନ୍ଦ୍ରଶେଖର ରେଡ୍ଡୀ କହିଥିଲେ, ଆମେ ଆମର ନୂତନ ଉତ୍ପାଦ 'ନ୍ୟୁ ଫ୍ରିଡମ ଗ୍ରାଉଣ୍ଡନଟ୍ ଅଏଲ'କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଭିନ୍ନ ଧରଣ ସ୍ୱାଦ ଓ ଆଧୁନିକ ପ୍ରଣାଳୀରେ ସୁସ୍ଥକର ଉତ୍ପାଦକୁ ବଜାରରେ ପ୍ରବେଶ କରାଇ ଗ୍ରାହକଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରୟାସ କରିଛୁ। ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ସହ ଖାଦ୍ୟରେ ସ୍ୱାଦିଷ୍ଟତା ପ୍ରଦାନ ପାଇଁ ଫ୍ରିଡମ୍ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଓ ପ୍ରଣାଳୀର ପ୍ରୟୋଗ କରାଯାଇଛି। ସେହିଭଳି ଜେମିନୀ ଏଡିବେଲ୍ସ ଆଣ୍ଡ ଫାଟସ୍ ଇଣ୍ଡିଆ ଲିମିଟେଡ୍‌ର ଜିଏମ୍ (ମାର୍କେଟିଂ) ଚେତନ ପିମ୍ପଲକୁଟେ କହିଥିଲେ, ଆମେ ନ୍ୟୁ ଫ୍ରିଡମ୍ ଗ୍ରାଉଣ୍ଡନଟ୍ ଅଏଲ'କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ପୂରଣ ସହ ବ୍ରାଣ୍ଡ ମୂଲ୍ୟବୋଧକୁ ସବୁ ସ୍ତରର ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ଆମେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛୁ।



'ନ୍ୟୁ ଫ୍ରିଡମ ଗ୍ରାଉଣ୍ଡନଟ୍ ଅଏଲ'କୁ କମ୍ପାନୀର ବରିଷ୍ଠ ଅଧିକାରୀ ଉନ୍ମୋଚନ କରୁଛନ୍ତି।

# ନ୍ୟୁ ଏମ୍ପ୍ଲୟି ଭାଲ୍ୟୁ ପ୍ରପୋଜିସନର ଶୁଭାରମ୍ଭ

ଭୁବନେଶ୍ୱର,୧୭।୪

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍ଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ନ୍ୟୁ ଏମ୍ପ୍ଲୟି ଭାଲ୍ୟୁ ପ୍ରପୋଜିସନ୍(ଇଭିପି)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଭିଡିଓର ଉନ୍ମୋଚନ କରାଯାଇଛି, ଯେଉଁଥିରେ କମ୍ପାନୀର ୫ଟି ଇଭିପି ସ୍ତମ୍ଭ- ଶିକ୍ଷଣ ସୁଯୋଗ, ନେତୃତ୍ୱକୁ ପ୍ରୋତ୍ସାହନ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଶିଳ୍ପ ଅଭିଜ୍ଞତା, ଗୋଷ୍ଠୀ ଭାବନା ଏବଂ ପରୀକ୍ଷଣ କରିବାର ସ୍ୱାଧୀନତାକୁ ସୁନ୍ଦର ଭାବେ ଦର୍ଶାଇଛି। ସେହିଭଳି ଏଗୁଡ଼ିକ କିପରି କମ୍ପାନୀର କାର୍ଯ୍ୟକ୍ଷମ ପ୍ରକ୍ରିୟାରେ ସାମିଲ କରାଯାଇଛି। ଏପରିକି ମାତ୍ର ୩ ବର୍ଷ ମଧ୍ୟରେ ୨.୪ ବିଲିୟନ ଡଲାରରୁ ୪.୭ ବିଲିୟନ ଡଲାରକୁ ଅଭିବୃଦ୍ଧି ସହ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ରୂପାନ୍ତରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଏହି ଭିଡିଓରେ ତାହା ପ୍ରଦର୍ଶିତ ହୋଇଛି।


ଅଭ୍ୟୁଦୟ ଜିନ୍ଦଲ

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଗତ କିଛି ବର୍ଷ ଧରି ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାତ୍ରାକୁ ଅନୁଧ୍ୟାନ କରିବା ପରେ ଆମର ପ୍ରଗତିକୁ ନେଇ ମୁଁ ଗର୍ବ ଅନୁଭବ କରୁଛି। କେବଳ ସଂଖ୍ୟାରେ ନୁହେଁ, ଆମେ ଏହାକୁ ଯେଉଁଭଳି ଭାବେ ଅଭିବୃଦ୍ଧି କରିଛୁ, ତାହା ନିଶ୍ଚୟ ଗର୍ବର ବିଷୟ ପାଲଟିଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସୁଶୀଲ ବାଭେଜା କହିଛନ୍ତି, ଏହି ଭିଡିଓ କେବଳ ଏକ କାହାଣୀ ନୁହେଁ, ବରଂ ଏହା ନିଯୁକ୍ତିଦାତା ଭାବେ ଆମର ବାସ୍ତବିକ ପ୍ରୟାସର ଏକ ପ୍ରତିଫଳନ ହୋଇଛି।

# ନାୟରଙ୍କୁ ହଟାଇଲା ବିସିସିଆଇ

ନୂଆଦିଲ୍ଲୀ,୧୭।୪(ପି.ଟି.)

ଭାରତୀୟ କ୍ରିକେଟ ଦଳର ଆସିଷ୍ଟାଣ୍ଟ କୋଚ ଅଭିଷେକ ନାୟରଙ୍କୁ ବିସିସିଆଇ ତାଙ୍କ ପଦରୁ ହଟାଇ ଦେଇଛି। ତାଙ୍କୁ ୮ ମାସ ତଳେ ନିଯୁକ୍ତ କରାଯାଇଥିଲା। ନିକଟ ଅତୀତରେ ଟେଷ୍ଟ ଫର୍ମାଟରେ ଭାରତୀୟ ଦଳର ପ୍ରଦର୍ଶନ ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଭାରତୀୟ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ସପୋର୍ଟ ଷ୍ଟାଫ ଓ ଜଣେ ସିନିୟର ଷ୍ଟାର ଖେଳାଳିଙ୍କ ସହ ଯୁକ୍ତିତର୍କ ଯୋଗୁ ନାୟରଙ୍କୁ ବଳି ପକାଯାଇଥିବା ବିସିସିଆଇ ସୂତ୍ରରୁ କୁହାଯାଇଛି। ନାୟରଙ୍କ ସହିତ ଫିଲ୍ଡିଂ କୋଚ୍ ଟି ଦିଲିପ ଏବଂ ଷ୍ଟ୍ରେଙ୍ଗ ଓ କଣ୍ଡିଶନିଂ କୋଚ୍ ସୋହମ ଦେସାଇଙ୍କୁ ମଧ୍ୟ ଭାରତୀୟ ଦଳର ସପୋର୍ଟ ଷ୍ଟାଫରୁ ବିଦା କରାଯାଇଛି। ଦୁହେଁ ସେମାନଙ୍କ ପଦବୀରେ ୩ ବର୍ଷରୁ ଊର୍ଦ୍ଧ୍ୱ ଦିନ ରହିଥିଲେ। ବିସିସିଆଇର ନୂଆ ଏସ୍ଓପି ଅନୁଯାୟୀ, ସପୋର୍ଟ ଷ୍ଟାଫଙ୍କ ଲାଗି ୩ ବର୍ଷୀୟା କାର୍ଯ୍ୟକାଳ ଧାର୍ଯ୍ୟ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ଭାରତୀୟ ଦଳର ସର୍ବପ୍ରଥମ ଷ୍ଟ୍ରେଙ୍ଗ ଓ କଣ୍ଡିଶନିଂ କୋଚ୍ ଆଡ୍ରିଆନ ଲେ ରୌକ୍ସ ଦ୍ୱିତୀୟ ଥର ପାଇଁ ଫେରିପାରନ୍ତି। ୨୦୦୩ ବିଶ୍ୱକପ୍ ବେଳେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳରେ ନୂଆ ଫିଟନେସ ପରମ୍ପରା ଆରମ୍ଭ କରିବା ଲାଗି ଆଡ୍ରିଆନଙ୍କୁ ଶ୍ରେୟ ଦିଆଯାଏ।

୪୧ ବର୍ଷୀୟ ନାୟର ଜଣେ ପୂର୍ବତନ ଅଲରାଉଣ୍ଡର, ଯିଏକି ଭାରତ ପାଇଁ ୩ ଦିନିକିଆ ମ୍ୟାଚ ଖେଳିଛନ୍ତି। ଭାରତୀୟ ଦଳରେ ଅତିରିକ୍ତ ବ୍ୟାଟିଂ କୋଚ୍ ଭାବେ ସିତାଂଶୁ କୋଟାକଙ୍କୁ ସାମିଲ କରାଯିବା ପରଠାରୁ ନାୟରଙ୍କୁ ବିଦା କରାଯିବାର ଯୋଜନା ଥିଲା। ଅଷ୍ଟ୍ରେଲିଆ ସିରିଜ୍ ପରେ ବିସିସିଆଇ ଦ୍ୱାରା ଏକ ରିଭ୍ୟୁ ମିଟିଂ କରାଯାଇଥିଲା। ଏହି ବୈଠକରେ ବିସିସିଆଇର ସମ୍ପାଦକ ଦେବଜିତ ସାଇକିଆ, ଉପସଭାପତି ରାଜୀବ ଶୁକ୍ଲାଙ୍କ ସହିତ ଭାରତୀୟ ଦଳର ସପୋର୍ଟ ଷ୍ଟାଫର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଓ ଜାତୀୟ ଚୟନକର୍ତ୍ତା ଉପସ୍ଥିତ ଥିଲେ। ଏହି ବୈଠକ ଅବସରରେ ସପୋର୍ଟ ଷ୍ଟାଫ୍‌ର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଡ୍ରେସିଂ ରୁମରେ ନାୟରଙ୍କ ଉପସ୍ଥିତି ଟିମ୍ ଇଣ୍ଡିଆ ଲାଗି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଥିବା କହିଥିଲେ। ଏହା ଉପରେ ବିସିସିଆଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଇ କୋଟାକଙ୍କୁ ନିଯୁକ୍ତ କରିଥିଲା, ଯାହା ଫଳରେ ଚାମ୍ପିୟନ୍ସ ଟ୍ରଫି ବେଳେ ନାୟରଙ୍କୁ ଅଲଗା ରଖାଯାଇଥିଲା। ମିଳିଥିବା ସୂଚନା ମୁତାବକ, ନାୟର ଆସିଷ୍ଟାଣ୍ଟ କୋଚ୍ ଲାଗି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ପ୍ରଥମ ପସନ୍ଦ ନ ଥିଲେ। ତାଙ୍କୁ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ ଏକ ଯୋଗାଯୋଗର ମାଧ୍ୟମ ଭାବେ ନିଯୁକ୍ତ କରାଯାଇଥିଲା। କାରଣ ନାୟର, ରୋହିତଙ୍କର ଜଣେ ଘନିଷ୍ଠ ବନ୍ଧୁ। ଦୁହେଁ ଦୀର୍ଘଦିନ ଧରି ମୁମ୍ବାଇ ପାଇଁ ଖେଳିଥିଲେ।


ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ଅଭିଷେକ ନାୟାର।

# ଦିଲ୍ଲୀ କୋଚ୍‌ଙ୍କୁ ଜରିମାନା

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆଚରଣସଂହିତା ଉଲ୍ଲଂଘନ କରିଥିବା ଅଭିଯୋଗରେ ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କୋଚ୍ ମୁନାଫ ପଟେଲଙ୍କୁ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏଥି ସହିତ ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ସ ପଏଣ୍ଟ ଯୋଗ କରାଯାଇଛି। ବୁଧବାର ରାତିରେ ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିଥିଲା। ଏଥିରେ ଉଭୟ ଦଳ ସମାନ ୧୮୮ ରନ କରିବାରୁ ମ୍ୟାଚ ଟାଇ ହୋଇଥିଲା। ଫଳରେ ସୁପର ଓଭରରେ ଫଳାଫଳ ପଇସଲା ହୋଇଥିଲା। ଏହି ମ୍ୟାଚରେ ମୁନାଫ ଆପିଏଲ୍ ଆଚରଣ ସଂହିତାର ଧାରା ୨.୨୦ର ଉଲ୍ଲଂଘନ କରିଥିଲେ। ଭାରତର ପୂର୍ବତନ ପେସ୍ ବୋଲର ତାଙ୍କ ଭୁଲ୍ ସ୍ୱୀକାର କରିନେବାରୁ ଆନୁଷ୍ଠାନିକ ଶୁଣାଣି ଆବଶ୍ୟକ ପଡ଼ି ନ ଥିଲା। ମ୍ୟାଚ ବେଳେ ମୁନାଫ କ'ଣ ଦୋଷ କରିଥିଲେ ଯଦିଓ ତାହା ସ୍ପଷ୍ଟ କରାଯାଇ ନାହିଁ। ମୁନାଫ ଖେଳ ମଝିରେ ଜଣେ ଖେଳାଳିଙ୍କ ଜରିଆରେ ପଡ଼ିଆ ମଧ୍ୟକୁ ଏକ ବାର୍ତ୍ତା ପଠାଇବାକୁ ଚାହୁଁଥିଲେ। ମାତ୍ର ତାଙ୍କୁ ଅନୁମତି ନ ମିଳିବାରୁ ମ୍ୟାଚ ଅଫିସିଆଲଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏହି କାରଣ ପାଇଁ ତାଙ୍କୁ ଦଣ୍ଡିତ କରାଯାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ଏମ୍‌ଏସ୍ ଧୋନୀଙ୍କ ନେତୃତ୍ୱରେ ୨୦୧୧ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ମୁନାଫ୍ ଥିଲେ ଅନ୍ୟତମ ପ୍ରମୁଖ ସଦସ୍ୟ।


ମୁନାଫ ପଟେଲ

# ତନ୍‌ଭୀ, ଅନାହତ୍ କ୍ୱାର୍ଟରଫାଇନାଲରେ

କୁଆଲାଲମ୍ପୁର, ୧୭।୪ (ପି.ଟି.)

ଭାରତୀୟ ସ୍କ୍ୱାଶ ଖେଳାଳି ତନ୍‌ଭୀ ଖାନ୍ନା ଓ ଅନାହତ୍ ସିଂ ଏଠାରେ ଚାଲିଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ କ୍ୱାଲିଫାଇଂ ଇଭେଣ୍ଟ (ଏସିଆ)ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୧୩୪ତମ ର୍ୟାଙ୍କିଙ୍ଗପ୍ରାପ୍ତ ତନ୍‌ଭୀ ଟପ୍ ସିଡ୍ ତଥା ୭୬ତମ ର୍ୟାଙ୍କିଙ୍ଗ ହଂକଂର ଏନ୍. ଟିଙ୍ଗ୍ ଚେଙ୍ଗଙ୍କୁ ୩-୧ (୧୧-୭, ୧୧-୮, ୮-୧୧, ୧୨-୧୦)ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ହଂକଂର ହେଲେନ ଟାଙ୍ଗ୍ (୯୭ତମ ର୍ୟାଙ୍କିଙ୍ଗ)ଙ୍କୁ ଭେଟିବେ। ଅନ୍ୟ ଏକ ଓପନିଂ ରାଉଣ୍ଡ ମ୍ୟାଚରେ ଅନାହତ ସିଂ (୬୩ତମ ନମ୍ବର) ତାଙ୍କଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଫିଲିପାଇନ୍ସର ଜେମିକା ଆରିବାଡୋ (୧୨୬ ନମ୍ବର)ଙ୍କୁ ୩-୦ (୧୧-୪, ୧୧-୫, ୧୧-୭)ରେ ପରାସ୍ତ କରିଛନ୍ତି। ଅନାହତ୍ କ୍ୱାର୍ଟରଫାଇନାଲରେ ଜାପାନିଜ ପ୍ରତିଦ୍ୱନ୍ଦ୍ୱୀ ଆକାରୀ ମିଦୋରିକାୱାଙ୍କୁ ଭେଟିବେ। ଦ୍ୱିତୀୟ ସିଡ୍ ଆକାଂକ୍ଷା ଶାଲୁଙ୍ଖେ (୭୦ ନମ୍ବର) ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଜାପାନର ରିସା ସୁଗିମାତୋଙ୍କୁ ୩-୦ (୧୧-୪, ୧୧-୩, ୧୧-୮)ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ୬ଷ୍ଠ ସିଡ୍ ସିଙ୍ଗାପୁରର ୱାଇ ୟାହାନ ଆଉ ୟେଙ୍ଗଙ୍କ ସହ ମୁକାବିଲା କରିବେ। ପୁରୁଷ ପ୍ରତିଯୋଗିତାରେ ୬୩ତମ ର୍ୟାଙ୍କିଙ୍ଗ ବୀର୍ ଛୋଟ୍ରାନୀ ତାଙ୍କଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ମାଲେସିଆର ଓଙ୍ଗ୍ ସାଇ ହଙ୍ଗଙ୍କୁ ୩-୦ (୧୧-୭, ୧୧-୮, ୧୪-୧୨)ରେ ପରାସ୍ତ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଆମେଲିଆର ଅନ୍ୟ ଜଣେ ମହମ୍ମଦ ସ୍ୟାଫିକ୍ କମଲଙ୍କୁ ଭେଟିବେ।

# ବ୍ୟାଟ୍ ଯାଞ୍ଚ କଡ଼ାକଡ଼ି

**ମୁମ୍ବାଇ,୧୭।୪:** ଗତ ସପ୍ତାହରେ ବସିଥିବା ଆଇପିଏଲ୍ ଅମ୍ପାୟରଙ୍କ ରିଭ୍ୟୁ ମିଟିଂରେ ବ୍ୟାଟ୍ ଯାଞ୍ଚକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ବ୍ୟାଟରଙ୍କ ଇନିଂସ ଆରମ୍ଭ ହେବା ପୂର୍ବରୁ ସେମାନଙ୍କ ବ୍ୟାଟ୍‌କୁ ଯାଞ୍ଚ କରାଯିବ। ଓପନରମାନେ ଫିଲ୍ଡକୁ ଆସିବା ପୂର୍ବରୁ ଚତୁର୍ଥ ଅମ୍ପାୟର ସେମାନଙ୍କ ବ୍ୟାଟ୍ ଯାଞ୍ଚ କରିବେ। ଅନ୍ୟ ବ୍ୟାଟରଙ୍କ ବ୍ୟାଟ୍‌ର ଯାଞ୍ଚ ଅନ-ଫିଲ୍ଡ ଅମ୍ପାୟର କରିବେ।

ଗତ ମଙ୍ଗଳବାର ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ସୁନୀଲ ନାରିନ ଓ ଆନରିଚ ନର୍କିଆଙ୍କ ବ୍ୟାଟ ଗେଜ ଟେଷ୍ଟରେ ବିଫଳ ହୋଇଥିଲା। ସେହିଭଳି ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ବ୍ୟାଟର ରିୟାନ ପରାଗ ମଧ୍ୟ ଗେଜ ଟେଷ୍ଟରେ ଫେଲ୍ ହୋଇଥିଲେ। ନିୟମ ମୁତାବକ, ବ୍ୟାଟ୍‌ର ଚଉଡ଼ା ୪.୨୫ ଇଞ୍ଚ, ବ୍ୟାଟ୍ ମଝିରେ ଗଭୀରତା ୨.୬୪ ଇଞ୍ଚ ଓ ଧାରର ମୋଟେଇ ୧.୫୬ ଇଞ୍ଚରୁ ଅଧିକ ହୋଇପାରିବ ନାହିଁ। ଏଥିସହିତ ବ୍ୟାଟ୍ ଗେଜ ମଧ୍ୟ ଦେଇ ଅତିକ୍ରମ କରିପାରୁଥିବା ଦରକାର। ଏହାବାଦ୍ ବ୍ୟାଟ୍‌ର ହ୍ୟାଣ୍ଡେଲ ବ୍ୟାଟ୍‌ର ମୋଟ ଉଚ୍ଚତାର ୫୨ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। ବ୍ୟାଟ୍‌ର ଧାରକୁ କଭର କରୁଥିବା ସାମଗ୍ରୀର ମୋଟେଇ ୦.୧ ସେଣ୍ଟି ମିଟରଠାରୁ ଅଧିକ ହୋଇପାରିବ ନାହିଁ। ବ୍ୟାଟ୍‌ର ଟୋକୁ ସୁରକ୍ଷିତ ରଖିବା ଲାଗି ବ୍ୟବହୃତ କରାଯାଉଥିବା ସାମଗ୍ରୀର ମୋଟେଇ ୦.୩ ସେମିରୁ ଅଧିକ ହୋଇପାରିବ ନାହିଁ। ବ୍ୟାଟର ବ୍ୟାଟିଂ ଲାଗି ଆସିବା ପୂର୍ବରୁ ଅମ୍ପାୟର ବ୍ୟାଟ୍ ଯାଞ୍ଚ କରିବେ ବୋଲି ପ୍ରତ୍ୟେକ ଦଳକୁ ଜଣାଇ ଦିଆଯିବ।

# ଜାତୀୟ ବଧିର କ୍ରିକେଟ ପାଇଁ ଓଡ଼ିଶା ଦଳ ଘୋଷିତ


କର୍ମକର୍ତ୍ତାଙ୍କ ସହ ଓଡ଼ିଶା ବଧିର କ୍ରିକେଟ ଦଳର ଖେଳାଳିମାନେ।

ଭୁବନେଶ୍ୱର, ୧୭।୪ (ତପନ ସ୍ୱାଇଁ)

ହରିୟାଣାର ଗୁରୁଗ୍ରାମସ୍ଥିତ କଦରପୁରଠାରେ ଚଳିତ ମାସ ୧୯ରୁ ୨୫ ପର୍ଯ୍ୟନ୍ତ ୮ମ ଜାତୀୟ ବଧିର ଟି୨୦ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଗୁରୁବାର ଓଡ଼ିଶା ବଧିର ସ୍ପୋର୍ଟ୍ସ କାଉନ୍ସିଲ ପକ୍ଷରୁ ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳ ମନୋନୟନ ପାଇଁ ଏକ ଚୟନ ଟ୍ରାଏଲ୍ସ ଓ ପ୍ରଶିକ୍ଷଣ ଶିବିର ଗତ ୧୦ରୁ ୧୬ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦର୍ଶନ ଭିତ୍ତିରେ ଖେଳାଳି ଚୟନ ହୋଇଛି। ଜୟପ୍ରକାଶ ସାହୁ ଓଡ଼ିଶା ବଧିର କ୍ରିକେଟ ଦଳର ନେତୃତ୍ୱ ନେବେ। ମନୋନୀତ ଓଡ଼ିଶା ଦଳ ଗୁରୁଗ୍ରାମ ଯାତ୍ରା କରିଛି ବୋଲି ରାଜ୍ୟ ଆସୋସିଏଶନ ସଭାପତି ଅସିତ ମିଶ୍ର ଓ ସାଧାରଣ ସମ୍ପାଦକ ନିରଞ୍ଜନ ଜୋଶୀ ପ୍ରକାଶ କରିଛନ୍ତି।

**ଓଡ଼ିଶା ଦଳ:** ଜୟପ୍ରକାଶ ସାହୁ (ଅଧିନାୟକ), ରଜତ କୁମାର ବେହେରା, ଛବିଲାଲ ଖରସେଲ, ରୁଦ୍ରମଣି ଜେନା, ସୁଜିତ ମହାନ୍ତି, ପ୍ରକାଶ ରାଉତ, ନିଲୁ ମହନ୍ତ, ଅସିଫ ଶରିଫ, ଶଙ୍କର ବାଘା, ମଦନ ମୋହନ ଦାସ, ମାନସ ରଞ୍ଜନ ସାହୁ, ସନ୍ଦୀପ ଜେନା, ବିପିନ ବିହାରୀ ସାହୁ, ପଦ୍ମଲୋଚନ ରାଉତରାୟ, ପ୍ରଦୀପ୍ତ କୁମାର ହୋତା। କୋଚ୍: ଜିତେନ୍ଦ୍ର ନନ୍ଦ।

# ୮୪.୫୨ ମିଟର ଥ୍ରୋ ସହିତ ନୀରଜଙ୍କ ସିଜନ ଆରମ୍ଭ

ନୂଆଦିଲ୍ଲୀ,୧୭।୪(ପି.ଟି.)

ଦୁଇ ଥର ଅଲିମ୍ପିକ୍ ମେଡାଲିଷ୍ଟ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଦକ୍ଷିଣ ଆଫ୍ରିକାର ପୋଚେଫଷ୍ଟ୍ରୁମଠାରେ ପୋଚ ଇଭାଇଟେଶନାଲ ଟ୍ରାକ ଇଭେଣ୍ଟ ଜିତି ସିଜନ ଆରମ୍ଭ କରିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ଚ୍ୟାଲେଞ୍ଜର ଇଭେଣ୍ଟରେ ନୀଜର ୮୪.୫୨ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦକ୍ଷିଣ ଆଫ୍ରିକାର ଡୌ ସ୍ମିଥ (୮୨.୪୪ ମି.) ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ଚୋପ୍ରା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ରେକର୍ଡ ୮୯.୯୪ ମି.ଠାରୁ ଖୁବ୍ ଦୂରରେ ରହିଥିଲେ। କେବଳ ଚୋପ୍ରା ଓ ସ୍ମିଥ ପ୍ରତିଯୋଗିତାରେ ୮୦ ମିଟର ମାର୍କ ଅତିକ୍ରମ କରିଥିଲେ। ଦକ୍ଷିଣ ଆଫ୍ରିକାର ଅନ୍ୟତମ ଜାଭେଲିନ ଥ୍ରୋୟର ଡନକାନ ରବର୍ଟସନ ୭୧.୨୨ ମି. ସହ ତୃତୀୟ ସ୍ଥାନରେ ରହିଥିଲେ।



ନୀରଜ ଚୋପ୍ରା

୨୭ ବର୍ଷୀୟ ନୀରଜ ପୋଚେଫଷ୍ଟ୍ରୁମଠାରେ ନୂଆ କୋଚ୍ ଚେକ ଗଣତନ୍ତ୍ରର ୩ ଥରର ଅଲିମ୍ପିକ ଚାମ୍ପିୟନ ଓ ବିଶ୍ୱ ରେକର୍ଡଧାରୀ ଜାନ ଜେଲେଜନିଙ୍କ ମାର୍ଗଦର୍ଶନରେ ଟ୍ରେନିଂ କରୁଛନ୍ତି। ସେ ମେ ୧୬ରେ ଦୋହା ଡାଇମଣ୍ଡ ଲିଗ୍ ଅଂଶଗ୍ରହଣ କରିବା ସହ ଏଲିଟ ସ୍ତରରେ ଅଭିଯାନ ଆରମ୍ଭ କରିବେ।

# ଫ୍ରେଞ୍ଚ ଓପନରେ ନାଡାଲଙ୍କୁ ସମ୍ମାନିତ କରାଯିବ

ପ୍ୟାରିସ,୧୭।୪(ଏପି)

ଆସନ୍ତା ମେ' ୨୫ ତାରିଖରେ ଫ୍ରେଞ୍ଚ ଓପନ ତଥା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଆରମ୍ଭ ହେବ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିନ ଅବସରପ୍ରାପ୍ତ ୧୪ ଥରର ଚାମ୍ପିୟନ ରାଫେଲ ନାଡାଲଙ୍କୁ ସମ୍ମାନିତ କରାଯିବ।

ରାଫା ଫ୍ରେଞ୍ଚ ଓପନ ଇତିହାସରେ ଅନେକ ବାଟରେ ନିଜ ଚିହ୍ନ ଛାଡ଼ି ଯାଇଛନ୍ତି। ଏଥିଯୋଗୁ ତାଙ୍କ ସମ୍ମାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ଆମେ ତାଙ୍କୁ ସ୍ୱତନ୍ତ୍ର ଓ ଅସାଧାରଣ ଭାବେ ସମ୍ମାନିତ କରିବାକୁ ଚାହୁଁ। ଆମେ ତାଙ୍କୁ ଗତବର୍ଷ ସମ୍ମାନିତ କରିବାକୁ ଚାହୁଁଥିଲୁ। କିନ୍ତୁ ସେ ସେହି ସମୟରେ ମନା କରିଥିଲେ। କାରଣ ତାହା ତାଙ୍କର ଅନ୍ତିମ ରୋଲାଣ୍ଡ ଗାରୋସ ଥିଲା ବୋଲି ସେ ନିଶ୍ଚିତ ନ ଥିଲେ। ବର୍ତ୍ତମାନ ସେ ଅବସର ନେଇସାରିଛନ୍ତି ଏବଂ ସେ ଏବେ ଏହାକୁ ଖୁସିରେ ଗ୍ରହଣ କରିବେ ବୋଲି ଫ୍ରେଞ୍ଚ ଓପନ ଡାଇରେକ୍ଟର ଆମେଲିଏ ମାଉରେସମୋ କହିଛନ୍ତି। ୨୨ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଗତ ବର୍ଷ ଡିସେମ୍ବରରେ କୋର୍ଟରୁ ଅବସର ଘୋଷଣା କରିଥିଲେ। ତାଙ୍କ ନାମରେ ସର୍ବାଧିକ ୧୪ଥର ଫ୍ରେଞ୍ଚ ଓପନ ଜିତିବାର ରେକର୍ଡ ରହିଛି। ସେ ଅନ୍ତିମ ଥର ୨୦୨୪ରେ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଏହି ସଂସ୍କରଣରେ ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ।

# ଡାଇମଣ୍ଡ ଲିଗ୍‌ରେ ଭାଗନେବେ ସାବ୍‌ଲେ

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ଏପ୍ରିଲ ୨୬ରେ ଚାଇନାର ଜିଆମେନ୍‌ଠାରେ ହେବାକୁଥିବା ସିଜନ ଓପନିଂ ଡାଇମଣ୍ଡ ଲିଗ୍ ମିଟିଂରେ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ଆଗଧାଡ଼ି ଆଥ୍‌ଲେଟମାନେ ଭାଗ ନେବେ। ସେମାନଙ୍କ ମଧ୍ୟରେ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମରକ୍କୋର ସୋଫିଆନେ ଏଲ୍ ବାକାଲି ରହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ଓ ୱାର୍ଲ୍ଡ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା କେନିଆର ଆବ୍ରାହମ କିବିଓଟ୍ ମଧ୍ୟ ଏଥିରେ ଭାଗନେବେ। ଏହି ଷ୍ଟିପଲଚେଜର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାବ୍‌ଲେଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଡାଇମଣ୍ଡ ଲିଗ୍ ଫାଇନାଲ ପରେ ସାବ୍‌ଲେ ପ୍ରଥମ ଥର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଗତଥର ସେ ୮ ମିନିଟ ଓ ୧୭.୦୯ ସେକେଣ୍ଡ ଟାଇମିଂରେ ୯ମ ସ୍ଥାନରେ ରହିଥିଲେ। ୮:୦୯.୯୧ ଟାଇମିଂ ସହ ଜାତୀୟ ରେକର୍ଡ କରିଥିବା ୩୦ ବର୍ଷୀୟ ସାବ୍‌ଲେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୮:୧୪.୧୮ ଟାଇମିଂ ସହ ୧୧ଶ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଟାଇମିଂକୁ ଭିତ୍ତିକରି ସାବ୍‌ଲେ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ସେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ କୋଚିରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଭାଗ ନେଇପାରିବେ ନାହିଁ, ଯାହାକି ଆସନ୍ତା ମାସରେ କୋରିଆରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପାଇଁ ଫାଇନାଲ ସିଲେକ୍ସନ ଇଭେଣ୍ଟ। ସୂଚନାଯୋଗ୍ୟ, ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବାଲାଗି ମନୋନୀତ ହେବାକୁ ଚାହୁଁଥିବା ଆଥ୍‌ଲେଟମାନଙ୍କ ଲାଗି ଫେଡେରେଶନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ କରିଛି। ତେବେ ଯେଉଁମାନେ ଅନୁମତି ନେଇ ବିଦେଶରେ ଟ୍ରେନିଂ ନେଉଥିବେ କିମ୍ବା କୌଣସି ପ୍ରତିଯୋଗିତାରେ ଭାଗ ନେଉଥିବେ ସେମାନଙ୍କ ଲାଗି ଏହି ନିୟମ କୋହଳ କରାଯାଇଛି।



ଅବିନାଶ ସାବ୍‌ଲେ

# ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, ପାରାଦୀପ ବିଜୟୀ

ଭୁବନେଶ୍ୱର, ୧୭।୪ (ବିଜୟ ରଣା)

ଓସିଏ ଅନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟର ପ୍ରିମିୟର ଲିଗ୍-୨୦୨୫ର ପ୍ରଥମ ପର୍ଯ୍ୟାୟ (ଗ୍ରୁପ୍-ଏ, ବି ଓ ସି)ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ବଲାଙ୍ଗୀର, ବାଲେଶ୍ୱର, ମୟୂରଭଞ୍ଜ ସମ୍ବଲପୁର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପାରାଦୀପ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକ ସନ୍‌ସାଇନ୍ ଗ୍ରାଉଣ୍ଡରେ ଝାରସୁଗୁଡ଼ା ବିପକ୍ଷ ମ୍ୟାଚରେ ବଲାଙ୍ଗୀର ୮ ଉଇକେଟରେ ବିଜୟ ଲାଭ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ମାତ୍ର ୩୭ ରନ କରିଥିଲା। ଟପ୍ ସ୍କୋରର ଶିତଲ ଜୟସ୍ୱାଲ ୧୯ ରନ କରିଥିଲେ। ରାମେଶ୍ୱରୀ ନାଏ (୪-୨-୩-୨) ଓ ସାରଦା ମହାନନ୍ଦ (୪-୨-୩-୨) ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବଲାଙ୍ଗୀର ୬.୨ ଓଭରରେ ୨ ଉଇକେଟ ବିନିମୟରେ ୪୦ରନ କରି ମ୍ୟାଚ ଜିତି ନେଇଥିଲା। ଆଞ୍ଜେଲ ରାଜ ୧୮ରନ କରି ଅପରାଜିତ ରହିଥିଲେ। ସାରଦା ମହାନନ୍ଦ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ବାଲେଶ୍ୱର ୮ଉଇକେଟରେ ପୁରୀକୁ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ବିନିମୟରେ ୭୬ ରନ କରିଥିଲା। ଯୁବାଲିପି ପରିଡ଼ା ୨୪ ଓ ଚିରାଶ୍ରୀ ରାଉତ ୨୩ ରନ କରିଥିଲେ। ଏସ୍.ବି ଲରେନ୍ସ ୯ରନ ବିନିମୟରେ ୩ ଉଇକେଟ ଭୂମିକା ଦାସ ୨ ଉଇକେଟ ନେଇଥିଲେ। ବାଲେଶ୍ୱର ୧୧.୪ ଓଭରରେ ୨ ଉଇକେଟ ବିନିମୟରେ ୭୫ ରନ କରି ମ୍ୟାଚ ଜିତି ନେଇଥିଲା। ଟପ୍ ସ୍କୋରର ଅଞ୍ଜଳୀ ସିଂ ୩୦(୨୬) ରନ କରିଥିଲେ। ଲରେନ୍ସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ମୟୂରଭଞ୍ଜ ୬୮ରନରେ ଅନୁଗୋଳକୁ ହରାଇ ଦେଇଛି। ମୟୂରଭଞ୍ଜ ୬ଉଇକେଟ ବିନିମୟରେ ୧୩୦ରନ କରିଥିଲା। ସୁନିଧି ଜେନା ସର୍ବାଧିକ ୪୨ ରନ କରିଥିଲେ। ଜବାବରେ ଅନୁଗୋଳ ମାତ୍ର ୬୨ ରନ କରି ଅଲଆଉଟ ହୋଇଯାଇଥିଲା। ସୁନିଧି


ଆନ୍ତଃ ଜିଲା ମହିଳା କ୍ରିକେଟ ମ୍ୟାଚ୍‌ର ଏକ ଦୃଶ୍ୟ।

**ଆନ୍ତଃ ଜିଲା ମହିଳା କ୍ରିକେଟ**

ଜେନା (୪-୧-୬-୩) ଓ ଲକ୍ଷ୍ମୀପ୍ରିୟା ମହନ୍ତ (୪-୦-୧୧-୩) ପ୍ରତ୍ୟେକ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୁନିଧି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ନୟାଗଡ଼ ବିପକ୍ଷ ମ୍ୟାଚରେ ସମ୍ବଲପୁର ୧୦ ଉଇକେଟରେ ବିଜୟ ଲାଭ କରିଛି। ନୟାଗଡ଼ ୧୩.୧ ଓଭରରେ ୩୨ ରନ କରି ଅଲଆଉଟ ହୋଯାଇଥିଲା। ବର୍ଷା ସିଂ ଓ ଅନନ୍ୟା ୩ଟି ଲେଖାଏଁ ଉଇକେଟ ନେଇଥିଲେ। ସମ୍ବଲବପୁର ମାତ୍ର ୩ ଓଭରରେ ବିନା କୌଣସି ଉଇକେଟରେ ବିଜୟ ଲାଭ କରିଥିଲା। ବର୍ଷା ସିଂ (୩-୧-୮-୩) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଭୁବନେଶ୍ୱର ୮ ଉଇକେଟରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ସୁନ୍ଦରଗଡ଼ ୫ଉଇକେଟ ବିନିମୟରେ ୬୧ ରନ କରିଥିଲା। ଭୁବନେଶ୍ୱର ୯.୫ ଓଭରରେ ୨ଉଇକେଟ ବିନିମୟରେ ୬୨ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ଜିଏମ୍ ଅଲକାନନ୍ଦା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୪ ରନ କରି ଅପରାଜିତ ରହିବା ସହ ଗୋଟିଏ ଉଇକେଟ ନେଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ କଟକ ୬୦ରନରେ ବରଗଡ଼କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା କଟକ ୫ଉଇକେଟରେ ୧୧୪ ରନ କରିଥିଲା। ଟପ୍ ସ୍କୋରର ଶୁଭ୍ରା ସ୍ୱାଇଁ ୩୩ (୨୩ ବଲ୍) ରନ କରି ଅପରାଜିତ ରହିଥିଲେ। ବରଗଡ଼ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୫୪ ରନ କରିଥିଲା। କଟକ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ରିୟଙ୍କା ୧୧ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଖୋର୍ଦ୍ଧା ୪ ଉଇକେଟରେ ସୋନ୍‌ପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସୋନ୍‌ପୁର ୨ଉଇକେଟହରାଇ ୭୩ ରନ କରିଥିଲା। ଜବାବରେ ଖୋର୍ଦ୍ଧା ୧୫ ଓଭରରେ ୬ଉଇକେଟ ହରାଇ ୭୪ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ଟପ୍ ସ୍କୋରର ବିଜୟ ଲକ୍ଷ୍ମୀ ବେହେରା ୨୫ ରନ କରିଥିଲେ। ଏଥିରେ ପରାଜିତ ଦଳର ପ୍ରିୟଙ୍କା ସୁପାମାଝି (୪-୦-୨୪-୩) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ କୋରାପୁଟ ବିପକ୍ଷରେ ପାରାଦୀପ ୮ଉଇକେଟରେ ବିଜୟୀ ହୋଇଛି। କୋରାପୁଟ ସମସ୍ତ ଉଇକେଟ ହରାଇ ମାତ୍ର ୪୩ ରନ କରିଥିଲା। ଜବାବରେ ପାରାଦୀପ ୪.୫ ଓଭରରେ ୨ଉଇକେଟ ବିନିମୟରେ ୪୪ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ବିଜୟୀ ଦଳର ଅନ୍ୱେଶା ସ୍ୱାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ୮ ରନ କରି ଅପରାଜିତ ରହିବା ସହ ୯ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ।

**ଓଲଟିଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଚାଳକ**

କାମାକ୍ଷାନଗର,(ସୁଧୀର ପରିଡ଼ା): ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ଅନ୍ତର୍ଗତ ୧୪୯ ନମ୍ବର ଜାତୀୟ ରାଜପଥ ଭେଜିଆ ଛକ ନିକଟରେ ଏକ ସାର ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାତଳକୁ ଓଲଟି ପଡ଼ିଛି। ସେହି ରାସ୍ତାଦେଇ ଯାଉଥିବା ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ ମହାବିରୋଡ ଥାନା ଅଧିକାରୀ କାଶୀନାଥ ହାଁସଦାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଓ ଜିଲା ପରିଷଦଙ୍କ ଉଦ୍ୟମରେ ଗୁରୁତର ଚାଳକଙ୍କୁ ମେଡିକାଲ ପଠାଯାଇଛି।

# ଟ୍ରାକ୍ଟର ଧକ୍କାରେ ଯୁବକ ମୃତ, ଉତ୍ତେଜନା

**କ୍ଷତିପୂରଣ ଦାବି, ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ପ୍ରତିବାଦରେ ରାସ୍ତାରୋକୋ**

ଢେଙ୍କାନାଳ,୧୭।୪(ରତନ ନାୟାର)



ଦୁର୍ଘଟଣା ଘଟାଇ ଟ୍ରାକ୍ଟରଟି ଦୋକାନ ଭିତରକୁ ପଶିଯାଇଛି।

ଢେଙ୍କାନାଳ ସହର ଜବହାରଚୌକ ଓ ମିନାବଜାର ମଧ୍ୟବର୍ତ୍ତୀ ଅଞ୍ଚଳ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଏକ ଟ୍ରାକ୍ଟର ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ହିତିକ୍ ତାନା(୨୨) ନାମକ ଯୁବକଙ୍କ ଜୀବନ ଯାଇଛି। ଟ୍ରାକ୍ଟରଟି ଯୁବକଙ୍କୁ ଧକ୍କା ଦେଇ ଏକ ଦୋକାନ ଭିତରକୁ ପଶି ଯାଇଥିବା ଦେଖାଯାଇଛି। ସହରର ପ୍ରମୁଖ ଅଞ୍ଚଳରେ ଟ୍ରାକ୍ଟର ଚାଳକଙ୍କ ଏପରି ବେପରୁଆ ଗାଡ଼ିଚାଳନାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିବା ସହ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ପ୍ରତିବାଦରେ ଦେଢ଼ଘଣ୍ଟା ଧରି ପ୍ରମୁଖ ରାସ୍ତାକୁ ଅବରୋଧ କରିଥିଲେ।

ଘଟଣାରୁ ଜଣାପଡ଼ିଛି, ମିନାବଜାର ଅଞ୍ଚଳରେ ଭଡ଼ାଘରେ ରହୁଥିବା ଯୁବକ ହିତିକ ଆଳୁ କିଣିବା ପାଇଁ ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳକୁ ଆସିଥିଲେ। ସେ ଏକ ଚପଲ ଦୋକାନ ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଏକ ଟ୍ରାକ୍ଟର ୨ଟି ସାଇକେଲ ସହ ତାଙ୍କୁ ଧକ୍କାଦେଇ ଦୋକାନ ଭିତରକୁ ପଶି ଯାଇଥିଲା। ହିତିକ ଟ୍ରାକ୍ଟର ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିଥିଲେ। ଉତ୍ତ୍ୟକ୍ତ ଲୋକେ ନିଶାସକ୍ତ ଟ୍ରାକ୍ଟର ଚାଳକଙ୍କୁ ନିସ୍ଥୁକ ମାଡ଼ମାରି ପୋଲିସ ଜିମା ଦେଇଥିଲେ। ଦୁର୍ଘଟଣାରେ ଟ୍ରାକ୍ଟର ଚାଳକ ଆହତ ହୋଇଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାର ପ୍ରତିବାଦରେ ଉତ୍ତ୍ୟକ୍ତ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ଖବରପାଇ ସଦର ତହସିଲଦାର ସ୍ୱାଧୀନ ବେହେରା, ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଚତୁଃଦିଗରୁ ୪ଟି ରାସ୍ତା ପ୍ରମୁଖ ରାସ୍ତାକୁ ସଂଯୋଗ କରୁଥିବାରୁ ବହୁବାର ଦୃଷ୍ଟି ଆକର୍ଷଣ କରାଯିବା ପରେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ ଏଠାରେ ଟ୍ରାଫିକ କର୍ମଚାରୀ ନିୟୋଜିତ ନ କରିବା ଏବଂ ବିଶେଷକରି ପୂର୍ବାହ୍ନ ୧୧ଟା ପରେ ସହରର କୌଣସି ସ୍ଥାନରେ ଟ୍ରାଫିକ କର୍ମଚାରୀ ନ ରହିବା ଆଦିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରର ବୀମା ନ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବା ସହ ଏ ସମ୍ପର୍କରେ ଅଧିକ ତଦନ୍ତ କରୁଛି। ଏଥିସହ ନିଶାଶକ୍ତ ଭାବେ ଚାଳକ ସହର ମଧ୍ୟରେ କିପରି ଭାବେ ଟ୍ରାକ୍ଟର ଚାଳନା କରୁଥିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରାଫିକ ବ୍ୟବସ୍ଥା ନାମରେ ଅଧିକାଂଶ କର୍ମଚାରୀ ଟ୍ରାଫିକ ପୋଷ୍ଟ ନିକଟରେ ଘଣ୍ଟାଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଏସ୍‌ପି ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିବା ସହ ନଂ.୨୩୭।୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅଫିସ ସମୟରେ ଖାଲିପଡୁଛି ଚୌକି

- ଠିକ୍ ସମୟରେ ବ୍ଲକ୍ କାର୍ଯ୍ୟାଳୟକୁ ଆସୁନାହାନ୍ତି ଅଧିକାରୀ, କର୍ମଚାରୀ
- ହଇରାଣ ହେଉଛନ୍ତି ଅଭିଯୋଗ ନେଇ ଆସୁଥିବା ଲୋକେ

କାମାକ୍ଷାନଗର,୧୭।୪(ସୁଧୀର ପରିଡ଼ା)



୧୭ ତାରିଖ ସକାଳ ୭ଟା ୪୩ରେ ବିଡିଓଙ୍କ ଆସନ ଖାଲି ପଡ଼ିଛି।

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ କାର୍ଯ୍ୟାଳୟକୁ ଠିକ୍ ସମୟରେ ଅଧିକାରୀ ଓ କେତେଜଣ କର୍ମଚାରୀ ଆସୁ ନ ଥିବା ଅଭିଯୋଗ ହେଉଛି। ଫଳରେ ବିଭିନ୍ନ କାର୍ଯ୍ୟ ନେଇ ଦୂରଦୂରାନ୍ତର ଆସୁଥିବା ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯେ, ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ସକାଳ ୭ରୁ ଅପରାହ୍ନ ୧ ପର୍ଯ୍ୟନ୍ତ ଚାଲିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ କଙ୍କଡ଼ାହାଡ଼ ବ୍ଲକର ଅଧିକାରୀ ଓ କର୍ମଚାରୀ ଏହି ନିୟମକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ଗୁରୁବାର ସକାଳ ୮ବେଳେ କାର୍ଯ୍ୟାଳୟର ଅନେକ ଅଧିକାରୀ ଓ କର୍ମଚାରୀଙ୍କ ଚୌକି ଖାଲି ପଡିଥିବା ଦେଖିବାକୁ ମିଳିଥିଲା। ଏପରି କି ବିଡିଓଙ୍କ ଆସନ ମଧ୍ୟ ଖାଲି ପଡ଼ିଥିଲା। ସେହିପରି ସଂସ୍ଥା ଉପ ବିଭାଗ, ବିତ୍ତ ଉପ ବିଭାଗ, ଗ୍ରାମୀଣ ଆବାସ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ଯନ୍ତ୍ରୀ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ଜୀବିକା ମିଶନ, ଉନ୍ନୟନ ଉପ ବିଭାଗ ଭଳି କାର୍ଯ୍ୟାଳୟରେ କେବଳ ଚୌକି ଦେଖିବାକୁ ମିଳିଥିଲା। ସେହିପରି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ କାର୍ଯ୍ୟାଳୟ ସକାଳ ୯ ପର୍ଯ୍ୟନ୍ତ ଖୋଲା ନ ଥିବା ବେଳେ କାର୍ଯ୍ୟାଳୟ ଭିତରେ ଜଣେ ଶୋଇଥିବା ଦେଖିବାକୁ ମିଳିଥିଲା। ଏହି ବ୍ଲକକୁ ଆକାଂକ୍ଷା ବ୍ଲକ ଭାବେ ମନୋନିତ କରାଯାଇ ଅନ୍ୟ ବିକଶିତ ଅଞ୍ଚଳ ଭଳି ଆଗେଇ ନେବା ପାଇଁ ପ୍ରଶାସନିକ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଠି ଅଧିକାରୀ ଓ କର୍ମଚାରୀଙ୍କ ତଦାରଖ ଅଭାବରୁ ଅନେକ ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି। କାମାକ୍ଷାନଗର ଉପଜିଲାପାଳ ଦିନାମଣି ନାୟକ କହିଛନ୍ତି, ଏ ସମ୍ପର୍କରେ ବିଡିଓଙ୍କ ସହିତ ଆଲୋଚନା କରାଯିବ। ସରକାରଙ୍କ ନିୟମ ଅନୁସାରେ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିବେ।

# ଏନ୍‌ଜିଟିର ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

**ରାଜସ୍ୱ ଓ ଜଙ୍ଗଲ ଜମିରେ ହୋଟେଲ ଗୃହ, ଭାରିଯାନ ପାର୍କିଂ ମାମଲା**

ପରଜଙ୍ଗ,୧୭।୪(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ତହସିଲ କୁଆଲୋ ରାଜସ୍ୱ ନିରୀକ୍ଷକ ଅଧୀନ ପରମହଂସପୁର ଛକସ୍ଥିତ ୧୪୯ ନମ୍ବର ଜାତୀୟ ରାଜପଥ ନିକଟରେ ରାଜସ୍ୱ ଓ ଜଙ୍ଗଲ ଜମିରେ ବେଆଇନ ହୋଟେଲ ଗୃହ ନିର୍ମାଣ ଓ ଭାରିଯାନ ପାର୍କିଂକୁ ନେଇ ୟୁଥ୍ ୟୁନାଇଟେଡ୍ ଫର ସଷ୍ଟେନେବଲ ଏନଭାଇରମେଣ୍ଟ ଟ୍ରଷ୍ଟ ପକ୍ଷରୁ ଏନ୍‌ଜିଟିରେ ମାମଲା ରୁଜୁ କରାଯାଇଥିଲା। ଏହାର ତଦନ୍ତ ପାଇଁ ଜିଲା ପ୍ରଶାସନ ଓ ବନବିଭାଗକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ଗୁରୁତ୍ୱର ସହ ନେଇ ଏନଜିଟି ଢେଙ୍କାନାଳ ଜିଲାପାଳ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଚାରି ସପ୍ତାହ ମଧ୍ୟରେ ସତ୍ୟପାଠ ମାଧ୍ୟମରେ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ଢେଙ୍କାନାଳ ଏଡିଏମ୍ ଲଳିତ ମୋହନ ବେହେରା, ଏସିଏଫ ସତ୍ୟନାରାୟଣ ସାହୁ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ, ମହାବିରୋଡ୍ ରେଞ୍ଜର ହରେଶ କିଷାନ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସତ୍ୟପାଠ ମାଧ୍ୟମରେ ଏନଜିଟିଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଢେଙ୍କାନାଳ ଏଡିଏମ ଲଳିତ ମୋହନ ବେହେରା କହିଛନ୍ତି।

# ପଥର ମାଡ଼ରେ ପୋଲିସ, ପ୍ରଶାସନିକ ଅଧିକାରୀ ଲହୁଲୁହାଣ

- ନିଶ୍ଚିନ୍ତା ପାହାଡ଼ ବେଆଇନ ଖଣିରେ ଚଢ଼ାଉ ବେଳେ ବିରୋଧ
- ଜବତ ମେଶିନକୁ ଛଡାଇ ନେଲେ ଚୋରା ପଥର ବ୍ୟବସାୟୀ

ଢେଙ୍କାନାଳ,୧୭।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ନିହଲପ୍ରସାଦ ଥାନା ଅଞ୍ଚଳରେ ଥିବା ନିଶ୍ଚିନ୍ତା ପାହାଡ଼ ବେଆଇନ ପଥର ଖଣିରୁ ଗୁରୁବାର କଳାପଥର ଚୋରାଚାଲାଣ ବେଳେ ଚଢ଼ାଉ କରିଥିବା ପ୍ରଶାସନ ଓ ପୋଲିସକୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ଜବତ ଏକ ଲୋଡର ମେଶିନକୁ ଚୋରା ପଥର ବ୍ୟବସାୟୀମାନେ ଛଡ଼ାଇ ନେବା ସହ ପଥର ମାଡ଼ କରିବାରୁ ପ୍ରଶାସନିକ ଓ ପୋଲିସ ଅଧିକାରୀ ଲହୁଲୁହାଣ ହୋଇଛନ୍ତି।

ଘଟଣାରୁ ଜଣାପଡିଛି, ନିଶ୍ଚିନ୍ତା ପାହାଡ଼ ଅଞ୍ଚଳରେ ଥିବା ବେଆଇନ ଖଣିରୁ ଚୋରା ପଥର ବ୍ୟବସାୟୀମାନେ କଳାପଥର ପଡ଼ୋଶୀ ଜିଲାକୁ ଚୋରା ଚାଲାଣ କରୁଛନ୍ତି। ଏଥିରେ ଉକ୍ତ ଅଞ୍ଚଳର କେତେଜଣ କ୍ରଶର ମାଲିକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ନବୀନ ନନ୍ଦ ବହୁବାର ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ଏପରିକି ଗୁରୁବାର ସକାଳେ ପୂର୍ବତନ ବିଧାୟକ ନନ୍ଦ ଏ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଇ-ମେଲ ଯୋଗେ ଜଣାଇବା ସହିତ ବନବିଭାଗ, ଖଣି ବିଭାଗ ଓ ରାଜସ୍ୱ ବିଭାଗକୁ ଅଭିଯୋଗର ନକଲ ପ୍ରଦାନ କରିଥିଲେ। ଏହି ପାହାଡ଼ ଉପରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ବାରଣ ଏବଂ ଜିଲା ପ୍ରଶାସନର ୧୬୩ ଧାରା ଲାଗୁ ହୋଇଥିଲେ ମଧ୍ୟ ଚୋରାଚାଲାଣ ଚାଲିଥିବା ଅଭିଯୋଗ କରିଥିଲେ। ଖବର ପାଇବା ପରେ ଢେଙ୍କାନାଳ ଉପଜିଲାପାଳ, ଗଁଦିଆ ତହସିଲଦାର, ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀ ଏବଂ ନିହଲ ପ୍ରସାଦ ଥାନା ପୋଲିସ ଚଢ଼ାଉ କରିଥିଲେ। ଜଣେ କ୍ରଶର ମାଲିକଙ୍କ ଏକ ଲୋଡର ମେଶିନକୁ ଜବତ କରାଯାଇ ଅଣାଯାଉଥିବା ବେଳେ ବାଟରେ ଚୋରା ପଥର ବ୍ୟବସାୟୀମାନେ ତାହାକୁ ଛଡ଼ାଇ ନେଇଥିଲେ। ଏହାପରେ ଅତର୍କିତ ପଥର ମାଡ଼ କରିଥିଲେ। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା କହିଛନ୍ତି, ଅଭିଯୋଗ ପାଇବା ପରେ ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଚଢ଼ାଉ ହୋଇଥିଲା। ଜବତ ମେଶିନକୁ ଛଡାଇନେବା ସହ ପଥରମାଡ଼ କରାଯିବା ସଂକ୍ରାନ୍ତରେ ନିହଲ ପ୍ରସାଦ ଥାନାରେ ୩ଟି ମାମଲା ରୁଜୁ କରାଯାଇଛି। କାହାରିକୁ ଗିରଫ କରାଯାଇ ନାହିଁ। ଉପଜିଲାପାଳ ବିବୁଧ ଗଡ଼ନାୟକ କହିଛନ୍ତି, ପ୍ରଶାସନ ଓ ପୋଲିସ ପକ୍ଷରୁ ଚଢ଼ାଉ ହୋଇଥିଲା। ଗୋଟିଏ ଟ୍ରାକ୍ଟର ଜବତ କରି ଥାନା ଜିମାରେ ଦେଇ ପଳାଇ ଆସିଥିଲି। ଖଣି ଅଧିକାରୀଙ୍କୁ ପଚାରନ୍ତୁ କହି ସେ ପଥରମାଡ଼ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଖଣି ଅଧିକାରୀ ଡମ୍ବରୁଧର ମହନ୍ତଙ୍କୁ ତାଙ୍କ ମୋବାଇଲ ନଂ-୯୪୩୮୯୧୮୨୩୧ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଚଢ଼ାଉ ସମୟରେ ଚୋରା ପଥର ବ୍ୟବସାୟୀମାନେ ଆକ୍ରମଣ କରିଥିଲେ ହେଁ କାହାକୁ ଗିରଫ କରା ନ ଯିବା, ଖଣି ବିଭାଗ ଅଧିକାରୀମାନେ ନୀରବ ରହିବ ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

# ବାଲି ଚୋରା ଚାଲାଣ ରୋକିବାକୁ ରାସ୍ତାରେ ଗର୍ତ୍ତ



ବେଆଇନ ବାଲି ଉଠାଣ ରାସ୍ତାରେ ପ୍ରଶାସନ ଉପସ୍ଥିତିରେ ଗର୍ତ୍ତ ଖୋଳାଯାଉଛି।

ପରଜଙ୍ଗ,୧୭।୪(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପାଳସାହି ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ସମ୍ପର୍କରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପକ୍ଷରୁ ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲଙ୍କୁ ଅଭିଯୋଗ କରାଯିବା ପରେ ପଦକ୍ଷେପ ନେଇଛି ପ୍ରଶାସନ। ଗୁରୁବାର ଖଣି ଅଧିକାରୀ, ତହସିଲଦାର, ପୋଲିସ, ରାଜସ୍ୱ ନିରୀକ୍ଷକ ପାଳସାହି ବ୍ରାହ୍ମଣୀ ନଦୀ ବାଲି ପଠାରେ ଚଢ଼ାଉ କରିଥିଲେ। ସ୍ଥିତି ଅନୁଧ୍ୟାନ କରାଯିବା ପରେ ବେଆଇନ ବାଲି ଉଠାଣ ରୋକିବାକୁ ବାଲି ଉତ୍ତୋଳନ ରାସ୍ତାରେ ପ୍ରଶାସନ ଉପସ୍ଥିତିରେ ବିରାଟକାୟ ଗର୍ତ୍ତ ଖନନ କରାଯାଇଥିଲା। ପୂର୍ବରୁ ମଧ୍ୟ ଖଣି ବିଭାଗ ପକ୍ଷରୁ ଅନ୍ୟ ଏକ ସ୍ଥାନରେ ଚୋରା ବାଲି ଚାଲାଣ ରୋକିବାକୁ ରାସ୍ତାରେ ଗର୍ତ୍ତ ଖୋଳାଯାଇଥିଲା। ପୁନର୍ବାର ବେଆଇନ ବାଲି ଉତ୍ତୋଳନ ହେଲେ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ଉପନିର୍ଦ୍ଦେଶକ ସାମଲ ପ୍ରକାଶ କରିଛନ୍ତି।

# ବାଲି ବୋଝେଇ ହାଇୱା, ଜେସିବି ଜବତ

ପରଜଙ୍ଗ,୧୭।୪(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ବୁଧବାର ପାଟ୍ରୋଲିଂ କରୁଥିବାବେଳେ କୁଲେଇ ରାସ୍ତା ରଣା ସ୍ୱଞ୍ଜି ଆଇରନ୍ କାରଖାନା ନିକଟରେ ଏକ ବେଆଇନ ବାଲି ଭର୍ତ୍ତି ହାଇୱା ଓ କୁଲେଇ ଘାଟରୁ ଜେଶିବି ମେଶିନ ଜବତ କରିଛନ୍ତି। ଏଥିସହ ମେଶିନ ଅପରେଟର କୁଲେଇ ପାତ୍ର ସାହିର ସୌମ୍ୟରଞ୍ଜନ ପାତ୍ର ଏବଂ ହାଇୱା ଚାଳକ ସେହି ଗ୍ରାମର ନରେନ୍ଦ୍ର ଖଟୁଆଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନମ୍ବର ୧୭୮/୨୫ରେ ମାମଲା ରୁଜୁ ହୋଇଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ଦେବଗ୍ରାହୀ ମହାନ୍ତି ସୂଚନା ଦେଇଛନ୍ତି।

# ରାସୋଳ ମହୋତ୍ସବ ଉଦ୍‌ଯାପିତ

ରାସୋଳ,୧୭।୪(ସରୋଜ ମିଶ୍ର)

ରାସୋଳ ଖେଳ ପଡିଆଠାରେ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨୦ତମ ରାସୋଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ ଯୋଗ ଦେଇଥିଲେ। ବିକାଶ ପରିଷଦର ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ପାଗ ଅନୁକୂଳ ଥିବାରୁ ଯାତ୍ରା ପଡ଼ିଆରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭକ୍ତି ପୁଷ୍ପାଞ୍ଜଳି ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଏସ୍‌ଡିପିଓ ସତ୍ୟ ପ୍ରକାଶ ନନ୍ଦଙ୍କ ନିର୍ଦ୍ଦେଶରେ ରାସୋଳ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।


ରାସୋଳ ମହୋତ୍ସବ ଉଦଯାପନୀ ସନ୍ଧ୍ୟାରେ ଅତିଥିମାନେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ


ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୧୭।୪(ରତନ ନାୟାର)

ଢେଙ୍କାନାଳ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଓ ଡିଏସ୍‌ପି ସନ୍ଧ୍ୟାରାଣୀ ବେହୁରିଆ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧାନଚାନ୍ଦ ମିଶ୍ର ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସ୍ମିତିସୁଧା ଜେନ ବାର୍ଷିକ କ୍ରୀଡ଼ା ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ବର୍ଗର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବାଳିକାରେ ଅଂଶୁପ୍ରଭା ଷେଣ୍ଡ, ବାଳକ ବିଭାଗରେ ରିତେଶ ତରାଇ, ବରିଷ୍ଠ ବାଳିକା ବିଭାଗରେ ଲିପିନା ପ୍ରଧାନ ଓ ବାଳକ ବିଭାଗରେ ସ୍ୱୟଂ ରାଉତ୍ ଚାମ୍ପିୟନ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଶାନ୍ତି ପାଠ କରିଥିଲେ। ମନୋହର ଶତପଥୀ ସଂଯୋଜନା କରିଥିଲେ। ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମିନା ନାଏକ, ସୀମାରାଣୀ ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା, ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ, ବିରଞ୍ଚି ନାଏକ ପ୍ରମୁଖ ସହଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧାନଚାନ୍ଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଲୁହାପ୍ଲେଟ୍ ଖସି ଛାତ୍ରୀ ଗୁରୁତର

**ସ୍କୁଲ ପରିସରରେ ଅଘଟଣ**

ଢେଙ୍କାନାଳ,୧୭।୪(ରତନ ନାୟାର)



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ଅଘଟଣ ଘଟିଛି। ଶ୍ରେଣୀ ଗୃହ ନିର୍ମାଣ କାମ ଚାଲିଥିବା ବେଳେ ଏକ ଲୁହାପ୍ଲେଟ୍ ଖସିପଡ଼ି ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ତଥା କୁଶୁପଙ୍ଗା ଗ୍ରାମର ଅନିଲ ବେହେରାଙ୍କ ଝିଅ ରାଜଲକ୍ଷ୍ମୀ ବେହେରାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାଠପଢ଼ା ସମୟରେ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି। ଖବରପାଇ ମଙ୍ଗଳପୁର ସିଆର୍‌ସିସି ପ୍ରଫୁଲ୍ଲ ଭୋଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏ ସଂକ୍ରାନ୍ତରେ ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋ କହିଛନ୍ତି, ଘଟଣା ପରେ ସିଆରସିସି ଚିକିତ୍ସାଳୟକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ତାଙ୍କ ଅବସ୍ଥା ଭଲଥିବା ଜଣପଡିଛି। ଯେହେତୁ ଏହା ଏକ ଘରୋଇ ବିଦ୍ୟାଳୟ, ତେଣୁ ଘଟଣା ସମ୍ପର୍କରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛୁ।

# ବ୍ୟାଡମିଣ୍ଟନ ପ୍ରତିଭାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଢେଙ୍କାନାଳ,୧୭।୪(ରତନ ନାୟାର)



ଜିଲା ପ୍ରଶାସନ ପକ୍ଷରୁ କୁନି ବ୍ୟାଡମିଣ୍ଟନ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭାରତୀୟ କ୍ରୀଡ଼ା ଆୟୋଗ ପକ୍ଷରୁ ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ ପାଇଁ ୧୩ବର୍ଷରୁ କମ୍ ବର୍ଗରେ ଢେଙ୍କାନାଳ ଜର୍ଜ ସରକାରୀ ୟୁପି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ପୀୟୁଷ ରଞ୍ଜନ ବେହେରା, ଢେଙ୍କାନାଳ ଏସ୍‌ଡି ଗାର୍ଲସ ହାଇସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଯୁକ୍ତି ଧଳ ଓ ଭୁବନର ସପ୍ତମ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ଏହି ସଫଳ କୁନି ବ୍ୟାଡମିଣ୍ଟନ ପ୍ରତିଭାଙ୍କୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି କୁନି ପ୍ରତିଭାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଜିଲାପାଳ ସୋମେଶ ଉପାଧ୍ୟାୟ ସ୍ୱାଗତ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପୀୟୂଷ ରଞ୍ଜନ ବେହେରାଙ୍କ କୋଚ୍ ମଳୟ ପଟ୍ଟନାୟକ, ପ୍ରଯୁକ୍ତିଙ୍କ ଟ୍ରେନର ତାରିଣୀ ପ୍ରସାଦ ମାଝୀ, ଓମ ପ୍ରକାଶଙ୍କ ଟ୍ରେନର ଭୁବନର ହଳଧର ବେହେରାଙ୍କୁ ଜିଲାପାଳ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଜିଲା କ୍ରୀଡା ଅଧିକାରୀ ସୁଦୀପ୍ତ କୁମାର ସାହୁ, ଢେଙ୍କାନାଳ ଇନ୍‌ଡୋର ଷ୍ଟାଡିୟମର ବ୍ୟାଡମିଣ୍ଟନ ଟ୍ରେନର ତାରିଣୀ ପ୍ରସାଦ ମାଝୀ, ଭୁବନ ବିଜୁପଟ୍ଟନାୟକ ଇନ୍‌ଡୋର ହଲର ବ୍ୟାଡମିଣ୍ଟନ ଟ୍ରେନର ହଳଧର ବେହେରା, ଢେଙ୍କାନାଳ ବ୍ୟାଡମିଣ୍ଟନ ଏକାଡେମୀର ସହକାରୀ କୋଚ୍ ଆକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ପ୍ରଯୁକ୍ତି ଧଳ ଅନୁପସ୍ଥିତ ଥିଲେ। ସାଇ ରିଜିଓନାଲ ବ୍ୟାଡମିଣ୍ଟନ ଏକାଡେମୀ ଭୁବନେଶ୍ୱରରେ ଥିବା ଭାରତ ସରକାରଙ୍କ କ୍ରୀଡ଼ା ଆୟୋଗ ଦ୍ୱାରା ପରିଚାଳିତ ଆବାସିକ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କେନ୍ଦ୍ରରେ ଏହି ୩ ପ୍ରତିଭା ଆବାସିକ ଅନ୍ତେବାସୀ ଭାବେ ମାଗଣାରେ ପ୍ରଶିକ୍ଷଣ ନେବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶାର ସ୍ୱାଭିମାନ ବଞ୍ଚାଇ ରଖିବାକୁ ଲଢ଼ୁଥିଲେ ବିଜୁବାବୁ

**ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ**

ଢେଙ୍କାନାଳ,୧୭।୪(ରତନ ନାୟାର)



ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବିଜେଡି ନେତୃବୃନ୍ଦ।

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଗୁରୁବାର ଆର୍‌ଟିଓ ଅଫିସ ନିକଟସ୍ଥ ଅଡିଟୋରିୟମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ବିନୋଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତିତ୍ୱ କରି ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ, ବିଜୁ ପଟ୍ଟନାୟକ ଓଡ଼ିଶାର ସ୍ୱାଭିମାନକୁ ବଞ୍ଚାଇ ରଖିବା ପାଇଁ ଲଢ଼େଇ କରୁଥିଲେ। ସମସ୍ତ ଓଡ଼ିଆ ସ୍ୱାଭିମାନର ସହ ବଞ୍ଚିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା। ତାଙ୍କର ପ୍ରତିମୂର୍ତ୍ତି ପୋଡ଼ାଯିବା ଘଟଣାକୁ ତିବ୍ର ନିନ୍ଦା କରୁଛୁ। ଆଗାମୀ ପଞ୍ଚାୟତ ନିର୍ବାଚନ ହିଁ ଉଚିତ ଜବାବ ଦେବ। କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ କହିଲେ, ଆଧୁନିକ ଓଡ଼ିଶା ଗଠନ ଓ ମା' ମାନଙ୍କୁ ଆଗକୁ ନେବା ବିଜୁ ବାବୁଙ୍କ ସ୍ୱପ୍ନ ଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଜିଲା କୃଷକ ବିଜେଡି ସଭାପତି ନରୋତ୍ତମ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ପ୍ରମୁଖ ଓଡ଼ିଆଙ୍କ ସ୍ୱାଭିମାନ ପାଇଁ ବିଜୁ ବାବୁଙ୍କ ସଂଗ୍ରାମର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସାଗିର, ସନ୍ଦୀପ ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ସାହୁ, ଅଜୟ ଭଞ୍ଜ, ପ୍ରଦୀପ ରାଉତ, ଆଇନଜୀବୀ ସୁରେଶଚନ୍ଦ୍ର ମହାପାତ୍ର, କାଉନସିଲର ଲିପିକା ଦାସ ଓ ଶୁଭଲକ୍ଷ୍ମୀ ସାହୁ, ଶୁଭଦର୍ଶିନୀ ପରିଡ଼ା, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ଚିନାରା ଓ ଅଶୋକ ପରିଡ଼ା, ବିଭୁ ପ୍ରସାଦ ଦେହୁରୀ, ବିଶ୍ୱନାଥ ଜେନା ପ୍ରମୁଖ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଜିଲା ସାଧାରଣ ସମ୍ପାଦକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଗଙ୍ଗାଧର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ସକାଳ ତିଳତର୍ପଣ କରାଯିବା ସହିତ ରଥଗଡ଼ାସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ମୁମ୍ବାଇର କ୍ରମାଗତ ଦ୍ୱିତୀୟ ବିଜୟ

**ମୁମ୍ବାଇ,୧୭।୪**

ଚଳିତ ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ୪ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍ଆର୍ଏଚ୍)କୁ ପରାସ୍ତ କରିଛି। ହାଇଦ୍ରାବାଦ୍ ପକ୍ଷରୁ ଧାର୍ଯ୍ୟ ୧୬୩ ରନର ଟାର୍ଗେଟକୁ ମୁମ୍ବାଇ ୧୮.୧ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ମୁମ୍ବାଇର କ୍ରମାଗତ ଦ୍ୱିତୀୟ ଓ ମୋଟ ଉପରେ ତୃତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ ଲାଗି ଏହା ପଞ୍ଚମ ପରାଜୟ। ମ୍ୟାଚ୍ ପୂର୍ବରୁ ମୁମ୍ବାଇ ବ୍ୟାଟର ରୋହିତ ଶର୍ମାଙ୍କୁ ବିସିସିଆଇ ସଭାପତି ରୋଜର ବିନି ସମ୍ବର୍ଦ୍ଧିତ କରିଥିଲେ।

ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ୨୮ ବଲରେ ସର୍ବାଧିକ ୪୦ (୭ ଚୌକା) ରନ କରିଥିବା ବେଳେ ହେନରିଚ କ୍ଲାସେନ ୨୮ ବଲରେ ୩୭ (୩ ଚୌକା ଓ ୨ ଛକା), ଟ୍ରାଭିସ ହେଡ୍ ୨୮ (୩ ଚୌକା), ଅନିକେତ ବର୍ମା ୮ ବଲରେ ୧୮ (୨ ଛକା) ରନ କରିଥିଲେ। ଏହି ମ୍ୟାଚ୍ ଜରିଆରେ ହେଡ୍ ଦ୍ୱିତୀୟ ଦ୍ରୁତତମ ବ୍ୟାଟର ଭାବେ ଆଇପିଏଲ୍ କ୍ୟାରିୟରରେ ଏକ ହଜାର ରନ ପୂରଣ କରିଛନ୍ତି। ମୁମ୍ବାଇ ପକ୍ଷରୁ ୱିଲ ଜ୍ୟାକ୍ସ ୨ ଉଇକେଟ ନେଇଥିବା ବେଳେ ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ ବୁମରା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ମୁମ୍ବାଇକୁ ରିଆନ ରିକଲଟନ ଓ ରୋହିତ ଶର୍ମାଙ୍କ ଓପନିଂ ଯୋଡ଼ି ଭଲ ଆରମ୍ଭ କରିଥିଲେ। ରୋହିତ ୧୬ ବଲରେ ୩ ଛକା ବଳରେ ୨୬ ଓ ରିକଲଟନ ୫ ଚୌକା ସହିତ ୩୧ ରନ ପାଭିଲିଅନ ଫେରିଥିଲେ। ଏହାପରେ ୱିଲ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୫୨ ରନ ଯୋଡ଼ିଥିଲେ। ଦୁହେଁ ପ୍ରତିପକ୍ଷ ଦଳର ଅଧିନାୟକ ପ୍ୟାଟ କମିନ୍ସଙ୍କ ବଲରେ ଆଉଟ ହୋଇଥିଲେ। ଜ୍ୟାକ୍ସ ୨୬ ବଲରେ ୩ ଚୌକା ଓ ୨ ଛକା ସହିତ ୩୬ ଏବଂ ସୂର୍ଯ୍ୟକୁମାର ୧୫ ବଲରେ ୨ ଲେଖାଏ ଚୌକା ଓ ଛକା ବଳରେ ୨୬ ରନ କରି ପାଭଲିଅନ ଫେରିଥିଲେ। ଶେଷ ଆଡ଼କୁ ତିଲକ ବର୍ମା ୧୭ ଓ ହାର୍ଦ୍ଦିକ ୨୧ (୩ ଚୌକା ଓ ୧ ଛକା) ରନ କରି ଦଳକୁ ଜିତାଇଥିଲେ। ହାଇଦ୍ରାବାଦ ପକ୍ଷରୁ କମିନ୍ସ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଏଶାନ ମାଲିଙ୍ଗା ଦୁଇଟି ସଫଳତା ହାତେଇଥିଲେ।


ଶଟ୍ ଖେଳିବା ଅବସରରେ ୱିଲ୍ ଜ୍ୟାକ୍ସ।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ପଞ୍ଜାବ**

ସ୍ଥାନ: ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


### ସଂକ୍ଷିପ୍ତ ସ୍କୋର

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୬୨/୫ (ଅଭିଷେକ ଶର୍ମା–୪୦, ହେନରିଚ କ୍ଲାସେନ–୩୭, ଟ୍ରାଭିସ ହେଡ–୨୮, ୱିଲ ଜ୍ୟାକ୍ସ–୨/୧୪, ଯଶପ୍ରୀତ ବୁମରା–୧/୨୧,ଟ୍ରେଣ୍ଟ ବୋଲ୍ଟ–୧/୨୯)। ମୁମ୍ବାଇ ଇଣ୍ଡିଆନ୍ସ: ୧୮.୧ ଓଭରରେ ୧୬୬/୬ (ୱିଲ୍ ଜ୍ୟାକ୍ସ–୩୬, ରିଆନ ରକଲଟନ–୩୧, ସୂର୍ଯ୍ୟକୁମାର ଯାଦବ–୨୬, ପ୍ୟାଟ କମିନ୍ସ–୩/୨୬, ଏଶାନ ମାଲିଙ୍ଗା–୨/୩୬,ହର୍ଷଲପଟେଲ–୧/୩୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୦.୭୪୪ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | −୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | −୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | −୧.୨୭୬ |




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ